

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୦ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 20 OCTOBER 2022
Vol.No. 33 ■ No. 272 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ନେବେ ଖାଡଗେ



ନୂଆଦିଲ୍ଲୀ, ୧୯/୧୦ : କଂଗ୍ରେସ ସଭାପତି ନିର୍ବାଚନରେ ଏକତରଫା ବିଜୟ ହାସଲ କରିଥିବା ମଲ୍ଲିକାର୍ଜୁନ ଖାଡଗେ ଆସନ୍ତା ୨୬ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ। ଆଜି ସେ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ଶଶି ଥରୁରଙ୍କୁ ଏକତରଫା ଭାବେ ସଭାପତି ନିର୍ବାଚନରେ ପରାସ୍ତ କରିଛନ୍ତି। ପରାଜୟ ପରେ ଥରୁର ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ବିଜୟୀ ଖାଡଗେଙ୍କୁ ଭେଟିଛନ୍ତି। ଏଥିସହ ଦଳକୁ ମଜବୁତ କରିବା ଓ ଫାଶୀବାଦ ବିରୋଧରେ ଲଢ଼େଇ କରିବା ପାଇଁ ପୂରା କଂଗ୍ରେସ ଏକାଠି ରହିଥିବା କହିଛନ୍ତି। କଂଗ୍ରେସର ୯,୩୮୫ ଜଣ ପଦାଧିକାରୀ ୧୭ ତାରିଖରେ ଅନୁଷ୍ଠିତ ହୋଇଥିବା ସଭାପତି ନିର୍ବାଚନରେ ଭୋଟ ଦେଇଥିଲେ। ଏହା ମଧ୍ୟରୁ ୭୮୯୭ ଖଣ୍ଡ ଭୋଟ ଖାଡଗେଙ୍କ ସପକ୍ଷରେ ପଡ଼ିଥିବା ବେଳେ ଶଶି ଥରୁର ୧୦୭୨ ଖଣ୍ଡ ଭୋଟ ପାଇଥିଲେ। ୪୧୬ ଖଣ୍ଡ ଭୋଟ ନାକଚ ହୋଇଛି। ନିର୍ବାଚନରେ ପରାଜୟକୁ ସ୍ୱୀକାର କରି ଶଶି ଥରୁର କହିଛନ୍ତି ଯେ କଂଗ୍ରେସର ପୁନଃରଉଦ୍ଧାର ଆଜି ଠାରୁ ହିଁ ଆରମ୍ଭ ହୋଇଛି। ଖାଡଗେ କଂଗ୍ରେସ ସଭାପତି ନିର୍ବାଚନ ଜିତିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଟ୍ୱିଟ କରି ଶୁଭେଚ୍ଛା ଜଣାଇଛନ୍ତି। ଦୀର୍ଘ ୨୪ ବର୍ଷ ପରେ କଂଗ୍ରେସକୁ ଅଣ ଗାନ୍ଧି ବସ୍ ମିଳିଛନ୍ତି। ଅର୍ଥାତ ଗାନ୍ଧି ପରିବାର ବାହାରୁ କେହି ସଭାପତି ହୋଇଛନ୍ତି। ୮୦ ବର୍ଷୀୟ ଖାଡଗେ ଶେଷ ମୁହୂର୍ତ୍ତରେ କଂଗ୍ରେସ ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଥିଲେ। ତାଙ୍କୁ ଗାନ୍ଧି ପରିବାରର ପୂର୍ଣ୍ଣ ସମର୍ଥନ ମିଳିଥିଲା। ସେ ପ୍ରାୟ ୮୪% ଭୋଟ ପାଇଛନ୍ତି। ୨୦୧୯ରେ ରାହୁଲ ଗାନ୍ଧି କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେବା ପରେ ସୋନିଆ ଗାନ୍ଧି ଏହି ଦାୟିତ୍ୱରେ ଥିଲେ। ଏବେ ସଭାପତି ନିର୍ବାଚନରେ ଖାଡଗେ ଜିତିଥିବାରୁ ସେ ସୋନିଆଙ୍କ ଠାରୁ ୨୬ ତାରିଖରେ ଦଳର ଦାୟିତ୍ୱ ଗ୍ରହଣ କରିବେ। ପରମ୍ପରା ଅନୁଯାୟୀ, ନୂଆ ସଭାପତି ୧୦ ଜନପଥରେ ରହୁଥିବା ସୋନିଆ ଗାନ୍ଧିଙ୍କୁ ଭେଟିବାକୁ ଚାହିଁଥିଲେ। ହେଲେ ସୋନିଆ ଏହି ପରମ୍ପରାକୁ ଭାଙ୍ଗି ନିଜେ ଖାଡଗେଙ୍କ ପାଖକୁ ଶୁଭେଚ୍ଛା ଜଣାଇବାକୁ ଆସିଥିଲେ। ସେ ହାତରେ ଫୁଲ ଧରି ଖାଡଗେଙ୍କ ୧୦ ରାଜାଜୀ ଘରେ ପହଞ୍ଚି ତାଙ୍କୁ ବିଜୟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଆଜି ଖାଡଗେଙ୍କୁ ଦଳର ନିର୍ବାଚନ ଅଧିକାରୀ ମଧୁସୂଦନ ମିସ୍ତ୍ରୀ ବିଜୟୀ ଘୋଷଣା କରିବା ପରେ କଂଗ୍ରେସ ମୁଖ୍ୟମାଳୟରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା। ବାରମ୍ବାର ନିର୍ବାଚନରେ ହାରି ଉତ୍ସବ ଭୁଲି ଯାଉଥିବା କଂଗ୍ରେସ ସମର୍ଥକମାନେ ଆଜି ସେଲିବ୍ରେସନ ପାଇଁ ସୁଯୋଗ ପାଇଥିଲେ। ଗାନ୍ଧି ପରିବାରର ଘନିଷ୍ଠ ଭାବେ ଜଣାଶୁଣା ଖାଡଗେ ଦଳକରେ ସଂସ୍କାର ଆଣିବେ ବୋଲି କହିଛନ୍ତି। ହେଲେ ଏହା କେତେ ଦୂର ସମ୍ଭବ ହେଉଛି, ତାହା ହିଁ ବଡ଼ ପ୍ରଶ୍ନ।

## ଆତଙ୍କବାଦ ବିରୋଧୀ ଲଢେଇରେ ପୁଣି କଂଟା ସାଜିଲା ଚୀନ



ନୂଆଦିଲ୍ଲୀ, ୧୯/୧୦ : ଆତଙ୍କବାଦ ଦମନରେ ବାହାରିଥିବା ଭାରତକୁ ଏବେ ବିରୋଧ କରିଛି ଚୀନ । ମିଳିତ ଜାତିସଂଘରେ ପୁଣି ଥରେ ଚୀନ ଆତଙ୍କବାଦୀଙ୍କୁ ସମର୍ଥନ କରିଛି । ପାକିସ୍ଥାନୀ ଆତଙ୍କବାଦୀ ସଙ୍ଗଠନ ଲସ୍କର-ଇ-ତୋଇବା ନେତା ସାହିଦ ମହମ୍ମଦଙ୍କୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଆଖ୍ୟା ଦେବା ପାଇଁ ଭାରତ ପ୍ରସ୍ତାବ ଆଣିଥିଲା । ଯାହାକୁ ଚାଇନା ସମର୍ଥନ କରିନାହିଁ । ଗତ କିଛିମାସ ମଧ୍ୟରେ ଆତଙ୍କବାଦୀ ବିରୋଧ ଅଭିଯାନରେ ବେଜିଂର ଚତୁର୍ଥ ଥର ପାଇଁ ଏଭଳି ତଥ୍ୟ ସାମ୍ନାକୁ ଆସିଛି । ବିଶ୍ୱ ଦରବାରେ ଆତଙ୍କବାଦୀ ସଙ୍ଗଠନକୁ କଳାତାଲିକାଭୁକ୍ତ କରିବାରେ ବେଜିଂ ବାଧକ ସାଜିଛି । ଭାରତ ପକ୍ଷରୁ ଜାତିସଂଘ ସୁରକ୍ଷା ପରିଷଦରେ ଲସ୍କର-ଇ-ତୋଇବା ନେତା ସାହିଦ ମହମ୍ମଦକୁ ଅନ୍ତର୍ଜାତୀୟ ଆତଙ୍କବାଦୀ ଭାବେ ଘୋଷଣା କରିବାକୁ ଆଲୋଚନା ପାଇଁ ଭାରତ ଏକ ପ୍ରସ୍ତାବ ଦେଇଥିଲା । ହେଲେ ଚୀନ ତାର ଭିଟୋ ଶକ୍ତି ପ୍ରୟୋଗ କରି ଏହି ଆଲୋଚନାକୁ ଅଟକାଇଛି । ତେବେ ୟୁଏସ ଟ୍ରେଜେରୀ ଡ଼ିପାର୍ଟମେଂଟ ୨୦୧୬ରେ ମହମ୍ମଦଙ୍କୁ ଆତଙ୍କବାଦୀ ଶ୍ରେଣୀରେ ତାଲିକାଭୁକ୍ତ କରିଛି । ପୂର୍ବରୁ ମୁମ୍ବାଇ ଆକ୍ରମଣରେ ସାମିଲ ଆତଙ୍କବାଦୀ ସାଜିଦ ମୀରକୁ କଳାତାଲିକାଭୁକ୍ତ କରିବାକୁ ଜାତିସଂଘରେ ଆସିଥିବା ପ୍ରସ୍ତାବକୁ ଚୀନ ଅଟକାଇ ଦେଇଛି ।

## ନନ୍ଦନକାନନ ପାଖରେ ୧୬ ଟିକିଆ ଜଙ୍ଗଲୀ ହାତୀପଲ

ଭୁବନେଶ୍ୱର, ୧୯/୧୦(ନି.ପ୍ର): ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଚେରୀ ନିକଟରେ ୧୬ ଟିକିଆ ଜଙ୍ଗଲୀ ହାତୀପଲଙ୍କୁ ଦେଖିବାକୁ ମିଳିଛି। ନନ୍ଦନକାନନ ପଛ ଗେଟ୍ ଦାରୁଠେଙ୍ଗ ଗାଁ ପାଖରେ ଏହି ହାତୀପଲ ରହିଛନ୍ତି। ସୂଚନା ଅନୁସାରେ ଗତକାଲି ରାତିରେ ଏହି ହାତୀପଲ ଚନ୍ଦକା ଅଭୟାରଣ୍ୟ ଦେଇ ନନ୍ଦନକାନନ ପଛପଟ ଗେଟ୍ ଦାରୁଠେଙ୍ଗ ଗାଁ ପାଖକୁ ଚାଲିଆସିଥିଲେ। ସେମାନେ ଦାରୁଠେଙ୍ଗ ଅଂଚଳରେ ବ୍ୟାପକ ପନିପରିବା ନଷ୍ଟ କରିଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଘଟଣାସ୍ଥଳରେ ବନ ବିଭାଗ ପହଂଚି ହାତୀମାନଙ୍କ ଉପରେ ନଜର ରଖିଛି ଏବଂ ସେମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରୁଛି।

## ଆଗାମୀ ୨୪ ଘଣ୍ଟାରେ ଲଘୁଚାପ, ୨୨ରେ ଅବପାତ ଆଶଙ୍କା



ଭୁବନେଶ୍ୱର, ୧୯/୧୦(ନି.ପ୍ର): ଆଇଏମ୍ଡି-ଜିଏଫ୍ଏସ୍ ମଡେଲର ଆକଳନ । ଓଡ଼ିଶାରେ ଲ୍ୟାଣ୍ଡଫଲ୍ କରିପାରେ ବାତ୍ୟା 'ସିତ୍ରାଙ୍ଗ' । ଆଇଏମଡି-ଜିଏଫ୍ଏସ୍ ମଡେଲ ଜାରିକରିଛି । ଏହି ମଡେଲ କହୁଛି, ଉତ୍ତର ଓଡ଼ିଶା ଉପକୂଳରେ ହୋଇପାରେ ଲ୍ୟାଣ୍ଡଫଲ୍ । ୨୮ ତାରିଖ ସକାଳ ୫ଟା ୩୦ରେ ବାତ୍ୟା ଛୁଇଁପାରେ ସ୍ଥଳଭାଗ । ପଶ୍ଚିମବଙ୍ଗର ଦିଘା ଏବଂ ବାଂଲାଦେଶର ପଥେର ଘାଟ ମଧ୍ୟରେ ସ୍ଥଳଭାଗ ଛୁଇଁପାରେ ବାତ୍ୟା ୨୫ ତାରିଖ ସକାଳ ୫ଟା ୩୦ରୁ ସଂଧ୍ୟା ୫ଟା ୩୦ ମଧ୍ୟରେ ହୋଇପାରେ ଲ୍ୟାଣ୍ଡଫଲ। ସମ୍ଭାବ୍ୟ ବାତ୍ୟାର ସ୍ଥିତି, ଗତି ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇଥିଲେ ବି ବିଭିନ୍ନ ମଡେଲ ଏହାକୁ ନେଇ ପୂର୍ବାନୁମାନ କରୁଛନ୍ତି । ଭାରତୀୟ ପାଣିପାଗ ବିଭାଗର ନଜର ସମସ୍ତ ମଡେଲ ଉପରେ ରହିଛି । ପ୍ରତ୍ୟେକ ମଡେଲକୁ ବିଶ୍ଳେଷଣ କରୁଛି ଆଇଏମଡି । ଏହାରି ଭିତରେ ଭାରତୀୟ ପାଣିପାଗ ବିଭାଗ ଉଠାଇଥିବା ସାଟେଲାଇଟ୍ ଚିତ୍ର ସାମ୍ନାକୁ ଆସିଛି । ଉତ୍ତର ଆଣ୍ଡାମାନ ସାଗର ଓ ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଅଧିକ ସକ୍ରିୟ ହେବାରେ ଲାଗିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଏହା ଲଘୁଚାପର ରୂପ ନେବା ଆଶଙ୍କା ରହିଛି । ଏହାପରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ ଏବଂ ଅଧିକ ଘନୀଭୂତ ହୋଇ ୨୨ ତାରିଖ ସକାଳେ ଏହା ନେଇପାରେ ଅବପାତର ରୂପ । ଆହୁରି ଘନୀଭୂତ ହୋଇ ତୀବ୍ର ଅବପାତ ଏବଂ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ସାମୁଦ୍ରିକ ଝଡ଼ ବା ବାତ୍ୟାର ▶▶ପୃଷ୍ଠା ୭

## ଓଆରଏଚଡିସି ଦୁର୍ନୀତି ମାମଲା: ହାଇକୋର୍ଟଙ୍କ ରହିତାଦେଶରେ ମୋକିମ ଆଶ୍ୱସ୍ତ



ଭୁବନେଶ୍ୱର, ୧୯/୧୦(ନି.ପ୍ର): ଓଆରଏଚଡିସି ଦୁର୍ନୀତି ମାମଲାରେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କୁ ଆଶ୍ୱସ୍ତି ମିଳିଛି। ଭିଜିଲାନ୍ସ କୋର୍ଟଙ୍କ ଦଣ୍ଡାଦେଶ ଉପରେ ହାଇକୋର୍ଟ ରହିତାଦେଶ ଲଗାଇଛନ୍ତି। ଫଳରେ ମୋକିମଙ୍କ ବିଧାୟକ ପଦ ବଜାୟ ରହିଛି । ଆସନ୍ତା ଫେବୃଆରୀ ୨୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ହାଇକୋର୍ଟଙ୍କ ରାୟ ଆସିବା ପରେ ପ୍ରତିକ୍ରିୟାରେ କଟକ ବାରବାଟୀ ବିଧାୟକ ମୋକିମ କହିଛନ୍ତି ଯେ ମୁଁ କୃତଜ୍ଞ । ନ୍ୟାୟପାଳିକା ଉପରେ ବିଶ୍ୱାସ ଥିଲା। ମୋ ନିର୍ବାଚନ ମଣ୍ଡଳୀର ଭୋଟର ଙ୍କ ପାଖରେ ମୁଁ ଋଣୀ । ଏହା ପୁରୁଣା ମାମଲା, ଜନ ପ୍ରତିନିଧି ଭାବେ କୌଣସି ସମ୍ପର୍କ ନାହିଁ। ୨୦୦୦ ମସିହା ଜାନୁଆରୀ ୪ ତାରିଖରୁ ୨୦୦୧ ମସିହା ମେ' ୧୫ ତାରିଖ ପର୍ଯ୍ୟନ୍ତ ପୂର୍ବତନ ଆଇଏଏସ୍ ଅଫିସର ବିନୋଦ କୁମାର ଓଆରଏଚଡିସିର ପରିଚାଳନା ▶▶ପୃଷ୍ଠା ୭

### ୭ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯/୧୦(ନି.ପ୍ର): ଆସନ୍ତା୨୪ ଘଂଟା ମଧ୍ୟରେ ଦକ୍ଷିଣ-ପୂର୍ବ ପାର୍ଶ୍ୱବର୍ତ୍ତୀ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ବାତ୍ୟାର ରୂପ ନେଇ ପାରେ। ଏହି ପରିପ୍ରେକ୍ଷୀ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ୭ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜିଲ୍ଲାଗୁଡିକ ହେଲା ଗଂଜାମ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡା ଓ ବାଲେଶ୍ୱର।

## ଶଶୀକଳାଙ୍କ ସମେତ ୪ଜଣଙ୍କ ଉପରେ ସଂଗୀନ ଅଭିଯୋଗ

## ୨୦୧୬ ଡିସେମ୍ବର ୫ରେ ନୁହେଁ ୪ ତାରିଖରେ ହୋଇଥିଲା ଆମ୍ମାଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୧୯/୧୦ : ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିବଂଗତ ଜୟଲଳିତାଙ୍କ ମୃତ୍ୟୁ ଘଟଣାକୁ ନେଇ କିଛି ଦିନ ହେବ ଯେଉଁ ସନ୍ଦେହ ଥିଲା ତାକୁ ଏବେ ଅଧିକ ଘନୀଭୂତ କରିଛି କରିଛି ମାମଲାର ଯାଂଚ କରୁଥିବା ଅରୁମୁଗାସ୍ୱାମୀ ଯାଂଚ କମିଟିର ରିପୋର୍ଟ । ଅରୁମୁଗାସ୍ୱାମୀ ଯାଂଚ କମିଟି ରିପୋର୍ଟରେ ଏଭଳି କିଛି କଥା କୁହାଯାଇଛି କି ଯାହା ଜୟଲଳିତାଙ୍କ ଡେଥ ମିଷ୍ଟ୍ରିକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି । ଏହି ଯାଂଚ କମିଟି ରିପୋର୍ଟରେ ଶଶୀକଳା, ଜୟଲଳୀତାଙ୍କ ଚିକିତ୍ସା କରିଥିବା ଡକ୍ଟର କେଏସ ଶିବକୁମାର, ତାମିଲନାଡୁର ପୂର୍ବ ସ୍ୱାସ୍ଥ୍ୟ ସଚିବ ରାଧାକ୍ରିଷ୍ଣ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସି.ବିଜୟଭାସ୍କରଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି ଓ ଏମାନଙ୍କ ବିରୋଧରେ ପୁଣି ଥରେ ଯାଂଚ କରିବାକୁ ରାଜ୍ୟସରକାଙ୍କୁ କହିଛି କମିଟି । ମଙ୍ଗଳବାର ତାମିଲନାଡୁ ସରକାର ବିଧାନସଭାରେ ଜୟଲଳିତାଙ୍କ ମୃତ୍ୟୁର ଯାଂଚ ରିପୋର୍ଟକୁ ଉପସ୍ଥାପନ କରିଥିଲେ । ଏହି ଯାଂଚ କମିଟିରେ ୩ଜଣ ଅବସରପ୍ରାପ୍ତ ବିଚାରପତି ଥିଲେ । ଏହି କମିଟି ୫ଶହ ପୃଷ୍ଠାର ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେଇଛନ୍ତି । ୨୦୧୬ ମସିହା ଡିସେମ୍ବର ୫ ତାରିଖରେ ଚେନ୍ନାଇ ଆପୋଲରେ ମୃତ୍ୟୁ ହୋଇଥିଲା । ଡାକ୍ତର କହିଥିଲେ ହୃଦଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ଆମ୍ମାଙ୍କ ମୃତ୍ୟୁକୁ ନେଇ ଏଆଇଏଡିଏମକେ ନେତା ଓ ପନୀରସେଲଭମ ପ୍ରଶ୍ନ ଉଠାଇଥିଲେ । ପରେ ପଲାନୀସସ୍ୱାମୀ ସରକାର ଗଠନ କରିବା ପରେ ମୃତ୍ୟୁ ମାମଲାର ଯାଂଚ ପାଇଁ ଏକ ପ୍ୟାନେଲ ଗଠନ କରିଥିଲେ ।

## ୧୩ ହଜାର ଟଙ୍କା ଲାଂଚ ନେଇ ଟ୍ୟାକ୍ସ କଲେକ୍ଟର ଗିରଫ

ଭୁବନେଶ୍ୱର, ୧୯/୧୦(ନି.ପ୍ର): ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ମ୍ୟୁନିସିପାଲଟିର ଟ୍ୟାକ୍ସ କଲେକ୍ଟର ଏମଡି ନାସିର। ଅଭିଯୋଗକାରୀଙ୍କ ଠାରୁ ୩ ବର୍ଷର ହୋଲ୍ଡିଂ ଟ୍ୟାକ୍ସ ଅପଡେଟ୍ କରିବା ଏବଂ କମ୍ ଟଙ୍କାରେ ନୂଆ ହୋଲ୍ଡିଂ ନମ୍ବର ଲାଗି ଫାଇଲ ପ୍ରୋସେସିଂ କରିବା ପାଇଁ ଟ୍ୟାକ୍ସ କଲେକ୍ଟର ଏମଡି ନାସିର ୧୩ ହଜାର ଟଙ୍କା ଲାଂଚ ନେଉଥିଲେ। ଏହି ସମୟରେ ରାଉରକେଲା ଭିଜିଲାନ୍ସ ପୋଲିସ୍ ଚଢାଉ କରି ଅଭିଯୁକ୍ତଙ୍କ ଠାରୁ ୧୩ ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ । ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

## ଶ୍ରୀକ୍ଷେତ୍ରରେ ମହାପ୍ରସାଦ ହେଉଛି ମହଙ୍ଗା



ଭୁବନେଶ୍ୱର, ୧୯/୧୦(ନି.ପ୍ର): କାର୍ତ୍ତିକ ମାସରେ ଧର୍ମ ଅର୍ଜନ କରିବା ପାଇଁ ପୁରୀରେ ଭକ୍ତଙ୍କ ଭିଡ ଲାଗୁଛି । ମହାପ୍ରଭୁଙ୍କୁ ଦର୍ଶନ କରି ମହାପ୍ରସାଦ ଖାଇବାକୁ ଭକ୍ତ ଆଗ୍ରହ ରଖୁଛନ୍ତି । ହେଲେ ଅବଢା ଦର ଭକ୍ତଙ୍କୁ ନିରାଶ କରିଛି । ଭକ୍ତଙ୍କୁ ବେଶି କଷ୍ଟ ଦେଉଛି ଶ୍ରୀମନ୍ଦିର ଆନନ୍ଦବଜାର, ଉତ୍ତର ଦ୍ୱାର ଓ ଦକ୍ଷିଣ ଦ୍ୱାରରେ ଥିବା ଦଣ୍ଡିଆମାନଙ୍କ ଶୋଷଣ । ଏମାନେ ମହାପ୍ରସାଦକୁ ୫୦ ଟଙ୍କାରେ କିଣି ଭକ୍ତଙ୍କୁ ଦେଢ ଶହରୁ ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି । ଦର ଏତେ ଅଧିକ ରହୁଛି ଯେ ଗରିବ ଭକ୍ତ ପକ୍ଷେ ଏହା କିଣିବା ସମ୍ଭବପର ହୋଇପାରୁନାହିଁ । ଦର ଆଗରେ ମୁଣ୍ଡ ନୁଆଁଇ ଏମାନେ ବିନା ମହାପ୍ରସାଦରେ ଘରକୁ ଫେରିବାକୁ ବାଧ ହେଉଛନ୍ତି । ବାଇହାଣ୍ଡିରେ ୧୦ କେଜି ଚାଉଳ ରନ୍ଧା ହୁଏ । ସେହିଭଳି ଦୁଇ ଗଉଣିଆରେ ୮ କେଜି, ସମାଧିରେ ୭ରୁ ସାଢେ ୭ କେଜି, ଦାସିଆରେ ସାଢେ ୫ କେଜିରୁ ସାଢେ ୬କେଜି ଚାଉଳ ରନ୍ଧା ହୁଏ । ବାଇହାଣ୍ଡି ଜିରା ରାଇସ ଅନ୍ନ ଦର ପୂର୍ବରୁ ୧୨ଶହରୁ ୧୪ ଶହ ଟଙ୍କାରେ ବିକ୍ରି ହେଉଥିଲା । ଏବେ ଏହା ୧୬ ଶହରୁ ଅଧିକ ଟଙ୍କାରେ ବିକ୍ରି ହେଉଛି । ବାସୁମତି ଚାଉଳର ବାଇହାଣ୍ଡି ପୂର୍ବରୁ ୨୨ ଶହ ଟଙ୍କାରେ ବିକ୍ରି ହେଉଥିଲା । ଏବେ ଏହା ୨୫ଶହରୁ ଅଧିକ ଟଙ୍କାରେ ବିକ୍ରି ହେଉଛି । ପୂର୍ବରୁ ବାଇହାଣ୍ଡି ଜିରା ରାଇସର ସେଟ୍ (ଅନ୍ନ, ଡ଼ାଲି, ଦୁଇଟି ତରକାରୀ)ର ଦର ସାଢେ ୪ ହଜାର ଟଙ୍କା ଥିଲା । ଏବେ ୪ହଜାର ୮ଶହରୁ ୫ହଜାର ଟଙ୍କାରେ ବିକ୍ରି କରାଯାଉଛି । ସେହିଭଳି ବାସୁମତି ଚାଉଳ ବାଇହାଣ୍ଡି ସେଟ୍ ସାଢେ ୫ହଜାରରୁ ୬ହଜାର ଟଙ୍କାରେ ବିକ୍ରି ହେଉଛି । ▶▶ପୃଷ୍ଠା ୭

## ରାଜେନ୍ଦ୍ର ଦାସ ବିଜେଡିରୁ ବହିଷ୍କୃତ



ଭୁବନେଶ୍ୱର, ୧୯/୧୦(ନି.ପ୍ର): ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସଙ୍କୁ ଦଳରୁ ବହିଷ୍କାର କରିଛି ବିଜେଡି। ଦଳ ବିରୋଧୀ କାର୍ଯ୍ୟ ପାଇଁ ରାଜେନ୍ଦ୍ରଙ୍କୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହିଷ୍କାର କରିଥିବା ନେଇ ଦଳ ପକ୍ଷରୁ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ବିଜେଡିରୁ ବହିଷ୍କୃତ ହେବା ପରେ ରାଜେନ୍ଦ୍ର ଦାସ ପ୍ରତିକ୍ରିୟା ଦେଇ କହିଛନ୍ତି, ସଭାପତିଙ୍କ ନିଷ୍ପତିକୁ ମୁଣ୍ଡ ପାତି ସହୁଛି ଓ ସ୍ୱାଗତ କରୁଛି। ଆମେ ଲୋକଙ୍କ ସହ ଅଛୁ। କାର୍ଯ୍ୟାନୁଷ୍ଠାନ ବଡ଼ କଥା ନୁହେଁ। ଲୋକଙ୍କ ସେବା କରିବା ପାଇଁ ରାଜନୀତି କରୁଛି। ଧାମନଗରବାସୀଙ୍କ ସ୍ୱାଭିମାନ ରକ୍ଷା ପାଇଁ ସଂଗ୍ରାମ ଜାରି ରହିବ। ମୋ ପଛରେ ଧାମନଗରବାସୀଙ୍କ ସମର୍ଥନ ରହିଛି ଓ ମୁଁ ନିଶ୍ଚୟ ବିଜୟୀ ହେବି। ସୂଚନାଯୋଗ୍ୟ ଯେ ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଏଥର ଉପନିର୍ବାଚନରେ ବିଜେଡିରୁ ଟିକେଟ ପାଇବା ପାଇଁ ଆଶାୟୀ ଥିଲେ। କିନ୍ତୁ ଦଳ ତାଙ୍କୁ ଟିକେଟ୍ ନଦେଇ ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କଲା। ଫଳରେ ରାଜେନ୍ଦ୍ର ଅସନ୍ତୁଷ୍ଟ ହୋଇଥିଲେ। ତାଙ୍କୁ ଦଳ ପକ୍ଷରୁ ବୁଝାଇବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ସେ ବୁଝି ନଥିଲେ। ଶେଷରେ ରାଜେନ୍ଦ୍ର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ।ରାଜେନ୍ଦ୍ର ଏବେ ଉପନିର୍ବାଚନ ପାଇଁ ଜୋରସୋରରେ ପ୍ରଚାର କରୁଛନ୍ତି। ତାଙ୍କୁ 'ଭାସମାନ ଡଙ୍ଗା ସହ ନାବିକ ଓ କାତ' ଚିହ୍ନ ମିଳିଛି। ବିଜେପିର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ବିୟୋଗ ଯୋଗୁ ଧାମନଗରରେ ହେଉଛି ଉପନିର୍ବାଚନ। ଏଥିରେ ବିଜେପି ପକ୍ଷରୁ ବିଷ୍ଣୁ ସେଠୀଙ୍କ ପୁଅ ସୂରଜ ସୂର୍ଯ୍ୟବଂଶୀ ପ୍ରାର୍ଥୀ ହୋଇଛନ୍ତି।

# କୃଷି ଉଦ୍ୟୋଗୀଙ୍କୁ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ପ୍ରଦାନ

ପୁରୀ ,୧୯/୧୦ (ନି.ପ୍ର): ପୁରୀ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ କାର୍ଯ୍ୟାଳୟ ସାକ୍ଷୀଗୋପାଳରେ ପ୍ରଧାନ ମନ୍ତ୍ରୀ କୃଷକ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଗବେଷଣା ବିଭାଗର ଅଧକ୍ଷ ପ୍ରଫେସର ଡ଼ା. ସଂଗ୍ରାମ କେଶରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହକୁ ଉଦଘାଟନ କରିଥିଲେ । ବାରମ୍ବାର ପ୍ରାକୃତିକ ବିପତି କୃଷକମାନଙ୍କର ଅର୍ଥନୈତିକ ଦୁର୍ଗତିର କାରଣ ହେଉଛି, ତେଣୁ କୃଷକ ମାନେ ଆଧୁନିକ ଜ୍ଞାନ କୌଶଳ, ଅତ୍ୟାଧୁନିକ ଯନ୍ତ୍ରପାତି ଉପଯୋଗ ଜରିଆରେ କିପରି ଉନ୍ନତ ପ୍ରଣାଳୀ ଚାଷ ପ୍ରତି ସଚେତନ ହୋଇପାରିବେ ଏନେଇ ସୂଚନା ଦେଇଥିଲେ । ପୁରୀ କୃଷି ବିଜ୍ଞାନ କେନ୍ଦ୍ର ର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼ା. ସଞ୍ଜୟ କୁମାର ମହାନ୍ତି ସ୍ୱ ପ୍ରତିକୂଳ ପରିସ୍ଥିତିରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନେ ଚାଷୀମାନଙ୍କ ସହିତ ସବବେଳେ ରହିଛନ୍ତି ବୋଲି ପ୍ରତିଶ୍ରୁତି ଦେଇଥିଲେ । ବେୟର କ୍ରପ ସାଇନ୍ସ (ଓଡ଼ିଶା ଶାଖା), ସିଶା, ଇରି ଏବଂ କୃଷି ବିଜ୍ଞାନ କେନ୍ଦ୍ର ପୁରୀ ଜିଲ୍ଲାର କୃଷକ ମାନଙ୍କ ସହ ଯନ୍ତ୍ର ମାଧ୍ୟମରେ ଧାଡ଼ି ବୁଣା ଧାନ ଚାଷଜନିତ ଜ୍ଞାନ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଧ୍ୱେୟର ଶସ୍ୟ ବିଜ୍ଞାନର ଶସ୍ୟ ବିଶେଷଜ୍ଞ ଡା. ବିମଳ ପାଣ୍ଡେ ଧାଡ଼ି ବୁଣା ଧାନ ଚାଷ ଏବଂ ତାର ରୋଗ ପୋକ ଦମନ ବିଷୟରେ ଅନେକ ତଥ୍ୟ ପ୍ରଦାନ କରିଥିଲେ । ସିସା ପ୍ରକଳ୍ପର ମୁଖ୍ୟ ଡ. ଅଶୋକ ଯାଦବ ଯନ୍ତ୍ରଚାଳିତ ଧାଡ଼ି ବୁଣା ଧାନ ଚାଷ କୃଷକ ମାନଙ୍କ ମଧ୍ୟରେ ଆଦୃତ ହୋଇପାରିବ ବୋଲି ଆଶ୍ୱାସନା ଦେଇଥିଲେ ।

ପ୍ରଧାନମନ୍ତ୍ରୀ କୃଷକ ସମାରୋହରେ ପୁରୀ ଜିଲ୍ଲାର କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ସଫଳତା ହାସଲ କରିଥିବା ୨୪ ଜଣ କୃଷି ଉଦ୍ୟୋଗୀ ମାନଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ଦ୍ୱାରା ଆୟୋଜିତ କୃଷକ ସମାରୋହରେ ୧୧ଟି ବ୍ଲକରୁ ୨୫୦ ରୁ ଉର୍ଦ୍ଧ କୃଷିଜୀବୀ ମହିଳା ଓ କୃଷକ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ର ର କୃଷି ଯାନ୍ତ୍ରୀକରଣ ବୈଜ୍ଞାନିକ ଡ. ଦିପଶିଖା ପରମଜିତା, ଗୃହ ବିଜ୍ଞାନୀ ଡ. ସୁମିତା ଆଚାର୍ଯ୍ୟ, ସମ୍ପ୍ରସାରଣ ବୈଜ୍ଞାନିକ ଶୋନିତା ରାନୀ ସେଠୀ, କୃଷକ ଭାଇ ଓ ଭଉଣୀ ମାନଙ୍କୁ ଉତ୍ସାହିତ କରିଥିଲେ । ଧାନ, ପାନ, ପନିପରିବା, ଫଳ, ଫୁଲ, କଦଳୀ, ଡାଲି, ମାଛ, କୁକୁଡ଼ା, ,ତକ, ଗାଈ ଓ ମହୁଚାଷୀ ଏଂ ଜୈବିକ ସାର, କୃଷି ଉପକରଣ ପ୍ରସ୍ତୁତ କାରୀ ମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୧୦୧ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଂଟ ସିଜ୍

ଗଞ୍ଜାମ ,୧୯/୧୦ (ନି.ପ୍ର): ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଯତ୍ନ, ଥଇଥାନ ଓ ଶିକ୍ଷାଦାନ ଦିଗରେ କାମ କରୁଥିବା ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ ସମର୍ଥ ଶିକ୍ଷାନୁଷ୍ଠାନର ସମ୍ପାଦକ କେ. ଆନନ୍ଦ ରାଓଙ୍କ କେଳଙ୍କାରୀ ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପ୍ରଶାସନର ସ୍ୱତନ୍ତ୍ର କମିଟି ତଦନ୍ତ ପରେ ଅନୁଷ୍ଠାନର ୧୦୧ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଂଟକୁ ସିଜ୍ କରିଥିବା ସୂଚନା ମିଳିଛି । ସମ୍ପାଦକ ଆନନ୍ଦ ଦିବ୍ୟାଙ୍ଗ ପିଲାଙ୍କ ନାମରେ ବ୍ୟାଙ୍କ ଆକାଉଂଟ ଖୋଲି ଲକ୍ଷାଧିକ ଟଙ୍କାର କାରବାର ଚଳାଇଥିଲେ ।

ବ୍ୟାଙ୍କର ତଥ୍ୟ ଅନୁସାରେ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଅଜାଣତରେ ଆନନ୍ଦ ଏହି ବେଆଇନ କାର୍ଯ୍ୟ ଚଳାଇ ଆସୁଥିଲେ । ଛତ୍ରପୁରରେ ଥିବା ୮ଟି ବ୍ୟାଙ୍କରେ ୧୦୧ ଛାତ୍ରଛାତ୍ରୀଙ୍କ ଆକାଉଂଟ ଖୋଲା ଯାଇଥିଲା । ଯେଉଁଥିରେ ସରକାରୀ ଅନୁଦାନ ଜମା ହେଉଥିବା ବେଳେ ଆନନ୍ଦ ସେମାନଙ୍କ ଅଜାଣତରେ ଟଙ୍କା ଉଠାଇ ହଡ଼ପ କରୁଥିଲେ । ଏହି ଅଭିଯୋଗ ସତ ପ୍ରମାଣିତ ହେବା ପରେ ଉକ୍ତ ସମସ୍ତ ଆକାଉଂଟକୁ ଅନୁଧ୍ୟାନ ସହ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏସବୁ ଆକାଉଂଟକୁ ସିଜ୍ କରାଯାଇଛି ।

# ରଶୀରେ ଯାତାୟତ କରୁଛନ୍ତି ତୁମୁଡିବନ୍ଧ ସିର୍ଲା ପଂଚାୟତର ଲିଙ୍ଗିପଦର ଲୋକେ

କନ୍ଧମାଳ ,୧୯/୧୦ (ନି.ପ୍ର): ଦେଶ ସ୍ୱାଧୀନତା ର ୭୫ ବର୍ଷ ବିତି ଲାଣି ହେଲେ ନଦୀ ଉପରେ ପୋଲ ଟିଏ ନିର୍ମାଣ ହୋଇପାରିଲା ନାହିଁ ଫଳରେ ବର୍ଷା ଆସିଲେ ନଦୀରେ ପାଣି ଆସିଲେ ଲୋକ ଜୀବନ କୁ ବାଜି ଲଗାଇ ଦଉଡି ସାହାଯ୍ୟରେ ରାହୁଲ ନଦୀ ପାର ହେଉଛନ୍ତି । ଦଉଡି ଧରି ସମସ୍ତେ ଧାଡ଼ିବାନ୍ଧି ଆସୁଛନ୍ତି । ଦଉଡି ଛିଡିଗଲେ ଜୀବନ ଚାଲିଯିବା ଭୟ ରହିଛି । ପୋଲ ଟିଏ ନିର୍ମାଣ କରିବାକୁ ଗ୍ରାମବାସି ବାରମ୍ବାର ଦାବୀ କରିଆସୁଥିଲେ ବି ସରକାର ପୋଲ ନିର୍ମାଣ କରୁ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସି ।ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ତୁମୁଡିବନ୍ଧ ବ୍ଲକ ସିରଲା ପଂଚାୟତରେ । ଏହି ପଂଚାୟତ ଅନ୍ତର୍ଗତ ଲିଙ୍ଗିରପଦର, ପାଡ଼ାମାହା, ପଙ୍ଗଲ ପଦର, ଆଦି ଗ୍ରାମ ର ଲୋକେ ନଦୀ ଆରପଟେ ରହୁଛନ୍ତି । ଫଳରେ ବର୍ଷା ଦିନରସେମାନେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ର କିଣିବା ପାଇଁପ୍ରତିଦିନ ନିକଟସ୍ଥ ସୁବର୍ଣ୍ଣ ଗିରି, କୋଟଗଡ଼ବଜାର ଉପରେ ଉପରେ ନିର୍ଭର କରିଥାନ୍ତି ।ଖରାଦିନେ ପାଣି ଶୁଖିଯିବା ଫଳରେ ଯେମିତି ସେମିତି ଯିବା ଆସିବା କରିହୁଏ ହେଲେ ବର୍ଷା ଦିନରେ ରାହୁଲ ନଦୀ ବାଧକ ସାଜିଥାଏ ବୋଲି ସରପଞ୍ଚ ନୃସୁଙ୍ଗା ପାଟ ମାଝୀ, ୱାର୍ଡ ମେମ୍ବର ସଂଜ ମଳିକ ପ୍ରମୁଖ କହିଛନ୍ତି । ନିର୍ବାଚନ ସମୟ ରେ ନେତା ଭୋଟ ପାଇଁ ଗାଁ କୁ ଆସିଲେ ପୋଲ କରିଦେବୁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି ଆଉ ଭୋଟ ସରିଲେ ଭୁଲିଯାଉଛନ୍ତି । ଆଉ ଆସୁନାହାନ୍ତି । ରାହୁଲ ନଦୀ ଉପରେ ପୋଲ ନିର୍ମାଣ ନହେଲେ ଆଗାମୀ ସାଧାରଣ ନିର୍ବାଚନ ବର୍ଜନ କରାଯିବ ବୋଲି ସରପଞ୍ଚ ପାଟମାଝି ଓ ଗ୍ରାମବାସି କହିଛନ୍ତି ।

# ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା ,୧୯/୧୦ (ନି.ପ୍ର): କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ ସୁରେଶ ଚନ୍ଦ୍ର ଦଳାଇ ଦିନିକିଆ କେନ୍ଦ୍ରାପଡା ଗସ୍ତରେ ଆସି ରାଜସ୍ୱ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଜଙ୍ଗାଙ୍ଗ ସର୍କିଟ୍ ହାଉସ ଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ, ଦୁର୍ଗା ପ୍ରସାଦ ମହାରଣା, ଡେପୁଟି କଲେକ୍ଟର ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟା, ତହସିଲଦାର ହେମଲତା ବାହାଲିଆ, ପଟ୍ଟମୁଣ୍ଡାଇ ତହସିଲଦାର ଦିଲିପ କୁମାର ସେଠୀଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ପ୍ରମୁଖ ଯୋଗ ଦେଇଥିଲେ । ଆୟୁକ୍ତ ଶ୍ରୀ ଦଳାଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜନ ମଙ୍ଗଳକାରୀ ସରକାରୀ ଯୋଜନାକୁ ସଫଳ ରୂପାୟନ ଲାଗି ପ୍ରଶାସନକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବିଭିନ୍ନ ତହସିଲରେ ଫଇସଲା ହୋଇନଥିବା ରାଜସ୍ୱ ମାମଲା ଗୁଡିକ ଯଥା ଦାଖଲ ଖାରଜ ମାମଲା, ଭୂ-ବନ୍ଦୋବସ୍ତ ମାମଲା ଓ ସୀମାଙ୍କନ ମାମଲା ଗୁଡିକୁ ସମାଧାନ କରି ତହସିଲଦାର ମାନେ କ୍ୟାମ୍ପ କୋର୍ଟ କରି ୩ଦିନ ମଧ୍ୟରେ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ କ୍ଷୁଦ୍ର ଲଘୁ ଖଣିଜ ପଦାର୍ଥରୁ ଅଧିକ ରାଜସ୍ୱ ଆଦାୟ ପାଇଁ ପରାମର୍ଶ ଦେବା ସହ ବେଆଇନ ଭାବେ ଲଘୁ ଖଣିଜ ପଦାର୍ଥର ଉତତୋଳନ ଓ ଚାଲାଣ ରୋକିବାକୁ ଦୃଢ ପଦକ୍ଷେପ ନେବାକୁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୂଲବାନ ସରକାରୀ ଜମିକୁ ସୁରକ୍ଷିତ ରଖିବା ଓ ଏଥିରେ ଥିବା ଜବରଦଖଲକୁ ଉଚ୍ଛେଦ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ସହ ଏହାର ଉପକାରିତା ଲୋକାଭୀମୁଖୀ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଅବକାରୀ ଚଢାଉ ବେଳେ ମଦ ଓ ପୋଚ ଜବତ

ଜୟପୁର ,୧୯/୧୦ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଶୁଖିଆଗୁଡାରେ ଜୟପୁର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଚଢ଼ୁ କରି ବହୁ ମଦ ଭାଟି ଭାଙ୍ଗିବା ସହ ୭ ଶହ ଲିଟର ପୋଚ ଓ ୫୦ ଲିଟର ଦେଶୀ ମଦକୁ ଅବକାରୀ ବିଭାଗ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଂଜାମ ଓ ଡ୍ରମ ଅଦିକୁ ଜବତ କରିଥିବା ଅବକାରୀ ବିଭଗ ତରଫରୁ ସୂଚନା ଦିଆଯାଇଛି ।

# ପୁରୀରେ ଘାତକ ସାଜିଛି ଫ୍ଲେବର ଇଟାରାସ୍ତା

ପୁରୀ ,୧୯/୧୦ (ନି.ପ୍ର): ପୁରୀ ପୌରାଞ୍ଚଳରେ ଏବେ ଚାରିଆଡ଼େ ଫ୍ଲେବର ଇଟାରେ ରାସ୍ତା ନିର୍ମାଣ କରାଯାଉଥିବା ଦେଖିବାକୁ ମିଳୁଛି । ଯେଉଁ ଉଦ୍ଦେଶ୍ୟ ନେଇ ଏହି ଇଟା ରାସ୍ତା ନିର୍ମାଣ ହେଉଛି ସେହି ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ । ବର୍ଷାଜଳ ସଂରକ୍ଷଣ କରିବା ସହ ଭୂତଳ ଜଳ ସ୍ତର ସଂରକ୍ଷିତ କରିବା ପାଇଁ ଏହି ଇଟାର ରାସ୍ତା କରାଯାଉଛି । ପ୍ରାୟ ସାହି ରାସ୍ତାରେ କଂକ୍ରିଟ ରାସ୍ତା ଉପରେ ବାଲି ପକାଇ ତା ଉପରେ ଫ୍ଲେବର ଇଟା ବିଛା ଯାଉଛି । ଫ୍ଲେବର ଇଟାର ଫାଙ୍କ ବାଟେ ପାଣି ଶୋଷି ହୋଇ ଭୂତଳକୁ ନଯାଇ କଂକ୍ରିଟ ରାସ୍ତା ଉପରେ ଜମି ରହିବାରୁ ଫ୍ଲେବର ଇଟା ଦବୁଛି ଓ ଖାଲ ଢିପ ସୃଷ୍ଟି ହେଉଛି । ଯାହାଫଳରେ ଅନେକ ସ୍ଥାନରେ ଦୁର୍ଘଟଣା ଘଟୁଛି । ଅନ୍ୟପକ୍ଷରେ ବର୍ଷାଦିନେ ପଙ୍କ କାଦୁଅ ଜମି ରହୁଥିବାରୁ ସେହି ସ୍ଥାନରେ ବାଇକ ଗୁଡ଼ିକ ସ୍ଲିପ୍ କରି ଚାଳକ ଆହତ ହେଉଛନ୍ତି । ପୁରୀ ସହରର ବିଭିନ୍ନ କାମରେ ଇଟା ଫ୍ୟାକଟ୍ରି ମାଲିକ ମାଲେ ମାଲ ହେଉଥିବା ବେଳେ ସାହିବାସିନ୍ଦା ମାନେ ଦୁର୍ଘଟଣା ଗ୍ରସ୍ତ ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି । ଇଟା ଏଭଳି ଖଞ୍ଜା ଯାଉଛି ଯଦି ଗୋଟିଏ ଇଟା ସେଟରୁ ବାହାରି ଯାଉଛି ତାହାଲେ ତାକୁ ଖଞ୍ଜିବା ପାଇଁ ଶହେ ଇଟା କୋଳିବା ପଡୁଛି । ଯେଉଁ ଠିକାଦାର କାମ କରୁଛନ୍ତି ସିଲ ଆଉ ମରାମତି କରୁନାହାନ୍ତି । ଆଜି ଲୋକନାଥ ରୋଡ ଷଣ୍ଢ ଯାଗାଠାରୁ ବଳିଆପଣ୍ଡାକୁ ଯାଇଥିବା ଦାମୋଦର ରୋଡ଼ର ଓଡ଼େଶା ଭବନ ନିକଟରେ ଏହି ଭଳି ଇଟା ରାସ୍ତା ଭାଙ୍ଗିଥିବା ଦେଖିବାକୁ ମିଳିଛି । ବିଶ୍ୱସ୍ତରୀୟ ସହରର ଏହି ବିକଳ ରୂପ ଦେଖି ପର୍ଯ୍ୟଟକ ମୁଣ୍ଡରେ ହାତ ମାରୁଛନ୍ତି । ଏହି ରାସ୍ତାକୁ ତୁରନ୍ତ ମରାମତି ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି ।

# କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧ ସିଏସଆର୍ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା ,୧୯/୧୦ (ନି.ପ୍ର): ସ୍କୁଲ ଅଫ୍ ଗ୍ରାମୀଣ ପରିଚାଳନା ଏକ୍ସଆଇଏମ ବିଶ୍ୱବିଦ୍ୟାଳୟ (ନୂତନ କ୍ୟାମ୍ପସ୍), ଓଡିଶା ଏବଂ ଗ୍ରାମୀଣ ପରିଚାଳନା ଆଲୁମିନି ସହ ଏକ୍ସପେକ୍ଟ ଆରଏମ କାର୍ଯ୍ୟକ୍ରମ ବିକାଶ ଏବଂ ଗ୍ରାମୀଣ ମାର୍କେଟିଂ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମ ଓଡିଶାର ଏକ୍ସଆଇଏମ ବିଶ୍ୱବିଦ୍ୟାଳୟର ଗ୍ରାମୀଣ ପରିଚାଳନା ବିଭାଗର ଡିନ୍ ପ୍ରଫେସର ନୀରଜ କୁମାରଙ୍କ ସ୍ୱାଗତ ପ୍ରାର୍ଥନା ଏବଂ ଅବଜେକ୍ଟିଭ୍ ସେଟିଂ ଠିକଣା ସହିତ ଆରମ୍ଭ ହୋଇଥିଲା । ଏହି ସମ୍ମିଳନୀକୁ ଦୁଇଟି ଅଧିବେଶନରେ ବିଭକ୍ତ କରାଯାଇଥିଲା, ଯଥା - ସିଏସ୍ ?ଆର୍ ।ଏହି କାର୍ଯ୍ୟକ୍ରମ ରେ ଭାରତରେ କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧ ସିଏସ୍ ?ଆର୍ ପରିଚାଳକଙ୍କ ଭୂମିକା ନେଇ ଆଲୋଚନା ହୋଇଥିଲା ।

ସିଏସଆର ରେ ସୃଷ୍ଟି କରାଯାଉଥିବା ସୁଯୋଗ, ଉଦ୍ଭାବନ ଏବଂ ପରିବର୍ତ୍ତନଗୁଡିକ ମଧ୍ୟ ଅନୁସନ୍ଧାନ କରାଯାଇଥିଲା ଛ ଅତିଥିମାନେ ମହାମାରୀ ପଥ ବିଷୟରେ କହିଥିଲେ । ଯେଉଁଥିରେ ପୁନ ନିର୍ମାଣ,ପୁନ ନିର୍ମାଣ ଏବଂ ପୁନ ନିର୍ମାଣ ଅନ୍ତର୍ଭୁକ୍ତ ଥିଲା ଭାରତରେ ସିଏସ୍ଇର ଇତିହାସ ଏବଂ ଗ୍ରାମୀଣ ବିକାଶରେ ବିଭିନ୍ନ କମ୍ପାନୀ କିପରି ସହଯୋଗ କରିବାର ଏହି ଆଲୋଚନା କରାଯାଇଥିଲା । ବକ୍ତାମାନେ ସତର ସ୍ଥିରତା ଲକ୍ଷ୍ୟ ଏବଂ ମୂଳ ସିଏସଆର ଯୋଜନା ଯଥା ଜଳବାୟୁ କାର୍ଯ୍ୟ, ବୃକ୍ଷରୋପଣ କାର ?ୟ, ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରାୟୀ ଜୀବିକା, ମହିଳା ସଶକ୍ତିକରଣ, କ୍ରୀଡା ଏବଂ ଅନ୍ୟାନ୍ୟ କାର ?ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ ଛସେହିପରି ଏହି ଅଧିବେଶନରେ, ବକ୍ତାମାନେ ସିଏସଆର ଡୋମେନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସୁଯୋଗ ଏବଂ ଆହ୍ୱାନ ଉପରେ ଗୁରୁତ୍ୱ ଦେଇଥିଲେ ।କେବଳ ଉଦ୍ଭାବନ ଯେପରିକି କର୍ପୋରେଟର ମାନବିକ ଦିଗଗୁଡିକର ମହତ୍ୱ ଚିହ୍ନଟ କରିବା, କୋଭିଡ ସମୟରେ ରିଲିଫ୍ ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ପାଇଁ ଆଲୋଚନା କରାଯାଇଥିଲା ଛ ଏପରିକି ସିଏସଆର ବିକାଶର ପରିସର ଏବଂ ସିଏସଆରର ଭୂମିକା ଉପରେ ଆଲୋକପାତ କରିଥିଲେ ଛ ସେମାନେ ଆହୁରି ମଧ୍ୟ ଜୋର ଦେଇଛନ୍ତି ଯେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ସିଏସଆର ବିକାଶମୂଳକ କାର୍ଯ୍ୟକଳାପ ପାଇଁ ତଥ୍ୟ ଟ୍ରାକିଂ ପାଇଁ ଲାଭଦାୟକ ହୋଇପାରେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିଳ୍ପପତି ଓ ମୋଡ଼ରେଟରଙ୍କ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା କ୍ୟାପିଟାଲ ସିଏସ୍ଆର ର ମୁଖ୍ୟ ଙ୍କୁ ରିପୋର୍ଟ କରୁଥିବା ସିଏସ୍ଆର ଲିଡ଼ ମ୍ୟାନେଜର ଦ୍ୱେଜିତ ବାନାର୍ଜୀ, ଟାଟା ଟ୍ରଷ୍ଟର ଆଂଚଳିକ ପରିଚାଳକ ବରୁଣ କପାଳ,ଜଳବାୟୁ ସଂସଦ ର ରାଜ୍ୟ ସଂଯୋଜକ ଇତିଶ୍ରୀ କାନୁନଗୋ ,ଅକ୍ଷାନୋଭାଙ୍କ ପ୍ରତିଷ୍ଠାତା ଅମିତ କୁମାର ଲୋକେଶ ସାବରୱାଲ ମୋଟା ଚାଷମାର ସିଇଓ ତଥା ମାର୍କେଟିଂ ମୁଖ୍ୟ, କିରଣ ଜ୍ୟୋତି ମହାସୁଆର ପିଏଚ୍ଡି ଆଇଟିସି ପରଫେଟିରେ କାମ କରିବା ପରେ ଆଇଆଇଏମ କୋଜିକୋଡ଼ିରେ ପ୍ରାର୍ଥୀ ପ୍ରଫେସର ଗ ତମ ପ୍ରତୀକ, ପ୍ରଫେସର ସ୍କୁଲ ଅଫ୍ ଗ୍ରାମୀଣ ପରିଚାଳନା, ଏକ୍ସଆଇଏମ ବିଶ୍ୱବିଦ୍ୟାଳୟର ପ୍ରଫେସର ନୀରଜ କୁମାର, ଏକ୍ସଆଇଏମ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଗ୍ରାମୀଣ ପରିଚାଳନା ବିଭାଗର ଡିନ୍ ଏକ୍ସପେକ୍ଟଆରଏମ ର ପଂଚମ ସଂସ୍କରଣ ଛାତ୍ରମାନଙ୍କୁ ବ୍ୟବସାୟ ପ୍ରତି ସ୍ଥାୟୀ ଏବଂ ସୃଜନଶୀଳ ଆଭିମୁଖ୍ୟ ବାବଦରେ ସାହାଯ୍ୟ କରିବାକୁ ଲକ୍ଷ ରଖିଛି । ଯାହା ଏକ ନିର୍ଦ୍ଦିଷ୍ଟ କମ୍ପାନୀ ଏହାର ପରିବେଶ ସାମାଜିକ ଓ ଅର୍ଥନୈତିକ ସେଟିଂ ରେ କିପରି କାର୍ଯ୍ୟ କରେ ତାହାକୁ ଦୀର୍ଘ ମିଆଦି ମୂଲ୍ୟ ବିକାଶ କରେ । ଛାତ୍ର ମାନଙ୍କୁ ସଚେତନତା ସୃଷ୍ଟି କରିବା ଏବଂ ବିକାଶ ନୀତି ଉପରେ ସେମାନଙ୍କର ଧାରଣାକୁ ସୁଦ୍ଧ । କରିବା ପାଇଁ ଜୀବିକା ରଣନୀତି ଏବଂ ଦକ୍ଷତା ବିକାଶ ପଦ୍ଧତି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା ଛ କନକ୍ଲେଭ ପ୍ରଫେସର ନୀରଜ କୁମାର, ଡିନ୍ ସ୍କୁଲ୍ ଅଫ୍ ଗ୍ରାମୀଣ ପରିଚାଳନା, ଏକ୍ସଆଇଏମ ବିଶ୍ୱବିଦ୍ୟାଳୟ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତରା - ବେଢାପାଳ ରାସ୍ତା ଖାଲଖମାରେ ପୂର୍ଣ୍ଣ: ପଥଚାରୀ ହନ୍ତସନ୍ତ

ଘଟଗାଁ ,୧୯/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀ ଘଟଗାଁ ବ୍ଲକ ଅନ୍ତର୍ଗତ ତରା ଗ୍ରାମ ପଂଚାୟତର ବେଢାପାଳ ଗ୍ରାମ୍ୟ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । କେନ୍ଦ୍ର ଓ ରାଜ୍ୟ ସରକାର ସର୍ବସାଧାରଣଙ୍କ ଗମନାଗମନ ପାଇଁ ଯୋଜନା ଉପରେ ଯୋଜନା କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ, ଯୋଜନାର କାର୍ଯ୍ୟକାରିତାରେ ତଳରୁ ଉପର ପର୍ଯ୍ୟନ୍ତ ଏଥିରେ ଗୁରୁତ୍ୱ ନଦେଇ ପିସି କାରବାର ଓ ତୃଟି ବିଚ୍ୟୁତି ଯୋଗୁଁ ବ୍ଲକ ସ୍ଥିତ ପଂଚାୟତ ଗୁଡିକର ଗ୍ରାମ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା ଦେଖିବାକୁ ମିଳୁଛି । ଏହାର ମରାମତି ପାଇଁ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟକାରି ହେଉନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି ।

ଏଠାରେ ସୂଚନାଯୋଗ୍ୟ ଯେ, କଂଗ୍ରେସ ଶାସନ କାଳରେ ଉକ୍ତ ରାସ୍ତାକୁ ପିଚୁ ରାସ୍ତା କରାଯିବାକୁ ମେଟାଲିଂ କରାଯାଇଥିଲା । ପରେ ବିଜେଡି ସରକାର ଆସିବାର ୫ ବର୍ଷ ପରେ ଏମ୍ଜି ଏନଆରଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା)ରେ ସାଢେ ୮ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟୟ ଅଟକଳରେ ମାଟି ମୋରମର ନିମ୍ନମାନର କାମ କରାଯାଇଥିଲା ।ଇତିମଧ୍ୟରେ ଦୀର୍ଘ ୧୫ ବର୍ଷବିତିଯାଇଥିଲେ ହେଁଅଦ୍ୟାବଧିମୁଠେ ମାଟି କି ମୋରମ ପଡିନାହିଁ । ଯାହା ଫଳରେ ରାସ୍ତାଟି ଖାଲଖମାରେ ପୂର୍ଣ୍ଣ ହୋଇଯାଇଛି ।ଏହି ରାସ୍ତା ଦେଇ ୪ରୁ ୫ଟି ଗ୍ରାମର ଜନସାଧାରଣ ପ୍ରତ୍ୟେକ ଦିନ ଗାଡି, ମୋଟର ସାଇକେଲ ଯୋଗେ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି । ସାଧାରଣତଃ ସ୍କୁଲ କଲେଜର ଛାତ୍ରଛାତ୍ରୀ ଏହି ଖାଲଖମା କାଦୁଅ ଭରା ରାସ୍ତାରେ ପ୍ରତ୍ୟେକ ଦିନ ଯିବା ଆସିବା ପାଇଁ ବାଧ ହୋଇଥାନ୍ତି । ଏହି ରାସ୍ତାର ଅବସ୍ଥା ଅତି ଶୋଚନୀୟ ଯୋଗୁଁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ନଜିର ରହିଛି । ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଇ ରାସ୍ତାର ପୁର୍ନଃଉଦ୍ଧାର କରାଇବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ଜନ୍ମଜୟ ପାତ୍ର ସୋନପୁର ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ଭାବେ ନିଯୁକ୍ତ

ସୁବର୍ଣ୍ଣପୁର ,୧୯/୧୦ (ନି.ପ୍ର): ସୁବର୍ଣ୍ଣପୁର ପୌରପରିଷଦରେ ସୋନପୁର ବିଧାୟକ ତଥା ଓଡ଼ିଶାର ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଙ୍କ ପ୍ରତିନିଧି ଭାବରେ ମନୋନୀତ ହୋଇଛନ୍ତି ଯୁବନେତା ଜନ୍ମଜୟ ପାତ୍ର । ଶ୍ରୀ ପାତ୍ର ପୌରପରିଷଦର ୭ନମ୍ବର ୱାର୍ଡ଼ର କାଉନସିଲର ଭାବରେ ୨୦୦୩ ରୁ ୨୦୧୩ ଯାଏ ଲଗାତାର ଦୁଇ ଥର ନିର୍ବାଚିତ ହୋଇ ଆସିଥିବା ବେଳେ ୨୦୦୩ ରୁ ଏବେ ଯାଏ ଶ୍ରୀ ପାତ୍ର ନଗର ବିଜେଡି ସଭାପତି ଭାବରେ ନଗର ର ଦଳୀୟ ସମସ୍ତ କାର୍ଯ୍ୟକ୍ରମ ରେ ସଂଯୋଜନା ସହିତ ପ୍ରମୁଖ ଭୂମିକା ନେଇ ଶୃଙ୍ଖଳିତ ଭାବେ କାର୍ଯ୍ୟ କରି ଆସୁଛନ୍ତି କ୍ଷ ଯା ଫଳରେ କି ମନ୍ତ୍ରୀ ଙ୍କ ସମେତ ସମସ୍ତ ନେତା ମାନଙ୍କ ପ୍ରିୟ ଭାଜନ ହୋଇ ପାରିଛନ୍ତି ସେ କ୍ଷ ବିଧାୟକ ଙ୍କ ଅନୁପସ୍ଥିତି ରେ ପୌରପରିଷଦ ର ବିଭିନ୍ନ ବୈଠକରେ ତାଙ୍କର ପ୍ରତିନିଧି ଭାବରେ ଏଣିକି ସେ ଯୋଗଦେବେ ଏବଂ ମନ୍ତ୍ରୀ ଙ୍କ ପରାମର୍ଶ କ୍ରମେ ସରକାରୀ ଯୋଜନା ସବୁର ସଫଳ ରୂପାୟନ ପାଇଁ ବିଭିନ୍ନ କାର୍ଯ୍ୟ କୁ ତଦାରକ କରି ସହର ର ଦ୍ରୁତ ବିକାଶ ପାଇଁ ସବୁ ସ୍ତର ରେ ସମନ୍ୱୟ ରକ୍ଷା ପାଇଁ ପ୍ରୟାସ କରିବେ ବୋଲି ଜଣା ପଡିଛି ।

# ବ୍ୟାଡମିଂଟନ ବୈଷୟିକ ଅଧିକାରୀ କର୍ମଶାଳା ଉଦଘାଟିତ: ୩୦ ପ୍ରାର୍ଥୀ ତାଲିମ ନେଉଛନ୍ତି

ବଲାଙ୍ଗୀର ,୧୯/୧୦ (ନି.ପ୍ର): ପିଆର ହାଇସ୍କୁଲ ବ୍ୟାଡମିଂଟନ ଇନ୍ଡୋର ଷ୍ଟାଡିଅମ ସାରା ରାଜ୍ୟରେ ନିଜ ଢଙ୍ଗର ଏକ ମାତ୍ର ଷ୍ଟାଡିଅମ ଭଳି ଏକ ଉକ୍ତି ଆନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଅମ୍ପାୟାର ଓ ରାଜ୍ୟ ବ୍ୟାଡମିଣ୍ଟନ ସଂପାଦକ ପ୍ରକାଶ କରିବା ଶୁଣି ବଲାଙ୍ଗିରବାସୀ ନିଶ୍ଚୟ ଗର୍ବ ଅନୁଭବ କରିବେ । ବଲାଙ୍ଗିର ଭଳି ପଛୁଆ ଅନଗ୍ରସର ଅଂଚଳରେ ଏଭଳି ଏକ ଆଧୁନିକ ଓ ଉନ୍ନତମାନର ଷ୍ଟାଡିଅମ ସମ୍ଭବ କରିଥିବା ଉଦ୍ୟୋକ୍ତାମାନଙ୍କୁ ମୁଁ ସାଧୁବାଦ ଜଣାଉଛି । ତେବେ ଆନ୍ତରିକତା, ଉଦ୍ୟମ ଓ ରାଜନୈତିକ ଇଚ୍ଛାଶକ୍ତି ଥିଲେ ସବୁ ସମସ୍ୟାର ସମାଧାନ ବାଟ ଆପେ ଆପେ ଫିଟିବା ସହିତ ବିଭିନ୍ନ ଦିଗରୁ ଲୋକେ ସହଯୋଗର ହାତ ବଢାନ୍ତି । ଆଶା ତାଲିମ ନେଉଥିବା ସମସ୍ତ ପ୍ରାର୍ଥୀ ନିଜ ଲକ୍ଷରେ ସଫଳ ହେବେ ବୋଲି ଆଜି ସ୍ଥାନୀୟ ପିଆର ହାଇସ୍କୁଲ ଇନଡୋର ଷ୍ଟାଡିଅମଠାରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ବୈଷୟିକ ଅଧିକାରୀ ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର କହିଛନ୍ତି । ସେ ଆହୁରି କହିଥିଲେ ଯେ, ବ୍ୟାଡମିଣ୍ଟନ କ୍ଷେତ୍ରରେ ବଲାଙ୍ଗିର ନିଜର ନାଁ କରି ଆସିଛି । ଦୁର୍ବଳ ଭିତିଭୂମି ସତ୍ୱେ ବହୁ ବର୍ଷ ପରେ ପୁଣି ବଲାଙ୍ଗିର ଖେଳାଳି ରାଜ୍ୟସ୍ତରର ବିଭିନ୍ନ ବର୍ଗରେ ପୁଣି ବିଜୟ ଧାରା ଆରମ୍ଭ କରିଛନ୍ତି । ଜିଲ୍ଲା ସଂଘର କାର୍ଯ୍ୟକର୍ତାମାନଙ୍କ ଉଦ୍ୟମ ନିଶ୍ଚୟ ଭାବେ ପ୍ରଶଂସାର ପାତ୍ର । ଏଭଳି ଭିତିଭୂମି ବଲାଙ୍ଗିର ଖେଳାଳିମାନଙ୍କ ପରିଶ୍ରମ ଓ ପ୍ରତିଭାକୁ ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରକୁ ଉନ୍ନିତ କରିବ ବୋଲି ଶ୍ରୀ ମିଶ୍ର କହିଥିଲେ । ଆଜି ସକାଳୁ ପୂର୍ବନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଓଡିଶା ରାଜ୍ୟ ବ୍ୟାଡମିଂଟନ ସଂଘର ସଂପାଦକ ନୀଳିନ କୁମାର, କୋର୍ଟ ଅଫିସିଆଲ କମିଟି ଅଧକ୍ଷ ମନୋରଞ୍ଜନ ଦାଶ, ରାଜ୍ୟ ବରିଷ୍ଠ ବୈଷୟିକ ଅଧିକାରୀ ଜୟନ୍ତ ମିଶ୍ର ଷ୍ଟାଡିଅମକୁ ପହଂଚି ସମସ୍ତ ବ୍ୟବସ୍ଥା ଯାଂଚ କରିଥିଲେ । ପରେ ଆନ୍ତର୍ଜାତୀୟ ଓ ଅଲମ୍ପିକ ଅମ୍ପାୟାର ଉଦୟ ସାହାନେ ଓ ମୁଖ୍ୟ ଅତିଥି ଅମରେନ୍ଦ୍ର ମିଶ୍ରଙ୍କୁ ଜିଲ୍ଲା ସଂଘର କର୍ମକର୍ତାମାନେ ସ୍ୱାଗତ କରିବା ପରେ ବିଧିବଦ୍ଧ ଭାବେ ବ୍ୟାଡମିଣ୍ଟନ ବୈଷୟିକ ଅଧିକାରୀ କର୍ମଶାଳା ଉଦ୍ଘାଟନ କରିଥିଲେ । କରୋନା ଯୋଗୁଁ ବଲାଙ୍ଗିରରେ ଗତବର୍ଷ ୧୩ ବର୍ଷ ବର୍ଗର ଜାତୀୟ ପ୍ରତିଯୋଗିତା ହରାଇଥିଲା । କିନ୍ତୁ ବର୍ତମାନ ବଲାଙ୍ଗିର ସ୍ଥିତ ଇନ୍ଡୋର ସାରା ରାଜ୍ୟରେ ନିଆରା । ଆଗାମୀ ଦିନରେ ଏଭଳି ଉନ୍ନତମାନର ଭିତିଭୂମି ବିଭିନ୍ନ ସ୍ତରର ପ୍ରତିଯୋଗିତାକୁ ଆକର୍ଷିତ କରିବ ବୋଲି ରାଜ୍ୟ ସଂପାଦକ ନୀଳିନ ନିଜ ବକ୍ତବ୍ୟରେ କହିଥିଲେ । ସେହିପରି ଆନ୍ତର୍ଜାତୀୟ ଅମ୍ପାଆର ଶ୍ରୀ ସାହାନେ ମଧ୍ୟ ଇନଡୋର ସହିତ ଜିଲ୍ଲା ସଂଘର ଉଦ୍ୟମକୁ ଭୁୟସୀ ପ୍ରସଂଶା କରିବା ସହ ପ୍ରଶିକ୍ଷଣ ନେଉଥିବା ପ୍ରାର୍ଥୀମାନଙ୍କୁ ଶୁଭେଛା ଜଣାଇଥିଲେ । ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସାଂଗଠନିକ ସଂପାଦକ ସୁରୁଲାଲ ମଟାରୀ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ଘନଶ୍ୟାମ ମିଶ୍ର, ଜିଲ୍ଲା କୋଡିନେଟର ଆଦିତ୍ୟ କେଜରିୱାଲ, ମ୍ୟାଚ କୋଡିନେଟର ସୁରେନ୍ଦ୍ର ନେପାଲ ମଞ୍ଚାସୀନ ଥିବା ବେଳେ ବୈଷୟିକ ଅଧିକାରୀ ଅନନ୍ତ ବେହେରା, ମାନସ ମହାନ୍ତି, ଆଶିଷ ଉପାଧ୍ୟାୟ, ରାଜକିଶୋର ଶତପଥି, ଜିଲ୍ଲା ସଭ୍ୟ ବିରେନ୍ଦ୍ର ମିଶ୍ର, ଝୁଲୁ ପଟ୍ଟନାୟକ, କବିଚନ୍ଦ୍ର ଠାକୁର, ସୁନୀଲ ବେହେରା, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


# ୨୧ରୁ ରାଜ୍ୟ ବ୍ୟାଡମିଂଟନ ଚମ୍ପିଆନସିପ: ସାରା ରାଜ୍ୟରୁ ଭାଗ ନେବେ ୨୦୦ ପ୍ରତିଯୋଗୀ

ବଲାଙ୍ଗୀର ,୧୯/୧୦ (ନି.ପ୍ର): ସ୍ଥାନୀୟ ପି.ଆର. ହାଇସ୍କୁଲ ଇନଡୋର ଷ୍ଟାଡିଅମରେ ଆସନ୍ତା ୨୧ ତାରିଖରୁ ଓଡିଶା ରାଜ୍ୟ ବ୍ୟାଡମିଂଟନ ଚମ୍ପିଆନସିପ ଅନୁଷ୍ଠିତ ହେବ । ୧୫ ଓ ୧୭ବର୍ଷ ବର୍ଗରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ପ୍ରାୟ ୨୦୦ ଜଣ ପ୍ରତିଯୋଗୀ ଭାଗ ନେବେ । ବ୍ୟାଡମିଂଟନ ଖେଳରେ ଏସ୍ତରର ପ୍ରତିଯୋଗିତା ଆୟୋଜନ ପାଇଁ ବଲାଙ୍ଗିରକୁ ପ୍ରଥମ ଥର ପାଇଁ ସୁଯୋଗ ମିଳିଥିବା ବେଳେ ଏଭଳି ପ୍ରତିଯୋଗିତା ଅଂଚଳର ଖେଳାଳିମାନଙ୍କୁ ନୂତନ ଖେଳ ଶୈଳି ଶିଖାଇବା ସହ ଖେଳିବା ପାଇଁ ପ୍ରେରଣାଦାୟୀ ହେବ । ତେବେ ବ୍ୟାଡମିଂଟନ ପାଇଁ ସହରରେ ଥିବା ନୂତନ ଇନଡୋର ସୁବିଧାର ସଦ୍ ଉପଯୋଗ କରି ଏଠାରୁ ଜାତୀୟ ସ୍ତରର ଖେଳାଳି ତିଆରି କରିବା ଜିଲ୍ଲା ବ୍ୟାଡମିଂଟନ ସଂଘର ଏକ ମାତ୍ର ଉଦ୍ଦେଶ୍ୟ ବୋଲି ଆଜି ଇନଡୋର ଷ୍ଟାଡିଅମରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂଘର ସମ୍ପାଦକ ତଥା ପ୍ରତିଯୋଗିତାର ସାଂଗଠନିକ ସଂପାଦକ ସୁରୁଲାଲ ମଟାରୀ କହିଛନ୍ତି ।ପ୍ରତିଯୋଗିତା ବିଷୟରେ ସେ ଆହୁରି ସୁଚନା ଦେଇଛନ୍ତି ଯେ, ସ୍ଥାନୀୟ ଇନଡୋର ଠାରେ ମଙ୍ଗଳବାର ଦିନଠୁଁ ଏକ ଛଅ ଦିନିଆ ବୈଷୟୀକ ଅଧିକାରୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ଏଥିରେ ସାରା ରାଜ୍ୟରୁ ପ୍ରାୟ ୩୮ ଜଣ ଆଶାୟୀ ଅମ୍ପାୟାର ଯୋଗଦାନ କରିବେ । ପ୍ରଥମ ତିନି ଦିନ ଥିଓରି କ୍ଲାସ ହେବା ପରେ ଦ୍ୱିତିୟ ପର୍ଯ୍ୟାୟରେ ତିନି ଦିନ ସେମାନେ ପ୍ରତିଯୋଗିତାରେ ପ୍ରାକ୍ଟିକାଲ କରିବେ । ବିଶ୍ୱ ବ୍ୟାଡମିଂଟନ ଫେଡେରେସନ ଅମ୍ପାୟାର ଉଦୟ ସାନେ ଓ ଶୈଳେଶ କୁଲକର୍ଣ୍ଣୀଏମାନଙ୍କୁ ତାଲିମ ଦେବେ । ତିନି ଧରି ଏହି ଶିବର ହେବା ପରେ ୨୧ ତାରିଖ ସକାଳୁ ୧୫ ଓ ୧୭ ବୟଷ ବର୍ଗର ରାଜ୍ୟ ପ୍ରତିଯୋଗିତା ଆରମ୍ଭ ହେବ । ଉଭୟ ବର୍ଗରେ ଏକକ, ଯୁଗଳ ଓ ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ସାରା ରାଜ୍ୟରୁ ପ୍ରାୟ ୨୦୦ ପ୍ରତିଯୋଗୀ ଭାଗ ନେବେ । ରାଜ୍ୟ ସଂପାଦକ ନୀଳିନ କୁମାର, ଚିଫ ରେଫରି ରିତା ଦାଶ , ମ୍ୟାଚ କନ୍ଟ୍ରୋଲର ବିଜୟ ବାଗ, କୋର୍ଟ ଅଫିସିଆଲ ଚେଆରମ୍ୟାନ ମନୋରଞ୍ଜନ ଦାଶ ଓ ଟିଓ କୋଡିନେଟର ଲକ୍ଷପତି ନନ୍ଦ ତିନି ଦିନ ଧରି ପ୍ରତିଯୋଗିତା ପରିଚାଳନା କରିବେ ।

# ଗୁଜୁରାଟର ବରୋଦା



ସୁଷମା ପରିଜା



ଗୁଜୁରାଟ ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ସର୍ବାଗ୍ରେ ରହିଛି ବରୋଦା । ବରୋଦା ସହରଟି ଏହାର କଳକାରଖାନା ବଡ ବଡ ଆଇଟି ସେକ୍ଟରର ଅଫିସ୍ ପାଇଁ ଯେତିକି ପ୍ରସିଦ୍ଧ ସେତିକି ପ୍ରସିଦ୍ଧ ତହିଁରେ ଥିବା ସୁନ୍ଦର ସୁନ୍ଦର ପର୍ଯ୍ୟଟନ ସ୍ଥଳ ପାଇଁ।




ଏଠାରେ ରହିଛି ....

୧. ନୀଳକଣ୍ଠ ଧାମ

ବଡୋଦରା ଷ୍ଟେସନ୍‌ରୁ ପ୍ରାୟ ଷାଠିଏ କିଲୋମିଟର ଦୂରରେ ପୋଇଚାଠାରେ ରହିଛି ଏହି ଭବ୍ୟ ମନ୍ଦିରଟି ।ସ୍ୱାମୀ ନାରାୟଣ ମନ୍ଦିର ଶୃଙ୍ଖଳାର ମନ୍ଦିର ସବୁ ଭାରତର ସମସ୍ତ ବଡ ବଡ ସହରରେ ଏବଂ ଭାରତ ବାହାରେ ମଧ୍ୟ ରହିଛି। ଏହି ମନ୍ଦିର ଗୁଡିକ ବହୁତ ପ୍ରଶସ୍ତ ସ୍ଥାନରେ ଅବସ୍ଥିତ ଏବଂ ଏହାର ସ୍ୱତନ୍ତ୍ର ନିର୍ମାଣ ଶୈଳୀ, ସୂକ୍ଷ୍ମ କାରୁକାର୍ଯ୍ୟର ନମୁନା, ତଥା ସୁନ୍ଦର ରକ୍ଷଣାବେକ୍ଷଣ ବ୍ୟବସ୍ଥା ଦର୍ଶକମାନଙ୍କୁ ଖୁବ୍ ଆକୃଷ୍ଟ କରେ। ବରୋଦାର ସ୍ୱାମୀ ନାରାୟଣ ମନ୍ଦିର "ନୀଳକଣ୍ଠ ଧାମ୍" ଗୁଜୁରାଟର ଅନ୍ୟ ସ୍ୱାମୀ ନାରାୟଣ ମନ୍ଦିର ମାନଙ୍କ ତୁଳନାରେ ଏଇଟି ଗୋଟିଏ ବୃହତ୍ ଏବଂ ସୁନ୍ଦର କାରୁକାର୍ଯ୍ୟ ଭରା ମନ୍ଦିର । "ନୀଳକଣ୍ଠ ଧାମ" ନର୍ମଦା ନଦୀ ତଟସ୍ଥ ପୋଇଚାଠାରେ ଖୁବ୍ ପ୍ରଶସ୍ତ ଇଲାକାରେ ସୂକ୍ଷ୍ମ କାରୁକାର୍ଯ୍ୟଭରା ବିରାଟ ମନ୍ଦିର ଟିଏ । ମୁଖ୍ୟ ପ୍ରବେଶ ଦ୍ୱାରଟି ମଧ୍ୟ ଅତୀବ ସୁନ୍ଦର । ଦୁଇ ପଟରେ ଶୁଣ୍ଢଟେକି ରହିଥିବା ଦୁଇଟି ବିରାଟ ହାତୀଙ୍କ ଉପରେ ଲଟାଫୁଲ ଆକୃତି ହୋଇ ତିଆରି ହୋଇଛି ପ୍ରବେଶ ତୋରଣ। ଆଗକୁ ଭିତର ଦଲାଣଟି ସଂପୂର୍ଣ୍ଣ ଟାଇଲ୍‌ରେ ଆବୃତ , ଏତେ ପରିଷ୍କାର ପରିଚ୍ଛନ୍ନ ଯେ କେଉଁଠି ବି ପାଦରେ ଟିକିଏ ଧୂଳି ଲାଗିବନି। ଭିତରକୁ ଗଲେ ଆହୁରି ସୁନ୍ଦର ଦୃଶ୍ୟ । କେଉଁଠି କୁଞ୍ଜ ତ ଆଉ କେଉଁଠି ଜଳ ଫୁଆରା ଭିତରେ ସୁନ୍ଦର ମୂର୍ତ୍ତି ସବୁ ସଜା ହୋଇ ରହିଛନ୍ତି ଉଦ୍ୟାନ ମାନଙ୍କରେ ନାନାଜାତିର ଫୁଲଗଛ । ସେଥିରେ ରଙ୍ଗବେରଙ୍ଗର ଫୁଲ ଆଉ "ସଜ୍ଜିତ ଗଛ" । ସତେ ଯେମିତି ମର୍ତ୍ତ୍ୟର ନନ୍ଦନକାନନ । ଚାରିଆଡକୁ ଚାହିଁଲେ ସ୍ୱର୍ଗପୁରୀ ଭଳି ପ୍ରତେ ହେଉଛି। କିଛି ଦୂରରେ ଗ୍ରୀଲ୍ ଘେରାଯାଇ ମନ୍ଦିର ଭିତରକୁ ଯିବା ପାଇଁ ଦ୍ୱାର ଅଛି । ଉପରକୁ ଯିବା ପାଇଁ ଶଙ୍ଖ ମର୍ମର ପାହାଚ କେତୋଟି ପଡିଛି। ଗେଟ୍ ପାଖରେ ଚପଲ ଷ୍ଟାଣ୍ଡରେ ଜୋତା ଚପଲ ରଖି ଭିତରେ ପଶିବାକୁ ପଡିବ। ମନ୍ଦିରରେ କୌଣସି ପ୍ରବେଶ ଶୁଳ୍କ ଦେବାକୁ ପଡେ ନାହିଁ । ମନ୍ଦିର ଟ୍ରଷ୍ଟ ତରଫରୁ ସେଠାରେ ମ୍ୟାଟ୍ ବିଛା ହୋଇଛି । ପାଣି ଢାଳି ସେଇ ମ୍ୟାଟ୍‌କୁ ଓଦା କରାଯାଉଛି ଖରା ଦିନରେ ଭକ୍ତଙ୍କ ଚାଲିବାକୁ ସୁବିଧା ହେବା ପାଇଁ । ସଂପୂର୍ଣ୍ଣ ମନ୍ଦିରଟି ଗୋଲାକୃତିର ଏବଂ ତିନି ମହଲା ବିଶିଷ୍ଟ । ତଳ ମହଲାରେ ରହିଛି ମନୋହାରୀ ଦୋକାନ ବଜାର ଏବଂ ସାତ୍ତ୍ୱିକ ଭୋଜନାଳୟ କେତୋଟି । ଦ୍ୱିତୀୟ ମହଲାଟିରେ ରହିଛି ଶିବ ମନ୍ଦିର, ତୁଳସୀ ଚଉରା ଏବଂ ଗୋଟିଏ କୃତ୍ରିମ ଜଳାଶୟ। ଦ୍ୱିତୀୟ ମହଲାରେ ଥିବା କୃତ୍ରିମ ଜଳାଶୟ ଆଉ ସେଥିରୁ ବାହାରିଥିବା ଝରଣାରୁ ସ୍ପ୍ରିଙ୍କଲର୍‌ରେ ପାଣି ଘୁରି ଘୁରି ପଡୁଛି ସେଠାରେ। ଆହୁରି ମଧ୍ୟ ସେଇ ପାଣି ଝରଣା ଭଳି କୁଳୁକୁଳୁ ଶବ୍ଦ କରି ବୋହିଯାଉଛି ମନ୍ଦିର ଚାରିପଟଯାକ ଗୋଲାକାର ହୋଇ। ଖୁବ୍ ସୁନ୍ଦର ଭାବରେ ତିଆରି ଛୋଟ ଛୋଟ ମନ୍ଦିର । ସେଇ ମନ୍ଦିର ଭିତରେ ତିଆରି ହୋଇଛନ୍ତି ବିଷ୍ଣୁଙ୍କର ଦଶାବତାର ମୂର୍ତ୍ତି ସହିତ ଆନେକ ପୌରାଣିକ କାହାଣୀର ମୂର୍ତ୍ତି ସବୁ। ସବୁଠି ମୂର୍ତ୍ତି ମାନଙ୍କ ପାଖରେ ସ୍ଥାନିତ ହୋଇଛନ୍ତି ଛୋଟ ବଡ ଆକୃତିର ଶାଳଗ୍ରାମମାନ। ଦର୍ଶନମାନଙ୍କୁ ବୃତ୍ତାକାରରେ ବୁଲି ବୁଲି ସବୁ ଠାକୁରଙ୍କୁ ଦର୍ଶନ କରି ସାରି ଅଳ୍ପ କେତୋଟି ପାହାଚ ଚଢି ତୃତୀୟ ମହଲାକୁ ଯିବାକୁ ପଡେ। ତୃତୀୟ ମହଲାରେ ଥିବା ବଡ ମନ୍ଦିରଟିରେ ପୂଜା ପାଉଛନ୍ତି ପ୍ରଭୁ ଅନନ୍ତ ନାରାୟଣ। ତାଙ୍କୁ ଦର୍ଶନ କରିବାକୁ ଭକ୍ତମାନେ ସେଠାକୁ ଧାଡି ବାନ୍ଧି ଯିବାକୁ ପଡିଥାଏ। କେହି ଭକ୍ତ ସ୍ୱତନ୍ତ୍ର ପୂଜା କରିବାକୁ ଚାହୁଁଥିଲେ ସେଠାରେ ଥିବା ମନ୍ଦିର ଟ୍ରଷ୍ଟ୍‌ର ଅଫିସ୍‌ରେ ନିର୍ଦ୍ଧାରିତ ପାଉଣା ଦାଖଲ କରି ପୂଜାଦ୍ରବ୍ୟ ଖରିଦ୍ କରି ମନ୍ଦିରର ଗର୍ଭଗୃହକୁ ଯାଇ ସେଠାରେ ଉପସ୍ଥିତ ଥିବା ପୂଜକ ମାନଙ୍କ ଦ୍ୱାରା ପୂଜା କରାଇ ପାରିବେ। ଖୁବ୍ ଶୃଙ୍ଖଳିତ ଦର୍ଶନ ଏବଂ ମନ୍ଦିରର ଶୋଭା ଦର୍ଶକ ମାନଙ୍କ ମନକୁ ବାନ୍ଧି ରଖେ।

୨.ଷ୍ଟାଚ୍ୟୁ ଅଫ୍ ଇଉନିଟି

ଗୁଜୁରାଟ ରାଜ୍ୟର ପ୍ରାଣବିନ୍ଦୁ ନର୍ମଦା ନଦୀ ଉପରେ ବରୋଦାର କାଭାଡିଆଠାରେ ନିର୍ମିତ ସର୍ଦ୍ଦାର ସରୋବର ସେତୁ ଏବଂ ତତ୍ ସଂଲଗ୍ନ ଏକର ଏକର ଜଙ୍ଗଲ ଜମି ଉପରେ ଗଢି ଉଠିଛି ଏକତା ନଗରରେ ରହିଛି ସାରା ବିଶ୍ୱ ରେ ଚହଳ ପକାଇଥିବା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ସର୍ବୋଚ୍ଚ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି । ସେଇ ସୁନ୍ଦର ପ୍ରାକୃତିକ ଶୋଭା ସହିତ ଷ୍ଟାଚ୍ୟୁର ଅନତିଦୂରରେ ଏକ ଛୋଟ ପ୍ରାଣୀ ଉଦ୍ୟାନ ମଧ୍ୟ ରହିଛି । ସେଠାରେ ବାଘ ସିଂହ ଭଳି ହିଂସ୍ର ଜନ୍ତୁ ମାନଙ୍କ ସହ ଜିରାଫ୍, ସମ୍ବର, ହରିଣ ,ଭାଲୁ, ଠେକୁଆ, ବିଭିନ୍ନ ପ୍ରଜାତିର ମାଙ୍କଡ ଏବଂ ପକ୍ଷୀମାନେ ମଧ୍ୟ ଅଛନ୍ତି । ସୁନ୍ଦର ସୁନ୍ଦର ଫୁଲ ଗଛ ଗୁଡିଏ ପ୍ରାଣୀ ଉଦ୍ୟାନର ଶୋଭାବର୍ଦ୍ଧନ କରୁଛନ୍ତି। ଷ୍ଟାଚ୍ୟୁ ଅଫ୍ ଇଉନିଟି ଏବଂ ଏକତାନଗରର ପ୍ରାଣୀଉଦ୍ୟାନ ଦେଖିବାକୁ ଅନ୍ ଲାଇନ୍ ବୁକିଂ ସହିତ ଅଫ୍ ଲାଇନ୍ ବୁକିଂର ବ୍ୟବସ୍ଥା ମଧ୍ୟ ରହିଛି। ସରକାରଙ୍କ ତରଫରୁ ଖୁବ୍ ଭଲ ବ୍ୟବସ୍ଥା କରାଯାଇଛି ପର୍ଯ୍ୟଟନ ପାଇଁ । ଏକତା ନଗରର ପ୍ରବେଶ ପଥରେ ରହିଛି ସର୍ଦ୍ଦାର ପଟେଲଙ୍କ ଛୋଟ ମୂର୍ତ୍ତି ଥାଇ ସୁନ୍ଦର ତୋରଣଟିଏ। ଆରମ୍ଭରୁ ହିଁ ଦୃଶ୍ୟ ମାନ ହେଉଛି ମୁଣ୍ଡ ଟେକି ଠିଆ ହୋଇଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ବିରାଟ ପ୍ରତିମୂର୍ତ୍ତି । ନୂତନ ଭାବରେ ଏକତାନଗର ରେଳଷ୍ଟେସନ ମଧ୍ୟ ନିର୍ମାଣ ହୋଇଛି ଷ୍ଟାଚ୍ୟୁରୁ ପ୍ରାୟ ତିନି ଚାରି କିଲୋମିଟର ଦୂରରେ। ଷ୍ଟେସନରୁ ଷ୍ଟାଚ୍ୟୁର ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାତାୟାତ ପାଇଁ ପିଙ୍କ୍ ଅଟୋ ସବୁ ଧାଡି ବାନ୍ଧି ଅପେକ୍ଷା କରି ରହିଛନ୍ତି । ଷ୍ଟାଚ୍ୟୁର ଏକ କିଲୋମିଟର ଦୂରରେ ରହିଛି ବୁକିଂ ଅଫିସ୍, ଲଗେଜ୍ ରୁମ୍ ଏବଂ ବସ୍ ଷ୍ଟାଣ୍ଡ। ସବୁଠି ଖୁବ୍ କଡା ସୁରକ୍ଷା ବ୍ୟବସ୍ଥା । ସିସି ଟିଭି ଲାଗିଛି ସବୁଆଡେ। ନିର୍ଭୀକ ଭାବରେ ଚାରିଆଡେ ଘୁରି ବୁଲୁଛନ୍ତି ପର୍ଯ୍ୟଟକ ମାନେ । ଭିତରେ ବସ୍ ଷ୍ଟାଣ୍ଡ ରେ ଧାଡି ଧାଡି ହୋଇ କେତେଗୁଡିଏ ଅତ୍ୟାଧୁନିକ ବସ୍ ରହିଛି। ସବୁ ବସ୍‌ରେ" ଷ୍ଟାଚ୍ୟୁ ଆଡକୁ" କିମ୍ୱା "ପ୍ରାଣୀ ଉଦ୍ୟାନ ଆଡକୁ" ବୋଲି ଲେଖା ରହିଛି। କୌଣସି ବସ୍ ପାଇଁ ଅଲଗା ଚାର୍ଜ ପଡେ ନାହିଁ । ଆଗୁଆ ବୁକିଂ କରିଥିବା ଦର୍ଶକ ମାନଙ୍କୁ ସେହି ବସ୍ ସବୁ ଧରି ନିଜେ ଚାହୁଁଥିବା ସ୍ଥାନକୁ ଯିବାକୁ





ପଡେ। ଷ୍ଟାଚ୍ୟୁ ଏବଂ ପ୍ରାଣୀଉଦ୍ୟାନ ଦୁଇଟି ଯାକ ପରସ୍ପରର ବିପରୀତ ଦିଗରେ।

ବସ୍ ଟର୍ମିନାଲର ଭିତରେ ଭିତରେ ଉଟାଣି ଗଡାଣି ରାସ୍ତା ଦେଇଗଲେ ପହଞ୍ଚି ହେବ ପ୍ରାଣୀଉଦ୍ୟାନର ଗେଟ୍ ପାଖରେ।

ସେଠାରେ ସୁନ୍ଦର ଭାବରେ ତୋରଣଟିଏ ଗଢାହୋଇ ଲେଖା ହୋଇଛି.... " ମାଂସାଶୀ ପ୍ରାଣୀଙ୍କ ବାସସ୍ଥଳୀ " ( Abode of Carnivorous )। ରିସେପସନ୍ ଅଫିସ୍‌ରେ ଟିକେଟ୍ ଦେଖାଇ ଭିତରକୁ ପଶିଲା ବେଳକୁ ପ୍ରଥମେ ଦେଖିବେ ଧଳାବାଘ। ତା'ପରେ ଖୁବ୍ ପାଖରୁ କଲରାପତରିଆ, ଚିତା ବାଘ, ମହାବଳ ବାଘ ଦେଖି ଭୟ ଲାଗେ। ଓଡିଶାର ନନ୍ଦନକାନନ ଭଳି ସେଠାରେ ବିଭିନ୍ନ ପ୍ରକାର ଜୀବଜନ୍ତୁଙ୍କ ଭିଡ। ଭାଲୁ, ବାରହା, ସମ୍ବର, ହରିଣ, କୁଟୁରା, ଜିରାଫ୍, ବେବୁନ୍, ରାକୁନ୍, ଗଣ୍ଡା,ଗୟଳ, ଠେକୁଆ, କଙ୍ଗାରୁ, କୋକିଶିଆଳି ଆଉ ନାନା ପ୍ରଜାତିର ମାଙ୍କଡମାନେ, ସମସ୍ତେ ନିଜ ନିଜର ବାସସ୍ଥାନରେ ନିର୍ଭୟରେ ଚରାବୁଲା କରୁଛନ୍ତି । ଜଙ୍ଗଲର ପ୍ରାକୃତିକ ପରିବେଶରେ ଖାଦ୍ୟ ପାନୀୟ ଯୋଗାଇ ଦିଆ ଯାଉଛି ସେମାନଙ୍କୁ । ତା'ପରେ ଆସିବ ପକ୍ଷୀ ମାନଙ୍କ ବସତି। ଦୂରରୁ ଶୁଣା ଯାଉଥିବ ସେମାନଙ୍କ କିଚିରିମିଚିରି ଶବ୍ଦ । ବିଭିନ୍ନ ପ୍ରଜାତିର ହଂସ, ବତକ, ସାରସ, ବଣ କୁକୁଡା, କପୋତ, ମୟୁର, ଶୁଆ, କାକାତୁଆ, ମ୍ୟାକାଓ ଇତ୍ୟାଦି ଇତ୍ୟାଦି ଅନେକ ପକ୍ଷୀ ମାନଙ୍କୁ ଦେଖି ବହୁତ ଖୁସି ଲାଗିଲା । ତା'ପରେ ରହିଛି ପୁଷ୍ପ ଉଦ୍ୟାନ । ନାନା ପ୍ରକାର ଦେଶୀ, ବିଦେଶୀ ଫୁଲ ଗଛ ଭର୍ତ୍ତି ହୋଇଛି ସେଠାରେ । ପ୍ରାଣୀଉଦ୍ୟାନଟି ସଞ୍ଜ ପାଞ୍ଚଟା ବେଳେ ଦର୍ଶକ ମାନଙ୍କ ପାଇଁ ବନ୍ଦ ହୋଇଯାଏ । ସେଠାରେ ତଳକୁ ଓହ୍ଲାଇଗଲେ ରହିଛି ପର୍ଯ୍ୟଟକମାନଙ୍କ ପାଇଁ ୱାଶ୍ ରୁମ୍ ଆଉ କେତୋଟି ଭଲ ରେଷ୍ଟୁରାଣ୍ଟ୍।

ବସ୍ ଟର୍ମିନାଲର ଭିତରେ ବୁଲୁଥିବା ବସ୍ ଧରି ଯେକୌଣସି ସେଡ୍ ପାଖକୁ ଗଲେ ବସ୍ ଧରି ଯାଇ ହେବ ଷ୍ଟାଚ୍ୟୁ ଅଫ୍ ଇଉନିଟି ପାଖକୁ । ମୂର୍ତ୍ତିର ଅନତିଦୂରରେ ଛାଡିଦେବେ ବସ୍ । ସେଇଠୁ ପାଦରେ ଚାଲିଯିବାକୁ ପଡିବ ଷ୍ଟାଚ୍ୟୁ ଅଫ୍ ଇଉନିଟି କୁ ଯିବାଲାଗି ତା'ରି ପାଖରେ ଥିବା ମୁଖ୍ୟ ଦ୍ୱାର ଆଡକୁ। ସେଠାରେ ମଧ୍ୟ ଅନେକ ଦୋକାନ ବଜାର ରହିଛି। ଲଗେଜ୍ ରଖିବାକୁ ଅଫିସ୍‌ଟିଏ ମଧ୍ୟ ରହିଛି। ତା'ରି ପାଖକୁ ରହିଛି ଷ୍ଟାଚ୍ୟୁ ପାଖକୁ ଯିବା ପାଇଁ ମୁଖ୍ୟ ପ୍ରବେଶ ଦ୍ୱାର। ସେଠାରେ ବୁଲି ଦେଖିବା ପାଇଁ ସମୟ ନିର୍ଘଣ୍ଟ ରହିଛି। ଭିତରେ ବୁଲିବା ପାଇଁ ଅଲଗା ଦେୟ ଏବଂ ସେଠାରେ ବସି ଲେଜର୍ ସୋ' ଦେଖିବା ପାଇଁ ଅଲଗା ଦେୟ ନିର୍ଦ୍ଧାରିତ ହୋଇଛି। ପ୍ରତି ଟିକେଟ୍ ମାନଙ୍କରେ ଦର୍ଶକକୁ ଦିଆଯାଇଥିବା ସମୟ ଲେଖାଥାଏ ସେଇ ସମୟ ଭିତରେ ପହଞ୍ଚି ନପାରିଲେ ଟିକେଟ୍ ଆପେ ଆପେ ବାତିଲ୍ ହୋଇଯାଏ। ଲେଜର୍ ସୋ' ଆରମ୍ଭ ହୁଏ ରାତି ଆଠଟା'ରେ । ମାତ୍ର କୋଡିଏ ମିନିଟ୍ ପାଇଁ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍‌ର ଚମତ୍କାର ଖେଳଟିଏ ଚାଲେ।



ମୂର୍ତ୍ତି ଭିତରକୁ ଯିବାକୁ ହେଲେ ସେଠାର ସିକ୍ୟୁରିଟି ଗାର୍ଡ୍‌ଙ୍କୁ ଟିକେଟ୍ ଦେଖାଇ ଭିତରେ ପଶିବାକୁ ହେବ। ଅଳ୍ପ କିଛି ଦୂରରେ ଲାଗିଛି ମେସିନ୍ ରାସ୍ତା ( escalator road) ସେମିତି ଚାରିଟା ମେସିନ୍ ରାସ୍ତା ପାର୍ ବୋଲାଇ ପରେ ଗୁମ୍ଫା ଆକୃତିର ପ୍ରବେଶ ଦ୍ୱାର । ସେଇଠି ଗୋଟିଏ କୁଦ ଭଳି ଦିଶୁଥିବା ଆସ୍ଥାନ ଉପରେ ତିଆରି ହୋଇଛି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସୁଉଚ୍ଚ ପ୍ରତିମୂର୍ତ୍ତି । ତଳେ ଠିଆ ହୋଇ ଉପରକୁ ଅନେଇଲେ ଆଖି ପାଇବନି। ସେଇ କୁଦରେ ତିଆରି ହୋଇଛି ଗୋଲାକାର ପାହାଚ ସଦୃଶ ବଗିଚାଟିଏ। ସେଥିରୁ କିଛି ପାହାଚ ଚଢି ଲୌହମାନବଙ୍କ ମୂର୍ତ୍ତିର ପାଦ ସ୍ପର୍ଶ କରିହୁଏ । ସେଇଟି ପୁଣି ଏତେ ବଡ ଯେ ସେଥିରୁ ଗୋଟିଏ ମଧ୍ୟ ପାଦ ଧରିବା ପାଇଁ କୁଣ୍ଢେ ପାଇବନି। ସେଠାରୁ ଓହ୍ଲାଇ ଆସି ମୂର୍ତ୍ତିର ପାଦ ପାଖରେ ଥିବା କାଚ କାନ୍ଥଘେରା ହଲ୍‌ରେ ପ୍ରବେଶ ଦ୍ୱାରରେ ପହଞ୍ଚିଲେ ମୂର୍ତ୍ତି ଭିତରକୁ ଯିବାର ଅନୁମତି ପତ୍ର ଟିକେଟ୍ ଆଉ ସୁରକ୍ଷା ଯାଞ୍ଚ ପରେ ଦର୍ଶକ ମାନଙ୍କୁ ଭିତରକୁ ଛଡାଯାଏ। ସେଠାରୁ ଆଗକୁ ଅଛି ଖୁବ୍ ବଡ ହଲ୍ ଟିଏ। ସେଇ ହଲ୍ ଭିତରେ 3D ଟିଭି ପରଦା ଗୁଡିକ ଲାଗିଛି । ସେଥିରେ ପ୍ରତିଫଳିତ ହେଉଛି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ସମ୍ବଳିତ କେତୋଟି ମୂର୍ତ୍ତି ଆଉ ଫଟୋ ସହ ଅନେକ ସୂଚନା ସବୁ। ପ୍ରକଳ୍ପର ଉଦ୍ଦେଶ୍ୟଠାରୁ ନିର୍ମାଣର ତଥ୍ୟ ଯାଏଁ ଲିଖିତ ରହିଛି।

ବାହାରୁ ସାଦାସିଧା ଭାରତୀୟ ପରିଧାନ ଯଥା କୁର୍ତ୍ତା, ପାଇଜାମା, ୱେଷ୍ଟକୋଟ୍ ପିନ୍ଧି ଚଦରଟିଏ କାନ୍ଧରେ ପକାଇ ଠିଆ ହୋଇଥିବା ଲୌହମାନବ ଙ୍କର ମୂର୍ତ୍ତିଟି ଭିତର ପଟରେ ପୁରା ଫମ୍ପା। ଭିତର ପଟରେ କେତେ ଗୁଡିଏ ଲିଫ୍ଟ ରହିଛି। ସେଥିରୁ ଦର୍ଶକମାନଙ୍କ ପାଇଁ ଟିକେଟ୍‌ରେ ନିର୍ଦ୍ଦିଷ୍ଟ ଗୋଟିଏ ଲିଫ୍ଟର ନମ୍ବର ଲେଖାଥାଏ । ସେଇ ଲିଫ୍ଟ ଜଗୁଆଳୀକୁ ଟିକେଟ୍ ଦେଖାଇଲେ ସେ ଲିଫ୍ଟ ଭିତରକୁ ଛାଡିଦିଏ। । ତା'ପରେ ଲିଫ୍ଟ ଉଠି ଚାଲେ ଉପରକୁ ଉପରକୁ । ବୃହଦାକାର ମୂର୍ତ୍ତି ଟି ସମୁଦାୟ ଚାରୋଟି ମହଲାରେ ବିଭକ୍ତ ହୋଇଥିଲେ ମଧ୍ୟ ଆଖି ପିଛୁଳାକେ ଆମେ ମୂର୍ତ୍ତିର ଛାତି ପାଖରେ ପହଞ୍ଚିଥାଏ ।

ମୂର୍ତ୍ତିର ଛାତି ଭିତର ପଟେ ସେଇଠି ଗୋଲାକାର ହଲ୍ ଭଳି ତିଆରି ହୋଇଛି। ସେଠାରେ ଏଭଳି ବ୍ୟବସ୍ଥା କରାଯାଇଛି ଯେ ସେହି କାଚ ତାଟିଆ ଭଳି ଦିଶୁଥିବା ହଲ୍‌ର ପାଚେରୀ ଦେଇ ବାହାରର ଦୃଶ୍ୟ ପରିଷ୍କାର ଭାବରେ ଦିଶୁଛି । ସେଠାରେ ଠିଆ ହେଲେ ସର୍ଦ୍ଦାର ସରୋବର ଡ୍ୟାମ୍ ଏବଂ ତା'ର ଚାରିପଟେ ଘେରି ରହିଥିବା ପାହାଡ, ଜଙ୍ଗଲ ଏବଂ ନର୍ମଦା ନଦୀର ଜଳଧାରକୁ ବେଶ୍ ସ୍ୱଷ୍ଟ ଭାବରେ ଦେଖି ହୁଏ । ନଦୀର ଜଳଧାର ମଧ୍ୟରେ ବିଦ୍ୟୁତ୍ ସଂଯୁକ୍ତ ଖୁଣ୍ଟ ସବୁ ପୋତା ହୋଇ ରଙ୍ଗ ବେରଙ୍ଗର ଲିଚୁ ଲାଇଟ୍ ଲାଗିଛି। ସଞ୍ଜ ହେଲେ ସେ ଲିଚୁ ଲାଇଟ୍ ସବୁ ଜଳେ। ଲେଜର୍ ସୋ' ଆରମ୍ଭ ହେଲେ ବଡ ବଡ ଲାଇଟ୍ ସବୁ ବନ୍ଦ ହୋଇଯାଏ । ହ୍ରଦ କୂଳରେ ଥିବା ଫୋକସିଂ ଲାଇଟ ସବୁ ପଡେ ଲୌହମାନବଙ୍କର ବିରାଟ ପ୍ରତିମୂର୍ତ୍ତି ଉପରେ। ମୂର୍ତ୍ତିର ଭିତରପଟରେ ଇଲେକ୍ଟ୍ରୋନିକ୍ ଲେଜର୍ ସୋ' ବ୍ୟବସ୍ଥା କରାଯାଇଛି । ଷ୍ଟାଚ୍ୟୁ ହଲ୍ ଭିତରେ ଥିବା ଟିଭି ପରଦାରେ ଏବଂ ବାହାର ପଟରେ ସମସ୍ତ ସ୍ଥାନରୁ ଦିଶୁଛି ସେ ଲେଜର ସୋ' ରେ ଚକମକ୍ କରୁଥିବା ଲୌହମାନବଙ୍କର ପ୍ରତିମୂର୍ତ୍ତି। ସେହି ପ୍ରତିମୂର୍ତ୍ତି ଉପରେ ତିଆରି ହୋଇଯାଉଛି କେତେବେଳେ ଗାନ୍ଧୀ ତ କେତେବେଳେ ନେତାଜୀ ସୁବାଷ ବୋଷ୍, ନେହେରୁଜୀ, କେତେବେଳେ ଶାସ୍ତ୍ରୀ ଜୀ, ଇନ୍ଦିରା ଜୀ, ଲାଲ୍, ବାଲ୍, ପାଲ୍, ଶହୀଦ୍ ଭଗତ ସିଂ ଅବା ଅନ୍ୟ ଯେତେ ଯେତେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଚିତ୍ର ଏବଂ ସାରା ଇଲାକାରେ ଗୁଞ୍ଜରିତ ହେଉଛି ଇଥର୍‌ରେ ଭାସି ଆସୁଥିବା ଗୁରୁ ଗମ୍ଭୀର ସ୍ୱରରେ ସ୍ୱାଧୀନତା ସଂଗ୍ରାମର କାହାଣୀ। ଦର୍ଶକ ମାନଙ୍କର ଲୋମ ଟାଙ୍କୁରି ଉଠୁଛି ସେହି ଲେଜର୍ ସୋ' ଦେଖି । ବୈଷୟିକ ଜ୍ଞାନ ଏବଂ ବିଜ୍ଞାନର ଅପୂର୍ବ କୌଶଳ ପ୍ରୟୋଗ କରାଯାଇଛି ମୂର୍ତ୍ତି ଟି ତିଆରି କରିବାରେ। ଥରୁଟିଏ ସେ ମୂର୍ତ୍ତି କୁ ଦର୍ଶନ କଲେ ସାରା ଜୀବନ ଭୁଲି ହେବ ନାହିଁ।



ସେଥିପାଇଁ ସାରା ବିଶ୍ୱର ପର୍ଯ୍ୟଟକ ମାନେ ଛୁଟି ଆସୁଛନ୍ତି ଏହାକୁ ଦର୍ଶନ କରିବା ପାଇଁ । ଗମନାଗମନର ମଧ୍ୟ ଖୁବ୍ ଭଲ ବ୍ୟବସ୍ଥା କରାଯାଇଛି । ଏହାର ନିକଟତମ ବିମାନବନ୍ଦର ହେଉଛି ଅହମ୍ମଦାବାଦ୍ । ନିକଟତମ ରେଳ ଷ୍ଟେସନ ଏକତାନଗର ଷ୍ଟେସନ୍ ଏବଂ ଆନ୍ତଃରାଜ୍ୟ ବସ୍ ସେବା ଯୋଗେ ଏଠାରେ ପହଞ୍ଚି ହୁଏ ଖୁବ୍ ସହଜରେ। ଷ୍ଟାଚ୍ୟୁ ଅଫ୍ ଇଉନିଟି କେବଳ ଭାରତର ନୁହେଁ ସାରା ବିଶ୍ୱର ଏକ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳ।

+ପୋତାପୋଖରୀ ନୂଆବଜାର , କଟକ



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମୁକ୍ତ କରିବାକୁ ପଡିବ...

ବିଶ୍ୱରେ ଆକସ୍ମିକ ପରମାଣୁ ଯୁଦ୍ଧର ଆଶଙ୍କା ହଠାତ୍ ଘନେଇବା ସ୍ଥିତି ଦେଖାଦେଇଛି । ୟୁକ୍ରେନକୁ ଯେନତେନ ପ୍ରକାରେଣ 'ନାଟୋ'ରେ ସାମିଲ କରିବାକୁ ଉଦ୍ୟମରୁ ସୃଷ୍ଟି ହୋଇଛି ଭୟାନକ ଯୁଦ୍ଧ । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏହି ପ୍ରସଙ୍ଗକୁ ମର୍ଯ୍ୟାଦାର ପ୍ରଶ୍ନ ରୂପେ ନେଇଛନ୍ତି । ପୂରା ୟୁକ୍ରେନ ଧ୍ୱଂସ ପାଇବାକୁ ବସିଲାଣି, ହେଲେ ନା' ରୁଷ ନା' ୟୁକ୍ରେନ ଆପଣା ଜିଦ୍‌ରୁ ଓହରିବାର ସମ୍ଭାବନା ଦିଶୁ ନାହିଁ । ପୂର୍ବତନ ସୋଭିଏତ ୟୁନିଅନର ମୁଖ୍ୟ ଅଂଶ ଥିବା ୟୁକ୍ରେନ ଏକ ସମୃଦ୍ଧ କ୍ଷେତ୍ର । ଶସ୍ୟ ଓ ଶିଳ୍ପ ସମୃଦ୍ଧ ଦେଶ ଭିତରେ ପରିଗଣିତ ହେଉଥିବା ଏହି ଦେଶ ସାତ ମାସର ସଂଘର୍ଷ ପରେ ଶ୍ମଶାନ ପାଲଟି ସାରିଲାଣି । ରୁଷ ଓ ୟୁକ୍ରେନ ଭିତରେ ଲଢ଼େଇ କ୍ରମାଗତ ପରମାଣୁ ସଂଘର୍ଷର ରୂପ ନେବାକୁ ବସିଥିବା ସମୟରେ ପୁଟିନ ତାଙ୍କର ରଣନୀତିରେ ପରିବର୍ତ୍ତନ କରିଛନ୍ତି । ଜଣାଯାଉଛି, ୟୁକ୍ରେନ ଉପରୁ ନଜର ହଟାଇ ସେ ନାଟୋ ଉପରେ ତାଙ୍କର ଲକ୍ଷ୍ୟବିନ୍ଦୁ କେନ୍ଦ୍ରିତ କରିଛନ୍ତି । ତେଣେ ଯୁକ୍ତରାଷ୍ଟ୍ର ଆମେରିକା ବିପୁଳ ଅର୍ଥ ଓ ଅସ୍ତ୍ର ଜେଲେନ ସେନା ଉପରେ ଅଜାଡ଼ି ଦେଇଛନ୍ତି । ଚାରିଟି ଅଙ୍ଗ ପ୍ରଜାତନ୍ତ୍ରକୁ ନିଜ ପଟକୁ ନେଇ ପୁଟିନ ଚୁକ୍ତି ସ୍ୱାକ୍ଷର କରିବା ଭିତରେ ନାଟୋ ଦେଶଗୁଡ଼ିକ ରୁଷ ଉପରେ ରାଗ ଶୁଝାଇବା ପାଇଁ ଜେଲେନସ୍କିଙ୍କୁ ମୋହରା କରିବା ଛାଡ଼ି ନାହାଁନ୍ତି । ନାଟୋରେ ଫିନଲ୍ୟାଣ୍ଡ ଓ ଅନ୍ୟ କେତେକ ଦେଶକୁ ମିଶାଇବା ପାଇଁ ଚାହୁଁଛି । ନାଟୋ ବିରୋଧରେ ରୁଷ୍ କୁ ଏକଘରିକିଆ କରି ପରମାଣୁ ଯୁଦ୍ଧର ଉପକ୍ରମ ଆରମ୍ଭ କରିବାକୁ ଯାଉଛି । ରୁଷ ଭଳି ପରମାଣୁ ଅସ୍ତ୍ରର ଅଧିକାରୀ ଆମେରିକା ଓ ଅନ୍ୟ ସଦସ୍ୟ ଦେଶମାନଙ୍କ ପାଖରେ ରହିଛି ଏହି ପରମାଣୁ ଅସ୍ତ୍ର । ସେମାନେ ଅତ୍ୟନ୍ତ ଗୁରୁତର ସ୍ଥିତି ହେଲେ ଯାଇ ପରମାଣୁ ବୋତାମ ଟିପି ପାରିବେ ସେଭଳି ସ୍ଥିତି ଏପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ । ନାଟୋ ଓ ୟୁରୋପୀୟ ୟୁନିଅନ ବାଲିକ ସାଗରରେ ପରମାଣୁ ଡ୍ରିଲ ଚଳାଇଛନ୍ତି । ଏହାକୁ ନିୟମିତ ସମରାଭ୍ୟାସ ବୋଲି କୁହାଯାଉଥିବା ବେଳେ ବସ୍ତୁତଃ ରୁଷ ନେତାଙ୍କ ପ୍ରତି ଏହା ପରମାଣୁ ଧମକାଣ ବୋଲି କେତେକ ମହଲ ବିଚାର କରିବା ଅସ୍ୱାଭାବିକ୍ ଲାଗୁନାହିଁ । ରୁଷ ଏହା ଭିତରେ ନାଟୋ-ବିରୋଧୀ ଲଢ଼େଇକୁ ଅଧିକ ଶାଣିତ କରିବାକୁ ଯାଉଛି। ୟୁକ୍ରେନର ରାଜଧାନୀ କିଭ ଉପରେ ପ୍ରଚଣ୍ଡ ଆକ୍ରମଣର ହେତୁ ରୂପେ କ୍ରିମିଆ ସେତୁ ଧ୍ୱଂସ ମୂଳ କାରଣ ଥିଲା । ତାହାପରେ ପୁଟିନ୍ ରଣକୌଶଳ ବଦଳାଇ ତୋପ ମୁହାଁଇଛନ୍ତି ନାଟୋ ଆଡ଼କୁ ନାଟୋ-ରୁଷ ଲଢ଼େଇ ଅତ୍ୟନ୍ତ ବିପଜ୍ଜନକ ମୋଡ଼ ନେବା ଭିତରେ ଉଭୟ ୟୁକ୍ରେନ ଓ ରୁଷ ସାଂଘାତିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ଉଭୟ ଦେଶର ଅର୍ଥନୀତି ପୂରାପୂରି ବିପର୍ଯ୍ୟସ୍ତ ହୋଇପଡ଼ିଛି । କେବେ ଯୁଦ୍ଧର ସମାପ୍ତି ଘଟିବ, ତାହା ଅଧିକ ମାରାତ୍ମକ ହେବ କି ନାହିଁ କାହାକୁ ଜଣାନାହିଁ । ଯଦି ପରମାଣୁ ବୋତାମକୁ କୌଣସି ପକ୍ଷ ଟିପି ଦିଅନ୍ତି, ତାହା ବିଶ୍ୱକୁ ଧ୍ୱଂସ ମୁହଁକୁ ଠେଲି ଦେବାର ନିଶ୍ଚିତ ଆଶଙ୍କା ସୃଷ୍ଟି କରିବ । ସେଭଳି ହେଲେ ବିଶ୍ୱପୃଷ୍ଠରୁ ଜୀବସତ୍ତା ଲୋପ ପାଇଯିବ ବୋଲି ବିଜ୍ଞାନୀମାନେ ଆଶଙ୍କା ପ୍ରକାଶ କଲେଣି । ୟୁକ୍ରେନ୍ ଓ ରୁଷ୍ କୁ ଯୁଦ୍ଧ ଭିତରକୁ ଠେଲିଦେବା ପରେ ଆମେରିକା ଓ ନାଟୋ ଦେଶମାନେ ଯେଉଁ କ୍ଷୟକ୍ଷତି କରିସାରିଲେଣି, ତାହାର ପ୍ରଭାବ ବିଶ୍ୱଯୁଦ୍ଧ ଠାରୁ ବହୁ ଗୁଣ ଅଧିକ । ଯୁଦ୍ଧଖୋର ନେତାମାନଙ୍କ ଖେଳଣା ସାଜିଥିବା ସୈନ୍ୟ ଓ ସାଧାରଣ ଜନତା କିଭଳି ଯାତନା ଓ ଯନ୍ତ୍ରଣା ଭୋଗ କରୁଛନ୍ତି ତାର କଳନା ନାହିଁ । ପରମାଣୁ ଯୁଦ୍ଧ ନେଇ ଯେଉଁ ପୂର୍ବାନୁମାନ କରାଯାଉଛି, ତାହା ମଧ୍ୟ ବିଶ୍ୱ ମହାଶକ୍ତିଙ୍କୁ କମ୍ ଚିନ୍ତାରେ ରଖୁନାହିଁ । କୁହାଯାଏ, ବାଘକୁ ଫାଘର ଡର । ସେହି ନ୍ୟାୟରେ ପରମାଣୁ ସଂଘର୍ଷର ଡରାଣ ଦେଖାଉଥିବା ମହାଶକ୍ତିମାନେ ଆଠ ମାସ ହେଲା ଯୁଦ୍ଧକ୍ଷେତ୍ରରେ ଯେଉଁ କସରତ୍ ଦେଖାଉଛନ୍ତି ତାହାର ଭୟାବହ ପରିଣତି ନେଇ ସମସ୍ତେ ସଚେତନ। ବିଶ୍ୱବାସୀ ଯେଉଁ ବିପର୍ଯ୍ୟୟର ସାମ୍ନା କରୁଛନ୍ତି ତାହା କ୍ଷୁଧା, ଅପପୁଷ୍ଟି ଓ ବେକାରୀ ରୂପେ ପ୍ରତିଭାତ ହେବାରେ ଲାଗିଛି । ଏବେ ଯୁଦ୍ଧର ବୋଝ ଲଦି ହୋଇସାରିଛି । କିଏ ଜାଣେ ଆମ ବଂଶଧରଙ୍କୁ କେତେ କାଳ ଯାତନା ଭିତରେ କାଳ କାଟିବାକୁ ପଡ଼ିବ ? ଏ ଭୟ ଭିତରୁ ବିଶ୍ୱକୁ ମୁକ୍ତ କରିବାକୁ ପଡ଼ିବ । ଅନ୍ୟଥା କେବଳ ଭୟ ନୁହେଁ, ତାହା ଧୀରେ ଧୀରେ ବାସ୍ତବତାର କାୟା ଯେ ବିସ୍ତାର ନକରିବା କିଏ କହିବ ? ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ତ ଏଇଭଳି ଆଶଙ୍କା ଭିତରୁ ମୁଣ୍ଡ ଟେକି ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରିଥିଲା । ଏକବିଂଶ ଶତାବ୍ଦୀରେ ଏଭଳି ଅଭାବନୀୟ ପରିସ୍ଥିତି ଦେଖୁକୁ ନମିଳୁ।

# ଶିକ୍ଷା-ଶିକ୍ଷକ-ଶିକ୍ଷାର୍ଥୀ



**ବିଶ୍ୱବିଜୟୀ ଦାଶ**

**ଉତ୍ତମ ଶିକ୍ଷା ଦ୍ୱାରା ଶିକ୍ଷାର୍ଥୀ ନିଜର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବା ସହ ସମାଜରେ ପ୍ରତିଷ୍ଠିତ ହୋଇପାରିବ। ଏଥିରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ଶିକ୍ଷାର୍ଥୀର ପିତା, ମାତା, ବନ୍ଧୁ, ଦାର୍ଶନିକ ଓ ପଥପ୍ରଦର୍ଶକ। ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟ ବିନୟୀ ଓ ନମ୍ର ହେବା ବିଧେୟ। ବିନମ୍ରତା ଶିକ୍ଷାର୍ଥୀ ଓ ଶିକ୍ଷକଙ୍କୁ ସଫଳତାର ଶୀର୍ଷ ସୋପାନରେ ଉପନୀତ କରାଏ।**

ଶିକ୍ଷା ହେଉଛି ଏକ ଦିବ୍ୟାଲୋକ, ଅଜ୍ଞାନରୂପକ ଅନ୍ଧକାରକୁ ଦୂର କରେ। ଶିକ୍ଷା ହିଁ ହେଉଛି ସଭ୍ୟତାର ପରିମାପକ ଏବଂ ଏକ ସଂସ୍କୃତି, ଯାହାକି ପ୍ରତ୍ୟେକ ସଭ୍ୟତାର ଆଦର୍ଶ ଲକ୍ଷ୍ୟ ସାଧନକୁ ଆଖି ଆଗରେ ରଖି ପରବର୍ତ୍ତୀ ପିଢ଼ିକୁ ଏହା ପ୍ରଦାନ କରେ। ବ୍ୟକ୍ତିତ୍ୱ, ସାମାଜିକ, ଅର୍ଥନୈତିକ ତଥା ଜାତୀୟ ପ୍ରଗତିର ଭିତ୍ତିଭୂମି ଉପରେ ଏହା ପର୍ଯ୍ୟବେସିତ। ସୁତରାଂ, 'ଏଜୁକେସନ ଇଜ୍ ଦି ବ୍ୟାକ୍ ବୋନ୍ ଅଫ୍ ସୋସାଇଟି' ଅର୍ଥାତ୍ ଶିକ୍ଷା ହେଉଛି ସମାଜର ମେରୁଦଣ୍ଡ ସଦୃଶ। ଯଥାର୍ଥରେ କହିବାକୁ ଗଲେ ଏହା ହେଉଛି ସାମାଜିକ ପ୍ରଗତି ଉଦ୍ଦେଶ୍ୟରେ ଏକ ସ୍ଫୁର୍ତ୍ତିଶୀଳ, ଗତିଶୀଳ ଓ ଉଦାର ଏକନିଷ୍ଠ ଅଦମ୍ୟ ଅଧ୍ୟବସାୟର ପରିପ୍ରକାଶ ଉଜ୍ଜ୍ୱଳ ଆଭାସ।

ଶିକ୍ଷା ଓ ଶିକ୍ଷକ ଦୁହେଁ ପରସ୍ପରର ପରିପୂରକ। ଶିକ୍ଷକଙ୍କ ବିନା ଶିକ୍ଷାର କଳ୍ପନା କରାଯାଇନପାରେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମତରେ 'ଶିକ୍ଷକଙ୍କ ଜୀବନ୍ତ ପ୍ରଭାବ ଫଳରେ ହିଁ ଶିକ୍ଷା ସମ୍ଭବପର ହୁଏ। ଶିକ୍ଷକଙ୍କର ଉଚିତ୍ ଶିକ୍ଷା, ଆଦର୍ଶ, ମାର୍ଗଦର୍ଶନ ଶିକ୍ଷାର୍ଥୀଙ୍କୁ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ କରିଥାଏ। ଶିକ୍ଷାଦାନରେ ଶିକ୍ଷକଙ୍କ ଭୂମିକା ମାତୃତୁଲ୍ୟ।

ଉତ୍ତମ ଶିକ୍ଷା ଦ୍ୱାରା ଶିକ୍ଷାର୍ଥୀ ନିଜର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବା ସହ ସମାଜରେ ପ୍ରତିଷ୍ଠିତ ହୋଇପାରିବ। ଏଥିରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଶିକ୍ଷକ ଶିକ୍ଷାର୍ଥୀର ପିତା, ମାତା, ବନ୍ଧୁ, ଦାର୍ଶନିକ ଓ ପଥପ୍ରଦର୍ଶକ। ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟ ବିନୟୀ ଓ ନମ୍ର ହେବା ବିଧେୟ। ବିନମ୍ରତା ଶିକ୍ଷାର୍ଥୀ ଓ ଶିକ୍ଷକଙ୍କୁ ସଫଳତାର ଶୀର୍ଷ ସୋପାନରେ ଉପନୀତ କରାଏ। ଏଣୁ ଶାସ୍ତ୍ରରେ କୁହାଯାଇଛି-

ବିଦ୍ୟା ଦଦାତି ବିନୟଂ,
ବିନୟାତ୍ ଜାତି ପାତ୍ରତାଂ,
ପାତ୍ରତାତ୍ ଧନମାପ୍ନୋତି,
ଧନାତଧର୍ମଃ ତତସୁଖଂ।'

ବିଦ୍ୟାଳୟ ହେଉଛି ଏକ ଶିକ୍ଷା ଅନୁଷ୍ଠାନ । ଏହି ଅନୁଷ୍ଠାନ ଶିକ୍ଷକ ଓ ଶିକ୍ଷାର୍ଥୀର ସମ୍ବନ୍ଧକୁ ସୁଦୃଢ଼ କରେ ଏବଂ ଏକ ସୁଚିନ୍ତିତ ପ୍ରକ୍ରିୟାରେ ଶାରୀରିକ ଓ ମାନସିକ ବିକାଶ ସମ୍ଭବପର ହୁଏ।

ଶିକ୍ଷାର୍ଥୀର ଆଦର୍ଶ ସର୍ବଦା ଗୁଣ, ସଦବୁଦ୍ଧି, ଆଚାର, ବ୍ୟବହାରରୁ ପରିଲକ୍ଷିତ ହୋଇଥାଏ। ଆଦର୍ଶ ରାଷ୍ଟ୍ରର ନିର୍ମାଣରେ ଆଦର୍ଶ ଶିକ୍ଷାର୍ଥୀର ଆବଶ୍ୟକତା ନିହାତି ଆବଶ୍ୟକ। ବିଦ୍ୟାଳୟରେ ଶିକ୍ଷାର୍ଥୀର ଆଦର୍ଶତା ସର୍ବଦା ଗୁରୁଜନମାନଙ୍କ ପ୍ରତି ଥିବା ସମ୍ମାନରୁ ପରିଲକ୍ଷିତ ହୋଇଥାଏ। ମାତ୍ର ଏକ ଆଦର୍ଶ ବିଦ୍ୟାର୍ଥୀ ବା ଆଦର୍ଶ ଶିକ୍ଷାର୍ଥୀ ନିର୍ମାଣ କରିବା ପାଇଁ ଆଦର୍ଶ ବିଦ୍ୟାଳୟ ଓ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶିକ୍ଷାର୍ଥୀ ମାନଙ୍କଠାରେ ସମାଜସେବା, ଦେଶାତ୍ମବୋଧ, ପରୋପକାର ପ୍ରଭୃତି ସଚିନ୍ତା ଜାଗ୍ରତ ହେଲେ ସେଗୁଡ଼ିକ ବାସ୍ତବ ମନୁଷ୍ୟତ୍ୱ ଅର୍ଜନ କରିବାରେ ସାହାଯ୍ୟ କରେ। ଶିକ୍ଷାର୍ଥୀ ଜୀବନର ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ। ପୃଥିବୀର ଯେ କୌଣସି ପାର୍ଥିବ ବସ୍ତୁ ଅପେକ୍ଷା ଏହା ଅଧିକ ମୂଲ୍ୟବାନ। ତେଣୁ ପ୍ରତ୍ୟେକଟି ମୁହୂର୍ତ୍ତକୁ କର୍ମ ମାଧ୍ୟମରେ ଧରି ରଖିବାର ଉଦ୍ୟମ ଶିକ୍ଷାର୍ଥୀ ମାନଙ୍କର ପ୍ରଥମ କର୍ତ୍ତବ୍ୟ।

ସକଳ ପ୍ରକାରର କୃତିତ୍ୱ ମୂଳରେ ଶୃଙ୍ଖଳା ବିଦ୍ୟମାନ।ସମସ୍ତ ପ୍ରକାରର ସଂଗଠନ ଓ ସୁଗଠନ ନିମିତ୍ତ ଶୃଙ୍ଖଳା ଆବଶ୍ୟକ, ତେଣୁ ଶୃଙ୍ଖଳା ଜ୍ଞାନ ଓ ଶୃଙ୍ଖଳା ଅଭ୍ୟାସ ପ୍ରତ୍ୟେକଙ୍କ ପକ୍ଷରେ ଉପାଦେୟ।

ଶିକ୍ଷାର୍ଥୀ ଜୀବନର ଏକ ପ୍ରଧାନ ଲକ୍ଷ୍ୟ। ଏହି ଅଧ୍ୟୟନ ଓ ବିଦ୍ୟାଭ୍ୟାସ ଶୃଙ୍ଖଳାର ସୁଦୃଢ଼ ଭିତ୍ତି ଉପରେ ଦଣ୍ଡାୟମାନ ହେବା ଆବଶ୍ୟକ। ନିୟମାନୁବର୍ତ୍ତିତା ଓ ସମାୟୁନାବର୍ତ୍ତିତା ଶୃଙ୍ଖଳା ଗୁଣର ଦୁଇଟି ପ୍ରଧାନ ଅଙ୍ଗ। ପ୍ରତ୍ୟେକ ଶିକ୍ଷାର୍ଥୀର ଶୃଙ୍ଖଳାଜ୍ଞାନ ଏବଂ ଶୃଙ୍ଖଳାବୋଧତା ରହିବା ଉଚିତ୍। ଶୃଙ୍ଖଳାଜ୍ଞାନ ନଥିଲେ ଛାତ୍ର ର ଶାରିରୀକ, ମାନସିକ ଓ ନୈତିକ ଉନ୍ନତି ରେ ବାଧାପ୍ରାପ୍ତ ହୁଏ। ତେଣୁ ବିଦ୍ୟାଳୟ, ଶ୍ରେଣୀ ଗୃହ ଅଥବା ଯେକୌଣସି କ୍ଷେତ୍ରରେ ଶୃଙ୍ଖଳାପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ଉଚିତ୍।

ଶିକ୍ଷାର୍ଥୀ ଜୀବନରେ ଶୃଙ୍ଖଳାର ଆବଶ୍ୟକତା ସର୍ବବାଦୀସମ୍ମତ। ଆଜିର ଶୃଙ୍ଖଳିତ ଶିକ୍ଷାର୍ଥୀ ସମାଜ ଆସନ୍ତା କାଲିର ସମୃଦ୍ଧ ରାଷ୍ଟ୍ରଗଠନ ସହାୟକ। ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ଦେଶ,ମାଟିକୁ ସ୍ନେହକରି ଶିଖିବା ଉଚିତ୍। ପ୍ରତ୍ୟେହ କିଛି ସମୟ ତା'ର ନିଜ ଦେଶ ବିଷୟରେ ଚିନ୍ତା କରିବା ଆବଶ୍ୟକ, ଯେହେତୁ 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ'।

ଶିକ୍ଷା-ଶିକ୍ଷକ-ଶିକ୍ଷାର୍ଥୀ ସମସ୍ତେ ପରସ୍ପରର ପରିପୂରକ।ଶିକ୍ଷକଙ୍କ ଉଚିତ୍ ଶିକ୍ଷା, ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନ ଫଳରେ ଜଣେ ଶିକ୍ଷାର୍ଥୀ ତା' ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚିପାରିଥାଏ।


ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ: ୬୩୭୦୨୦୮୪୨୮


# ଓଡ଼ିଶାରେ କାଗଜବିହୀନ କୋର୍ଟର ଶୁଭାରମ୍ଭ



**ସୌର ଚନ୍ଦ୍ର ମହାପାତ୍ର**

**ଭାରତର ପ୍ରଧାନ ବିଚାରପତି ଗତ କଟକ ଠାରେ ଓଡ଼ିଶା ହାଇକୋର୍ଟର ୭୫ତମ ବାର୍ଷିକ ଉତ୍ସବ ଦିନ ରାଜ୍ୟର ୩୪ଟି କାଗଜବିହୀନ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକୃତ ଅଦାଲତର ଉଦଘାଟନ କରି ସାରା ଦେଶରେ ଓଡ଼ିଶା ଏ ଦିଗରେ ସର୍ବପ୍ରଥମ ପଦକ୍ଷେପ ନେଇଛି ବୋଲି ଘୋଷଣା କରିଛନ୍ତି। ସେ ଏହାର ଶ୍ରେୟ ଦେଇଛନ୍ତି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ଅନ୍ୟ ବିଚାରପତି ତଥା ବିଭିନ୍ନ ଅଦାଲତର ବିଚାରକ ଓ ଅଧିକାରୀଗଣଙ୍କୁ।**

ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି ଆଦର୍ଶ ଗ୍ରହଣ କରାଯାଇଥିଲେ ମଧ୍ୟ କୋର୍ଟ କଚେରୀରେ ସରକାରୀ ଦସ୍ତାବେଜ ଓ ପ୍ରାମାଣିକ କାଗଜପତ୍ର ଇତ୍ୟାଦିର ଅପରିହାର୍ଯ୍ୟ ଆବଶ୍ୟକତା ଯୋଗୁଁ ମାମଲା ଗୁଡ଼ିକର ସର୍ବଶେଷ ରାୟ ଆସିବା ପାଇଁ ବହୁ ଅହେତୁକ ବିଳମ୍ବ ଘଟୁଛି। ଅସଂଖ୍ୟ ଉଦାହରଣ ଏଭଳି ଅଛି ଯେ ପୁରୁଷ ପୁରୁଷ ଧରି ମାମଲା ଗୁଡ଼ିକର ସମାଧାନ ହୋଇପାରିନି, ବିଚାରାଧୀନ କଏଦୀମାନେ ଜେଲ ପରିସରରେ ପ୍ରାଣତ୍ୟାଗ କରୁଛନ୍ତି ଏବଂ ଅଭିଯୁକ୍ତମାନେ ଜାମିନରେ ଆସି ବିଧାୟକ ଓ ମନ୍ତ୍ରୀ ପଦ ମଧ୍ୟ ହାସଲ କରୁଛନ୍ତି। ଦେୱାନି ମୋକଦ୍ଦମା କଥା ତ ନକହିଲେ ଭଲ। ଆଜିର ଦିନରେ ଆମ ଦେଶରେ ମୋଟ ବିଚାରାଧୀନ ମାମଲା ସଂଖ୍ୟା ବିଶାଳ। ଗତ ଅଗଷ୍ଟ ମାସରେ ରାଜ୍ୟସଭାରେ କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜ୍ଜୁ ଦେଇଥିବା ତଥ୍ୟ ଅନୁଯାୟୀ କେବଳ ସୁପ୍ରିମକୋର୍ଟରେ ଗତ ଅଗଷ୍ଟ ୨ତାରିଖ ସୁଦ୍ଧା ୭୧,୪୪୧ଟି ମାମଲା ବିଚାରାଧୀନ ରହିଥିଲା। ସେଥିମଧ୍ୟରୁ ୫୬,୩୬୫ଟି ଦେୱାନି ଓ ୧୫,୦୭୬ଟି ଫୌଜଦାରୀ। ସେହିଭଳି ଦେଶର ବିଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟମାନଙ୍କରେ ଗତ ଜୁଲାଇ ୨୯ ତାରିଖ ସୁଦ୍ଧା ମୋଟ ବିଚାରାଧୀନ ମାମଲା ସଂଖ୍ୟା ଥିଲା ୪୧୩୫୩୨୪୨। ଏହି ପରିସଂଖ୍ୟାନକୁ ଦେଖିଲେ ଲାଗୁଛି ନ୍ୟାୟିକ ପ୍ରକ୍ରିୟା ସତେଯେପରି ଏକ ବିଷଚକ୍ର ଭିତରେ ଅବସ୍ଥିତ। ନିଜେ ପେଷି ହେଉଛି ଏବଂ ମୁଦେଇ ମୁଦାଲାଙ୍କ ଦୁର୍ଦ୍ଦଶା କହିଲେ ନସରେ। ଭାରତର ପ୍ରଧାନ ବିଚାରପତି ଗତ କଟକ ଠାରେ ଓଡ଼ିଶା ହାଇକୋର୍ଟର ୭୫ତମ ବାର୍ଷିକ ଉତ୍ସବ ଦିନ ରାଜ୍ୟର ୩୪ଟି କାଗଜବିହୀନ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକୃତ ଅଦାଲତର ଉଦଘାଟନ କରି ସାରା ଦେଶରେ ଓଡ଼ିଶା ଏ ଦିଗରେ ସର୍ବପ୍ରଥମ ପଦକ୍ଷେପ ନେଇଛି ବୋଲି ଘୋଷଣା କରିଛନ୍ତି। ସେ ଏହାର ଶ୍ରେୟ ଦେଇଛନ୍ତି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ଅନ୍ୟ ବିଚାରପତି ତଥା ବିଭିନ୍ନ ଅଦାଲତର ବିଚାରକ ଓ ଅଧିକାରୀଗଣଙ୍କୁ। ଏଭଳି କାଗଜବିହୀନ କୋର୍ଟ ମାନଙ୍କରେ ନ୍ୟାୟିକ ପ୍ରକ୍ରିୟା ଶୀଘ୍ର ଓ ସମୟାନୁବର୍ତ୍ତୀ ହେବ ବୋଲି ଆଶା କରିବା ସ୍ୱାଭାବିକ। ଜଣେ ସାଧାରଣ ବ୍ୟକ୍ତି ଇଣ୍ଟରନେଟ ମାଧ୍ୟମରେ ରାଜ୍ୟର ଯେକୌଣସି ସ୍ଥାନରୁ ମାମଲା ଦାଖଲ କରିପାରିବ, ବିଚାରାଳୟ ଆଦେଶ ଗୁଡ଼ିକ ଦେଖି ପାରିବ ଏବଂ ନ୍ୟାୟ ପ୍ରକ୍ରିୟାର ବିଭିନ୍ନ ସ୍ତରରେ ଯୋଗ ଦେଇପାରିବ। ନଥିପତ୍ରଗୁଡ଼ିକୁ ଦୂରସ୍ଥାନରୁ ବୋହି ଆଣି କୋର୍ଟ ସ୍ଥାନରେ ଜମା କରିବାକୁ ପଡ଼ିବ ନାହିଁ। ଗାଁ ଗହଳିରେ ରହୁଥିବା ଲୋକଙ୍କ ପାଇଁ ଏହା ନିଶ୍ଚୟ ଏକ ସୁଖବର। କରୋନା ମହାମାରୀର ଭୀଷଣ ଲହର ସମୟରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ କିଭଳି ଭିଡ଼ିଓ ସମ୍ମିଳନୀ ମାଧ୍ୟମରେ ମୋକଦ୍ଦମା ପରିଚାଳନା କରୁଥିଲେ ତାହା ଆମେ ନିକଟରେ ଦେଖିଛେ। ତେଣୁ ଲୋକଙ୍କର ବିଶ୍ୱାସ ହେଉଛି ଯେ ଏହି ନୂତନ କାଗଜବିହୀନ ଅଦାଲତର ପରିଚାଳନା ନିଶ୍ଚୟ ସଫଳ ହେବ। କମ୍ପ୍ୟୁଟରର କାର୍ଯ୍ୟ କ୍ଷମତା ଅପରିସୀମା। ପ୍ରଚୁର ସଂଖ୍ୟାର ମାମଲା କାଗଜପତ୍ର ଏହାର ରେକର୍ଡ଼ରେ ରଖାଯାଇପାରିବ ଓ ଅତିସହଜରେ ତାକୁ ଖୋଜି ଆଣି ଆବଶ୍ୟକୀୟ ଆଦେଶ ଦିଆଯାଇପାରିବ। ଏଭଳି ଆଦେଶ ତତ୍କାଳ ବହୁ ଦୂରରେ ଥିବା ପକ୍ଷଭୁକ୍ତ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀମାନଙ୍କୁ ମିଳିପାରିବ। ତେବେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଆଶଙ୍କାମୁକ୍ତ ନୁହେଁ। ମୂଳକଥା ହେଲା, ସବୁଜାଗାରେ କମ୍ପ୍ୟୁଟର ଓ ଇଣ୍ଟରନେଟର ଉପଲବ୍ଧି ତଥା ନିର୍ଭରଯୋଗ୍ୟ ସଂଯୋଗ ସୁବିଧା ପ୍ରଦାନ। ବିନା ନିୟମିତ ବିଜୁଳି ଯୋଗାଣରେ ଏହା ସମ୍ଭବ ହେବନାହିଁ। ଏହାଛଡ଼ା ପ୍ରତି ବର୍ଷେ କିମ୍ବା ଦେଢ଼ ବର୍ଷରେ ନୂଆ ନୂଆ କମ୍ପ୍ୟୁଟର ଉପକରଣର ପ୍ରଚଳନ ଏବଂ ପ୍ରତି ଦୁଇରୁ ତିନିବର୍ଷ ମଧ୍ୟରେ ନୂତନ କମ୍ପ୍ୟୁଟର ସଫ୍ଟୱେରର ପ୍ରଚଳନ ଏହି କମ୍ପ୍ୟୁଟରୀକୃତ ନ୍ୟାୟ ବ୍ୟବସ୍ଥାକୁ ଅଚଳ କରିଦେଇପାରେ। ଗାଁ ଗହଳିରେ, ଛୋଟ ସହରରେ ଗୁରୁତ୍ୱପୂର୍ଣ୍ଣ ଦଲିଲ, କାଗଜ ଓ ପ୍ରମାଣପତ୍ର ଆଦିର ସ୍କାନିଂ ସୁବିଧା ବ୍ୟାପକ ଭାବେ ଉପଲବ୍ଧ ହେବା ଅନିଶ୍ଚିତ। ସେହିପରି ପ୍ରଯୁକ୍ତି ବିଦ୍ୟା ଯେତେ ଉନ୍ନତ, ତାହାର ଫର୍ମୁଲାକୁ ଭଙ୍ଗ କରି ଆବଶ୍ୟକୀୟ ତଥ୍ୟ ଓ ସୂଚନା ଚୋରି କରି ନେବା କିମ୍ବା ତାକୁ ରେକର୍ଡ଼ରୁ ଉଡେଇ ଦେବା ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ସବୁବେଳେ ରହିବ। ବିଶେଷକରି ତଳକୋର୍ଟ ମାନଙ୍କରେ ଦୁର୍ନୀତିର ବ୍ୟାପକ ପ୍ରଚଳନ ପୃଷ୍ଠଭୂମିରେ ଏଭଳି ସାଇବର ଅପରାଧ ଘଟିବାର ଆଶଙ୍କା ବରାବର ରହିବ। ତେଣୁ ଗୋଟିଏ ପଟେ ଅଦାଲତର ଆଶୁ ବିଚାର ପ୍ରଣାଳୀ ଓ ସୁବିଧା ଏବଂ ଅନ୍ୟପଟେ ଦୁର୍ନୀତିଗ୍ରସ୍ତ କର୍ମଚାରୀ, ଉପଯୁକ୍ତ ସମୟରେ କମ୍ପ୍ୟୁଟର ନବୀକରଣର ଆବଶ୍ୟକତା ନ୍ୟାୟିକ ପ୍ରକ୍ରିୟାରେ ନୂତନ ସଙ୍କଟ ଆଣିପାରେ। ଯାହା ହେଉ ନା କାହିଁକି, ଓଡ଼ିଶାରେ ସମ୍ପୂର୍ଣ୍ଣ କାଗଜବିହୀନ ଅଦାଲତ ଶୁଭାରମ୍ଭ ନିଶ୍ଚୟ ସ୍ୱାଗତଯୋଗ୍ୟ। ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତିଗଣ ଏବଂ ବିଭିନ୍ନ ଜିଲ୍ଲା ଅଦାଲତର ଜଜ ଓ କର୍ମଚାରୀଗଣ ସାଧୁବାଦର ଅଧିକାରୀ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ
ସତ୍ୟାଳୟ' ପ୍ଲଟ ନଂ -
୧୦୮୭/ଡ଼ି, ସେକ୍ଟର-୬, କଟକ


## କବିତା କୋଣାର୍କ

### ବର୍ଷା ବିଳାସ

**ଶ୍ରୀ ବୈକୁଣ୍ଠନାଥ ଶତପଥୀ**



ନୀଳ ଆକାଶର ମୁକୁଳା ଛାତିକୁ
କଳା ରଙ୍ଗେ ଦେଇ ଭରି
ଘୋଟି ଆସେ ବର୍ଷା ଦିନ ନାହିଁ ରାତି
ମନ ଇଚ୍ଛା ପଡେ ଝରି
ତୁମ ମନ ଇଚ୍ଛା ବରଷା ପରାଏ
ପାରେନାହିଁ ଜମା ବାରି,
ନୀଳ ଆକାଶର..... ।

କନକ ବଦନା ବିଜୁଳି କନ୍ୟା
ଫିକା ହସ ହସିଦେଇ
ପଲକ ନପଡୁଁ ସରମରେ ଅବା
କୁଆଡ଼େ ଯାଏ ଉଭେଇ
ତୁମର ସରମି ମୁହଁଟା ଯେମିତି
ଦିଶୁଥାଏ ସୁନା ଗୋରୀ,
ନୀଳ ଆକାଶର... ।

ସଜଫୁଟା ମଲ୍ଲୀ ଅତର ଢାଳଇ
ମହ ମହ ବାସୁଥାଏ
କେଳି କଦମ୍ବରେ ବରଷା ପରଶ
ପୁଲକ ଜଗାଇ ଦିଏ
ତୁମ ତନୁ ମନ କାହା ପରଶରେ,
ଜାଣେନା ଉଠେ ଶିହିରି
ନୀଳ ଆକାଶର... ।

ବର୍ଷା ଝରୁଥାଏ ଦାଣ୍ଡ ଦୁଆରରେ
ଯୋଗୀର କେନ୍ଦରା ଗୀତ
ବିରହିଣୀ ବଧୂ ଆଖିକୋଣେ ଲୁହ
ସାଉଁଟୁ ଥାଏ ଅତୀତ
ତୁମର ଉଦାସୀ ମୁହଁ ଲାଗୁଥାଏ
ହସ କେ କରିଛି ଚୋରୀ,
ନୀଳ ଆକାଶର.... ।

ବିରହୀ ଯକ୍ଷ ମେଘ ଦୂତ ହାତେ
ଦେଇଥିଲା କେବେ ବାର୍ତ୍ତା
ଅଳକା ପୁରୀର ପ୍ରିୟତମା ତା'ର
ବୁଝି କି ଥିଲା ସେ୍ୱଥା
ଜାଣେନି ଦୂରତା ତୁମ ମୋ ଭିତରେ
କେଉଁଠି ଅଳକା ପୁରୀ,
ନୀଳ ଆକାଶର ... ।


♥ ରାଜ୍ୟପାଳ ଓ ରାଷ୍ଟ୍ରପତି
ପୁରସ୍କାର ପ୍ରାପ୍ତ ଶିକ୍ଷକ, ଜୟଦେବ
କସବା, ବାଲେଶ୍ୱର,
ମୋ: ୯୮୬୧୦୧୧୭୦୭।


### ସଦ୍‌ଗୁରୁ ଶିବମୁନିଙ୍କ ଜ୍ଞାନ

**ଯୋଗୀ କୃପାସିନ୍ଧୁ ମୁନି**



ହେ ଆନନ୍ଦମୟ କୋଟି ଭୂବନ ପାଳକ
ଆସିଥିଲ ସଦଗୁରୁ ଲକ୍ଷେ ବର୍ଷ ପର
ମାନବ ଦୁଃଖ ବିନାଶେ ଜନ୍ମିଲ ମହୀର
ହେ ପରମ କାରୁଣିକ
ସଂସାର ଅନ୍ଧକାରରୁ ଦେଖାଅ
ଆଲୋକ ।

ମିଥ୍ୟା କୁସଂସ୍କାର ପଥ ଦେବାକୁ
ଦୂରେଇ
ସତ୍ୟର ପ୍ରତିଷ୍ଠା ପାଇଁ ଆସ ଦୟାବହି
ଆହେ କରୁଣା ସାଗର
ଜୀବାଦ୍ୱୈତବାଦ ଅଟେ ପ୍ରତିଷ୍ଠା
ତୁମ୍ଭର ।

ସର୍ବ ଶାସ୍ତ୍ର ମନ୍ଥି ଶାସ୍ତ୍ରୀ ଉପାଧି ପାଇଲ
ବେଦା ବେଦାନ୍ତ ଦର୍ଶନୁ ବେଦାନ୍ତ
ରଚିଲ
ଯୋଗୀ ଋଷି ମୁନିବାଣୀ
ସ୍ଥାପିଲ ମୁନି ସମାଜ ସର୍ବ ଶିରୋମଣି ।

ଗୀତା ଭାଗବତ ରାମାୟଣର ମହିମା
ସକଳ ଶାସ୍ତ୍ରକୁ ତୁମେ କରିଲ ରଚନା
ଆହେ ଦେବ ଯୋଗେଶ୍ୱର
ଯୋଗ ସ୍ୱାସ୍ଥ୍ୟ ଆତ୍ମଜ୍ଞା ସ୍ୱତନ୍ତ୍ର ବିଚାର ।

ଜଡ଼ ମଜହବ ବିନାଶି ଚେତନେ
ଆଶ୍ରୟ
ମନ୍ଦିର ମସଜିଦ କଲ ଦେହ
ଦେବାଳୟ
ଆହେ ତୁମ୍ଭେ ଦୟାମୟ
ଆତ୍ମଜାହାର ସହାୟ ହେବ
ଭାଗ୍ୟଦୟ ।

ସାଧନ ସାଧୁସଙ୍ଗମ ଯମ ନିୟମରେ
ଓଁକାର ଶୁଭଭାବ ନେଦିବ୍ୟ ଜ୍ଞାନ
ସ୍ଫୁରେ
ଦ୍ରଷ୍ଟା ଭାବେ ସ୍ୱରୁପର
କହୁଅଛି କୃପାସିନ୍ଧୁ ଯୋଡ଼ି ବେନିକର ।


♥ ଜୁଣବଳଦା, ଗୋଡ଼ିଖାଲ ଆଶ୍ରମ
ବାଲେଶ୍ୱର


### ପ୍ରଭୁ ବି ନିଅନ୍ତି ନବ ଯୌବନ

**ଶିବ ପ୍ରସାଦ ବାହିନୀପତି**



ଆମେ ସବୁ ମାନବ ମର୍ତ୍ତ୍ୟପୁରେ ଜନମ
ଜନମ ମାତ୍ରେ ମରଣ ସଂସାର ନିୟମ।
ଯେତେ ଜନମ କୀଟ ପତଙ୍ଗ ତରୁ ତୃଣ
ସବୁଠୁ ଶ୍ରେଷ୍ଠ ଆମ ଏ ମଣିଷ ଜନମ ।
ମିଛ ମାୟା ସଂସାରରେ ସବୁ ମିଛ
ଅଟଇ
ଜନ୍ମ ମୃତ୍ୟୁ ଏକା ସତ୍ୟ ଜାଣିଥାଅ
ଭାଇ।

ମିଛେ ବୋଲୁ ମୋର ମୋର କିଛି
ନୁହେଁ କା'ର
ଯାହା ଦେଖୁ ଆମେ ସବୁ ସେହି
ପ୍ରଭୁଙ୍କର ।
ଜୀବନ ରହିଛି ମାନେ ଅଛି ସୁଖ ଦୁଃଖ
ସୁଖ କାଳେ ହସିବା ଦୁଃଖେ ନୋହିବା
ଭୀତ ।
ଜନ୍ମ ମାତ୍ରେ ମୃତ୍ୟୁ ଧ୍ରୁବ ଡରିବାର
ନାହିଁ
ମରତେ ଜନମ ହୋଇ ଦେବତା ବି
ମରୁଥାଇ ।
ଭୁଲ ନାହିଁ ଏହି କଥା ହେ ମାନବଗଣ
ପ୍ରଭୁ ବି ନିଅନ୍ତି ମରତେ ନବ
ଯୌବନ।


♥ ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
ମୋ: ୮୯୧୭୪୦୪୩୯୬


### ତୁ ଠାକୁର ନୁହଁ ଗୋଟେ ପଥର

**ଅନନ୍ତ କୁମାର**



କାଠ ଗଡ ପରି ବସିଛୁ ଦେଉଳେ
ଷାଠିଏ ପଉଟି ଭୋଗ ଖାଇ
ମୁଁ ଏଠି ଭୋକ ଭିକଳେ ମରୁଅଛି
ମୁଠାଏ ଦାନା ମିଳୁ ନାହିଁ,

ଜଗତ ଠାକୁର ବୋଲି ତୁହି ପଡେ ହୁରି
ଜଗତର କଲ୍ୟାଣ କରୁ ବୋଲି

ଆଜି କେମିତି ନିଜ କଥା ବୁଝି ବସିଲୁ
ଭକ୍ତର କଥା ଟିକେ ଭାବିଲୁନି,

ଭକତ ଭାବରେ ବନ୍ଧା ବୋଲି
ଚାରିଆଡ଼େ ତୁହି ବୋଲାଉ
ଆଜି ଭକତ ଅଭାବ ଦେଖି
କେମିତି ନିରବ ରହିଲୁ,

ଗୋପନେ ବସି ଭୁଞ୍ଜିଲୁ ଦେଉଳେ
ଷାଠିଏ ପଉଟି ସୁଆଦିଆ ଭୋଗ
ଭୋକ ବିକଳରେ ତ ଆଖି ଆଗେ
ତ ଭକ୍ତ ରହିଲା ଆଜି ଉପବାସ,

ଶୁଣିଥିଲି ତୁ ଦୟାର ସାଗର
ଦୟା କରୁ ସଭିଙ୍କର
ହେଲେ ଆଜିଠାରୁ ମୁଁ ଜାଣିଗଲି
ତୁ ନା ଗୋଟିଏ ପଥର ।


♥ ତିହିଡି,ଭଦ୍ରକ
ମୋ: ୮୩୩୯୯୩୯୯୨୯

# ଜୀବନରେ ନୈତିକ ମୂଲ୍ୟବୋଧର ପରିଭାଷା



## ନମିତା ପାଇକରାୟ

ହାଜର ହଜାର ବର୍ଷ ତଳର ନୈତିକ ମୂଲ୍ୟବୋଧ ଭିତ୍ତିକ ଜୀବନ ଶୈଳୀ ହିଁ ଭାରତୀୟଙ୍କୁ ସଶକ୍ତ କରି ଆଗାମୀ ପୀଢିକୁ ସେମାନଙ୍କ ଲକ୍ଷ୍ୟସ୍ଥଳକୁ ଅଗ୍ରସର କରାଇବା ପାଇଁ ଅନବରତ ଚେଷ୍ଟା ଜାରି ରଖିଛି । ବୈଦିକ ଯୁଗରୁ ବେଦ, ଉପନିଷଦ, ପୁରାଣ ଏବଂ ବିଭିନ୍ନ ସଂହିତାରେ ଲୋକାଚାରକୁ ଲିପି ବଦ୍ଧ କରା ଯାଇଛି । ତେଣୁ ପ୍ରତି କର୍ମ ସୁଚାରୁ ରୂପେ ସମାପନ କରାଯାଇ ପାରୁଛି । ବୈଦିକ ଜ୍ଞାନ ବିଜ୍ଞାନ ଆମକୁ ପ୍ରତିକୂଳ ପରିସ୍ଥିତିରେ ସଂଘର୍ଷ କରିବା ଶିଖାଇ ଥାଏ । ଆମ ଜୀବନରେ ସକାରାତ୍ମକ ଚିନ୍ତା ଚେତନାର ମୂଳ ସୂତ୍ର ହେଉଛି ଆମ ବୈଦିକ ଗାଥା । ଆମେ ଆମ ପରମ୍ପରା ଗତ ଜ୍ଞାନ ଓ ଅଜର ଅମର ସୌନ୍ଦର୍ଯ୍ୟ ପୂର୍ଣ୍ଣ ସଂସ୍କୃତିକୁ ନେଇ ଜୀବନ ଜିଇଁବାକୁ ଶ୍ରେୟ ମଣୁ ।

ହଜାର ହଜାର ବର୍ଷ ପୂର୍ବରୁ ଆମ ଭାରତୀୟ ମୁନି ଋଷି ମାନେ ଗଛ ପତ୍ର, ପଶୁ ପକ୍ଷୀ, କୀଟ ପତଙ୍ଗ ମାନଙ୍କ ଭାଷା ବୁଝି ପାରୁଥିଲେ । ସେମାନେ ସ୍ୱୟଂ ଈଶ୍ୱରଙ୍କ ଭବିଷ୍ୟବାଣୀକୁ ଧ୍ୱନି ମାଧ୍ୟମରେ ଶୁଣି ପାରୁଥିଲେ । ଯାହା ଶାଶ୍ୱତ ସତ୍ୟ ଏବଂ ସର୍ବଶକ୍ତିମାନ ବୋଲି ବିବେଚିତ ହେଉଥିଲା । ସେମାନେ ତାଙ୍କର ଶିଷ୍ୟ ମାନଙ୍କୁ ଶିକ୍ଷା ଦେଉଥିଲେ ଏ ଦିବ୍ୟ ଜ୍ଞାନକୁ ଆହରଣ କରିବା ପାଇଁ । ବର୍ତ୍ତମାନ ମଧ୍ୟ ତାପସ ତପସ୍ୱିନୀ ମାନେ ଏ ଜ୍ଞାନ ପାଇବା ପାଇଁ ତପସ୍ୟାରତ ।

ଜୀବନକୁ କିପରି ସର୍ବଶ୍ରେଷ୍ଠ କରି ଗଢି ତୋଳିବାକୁ ହେବ ଭାରତୀୟ ମାନେ ସଦା ସର୍ବଦା ସାଧନାରତ । ଯେଉଁ ମାନଙ୍କର ଏ ଦିଗରେ ଇଚ୍ଛା ଆକାଂକ୍ଷା ଥାଏ ସେ ନିଶ୍ଚୟ ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ପାରିବ, ଯଦି ସେ ଶୁଦ୍ଧ ସାଧନା କରିପାରିବ । ପ୍ରତ୍ୟେକ ମଣିଷଙ୍କ ଇଚ୍ଛା ଭିନ୍ନ ଥାଇ ପାରେ କିନ୍ତୁ ସୁଖ , ଶାନ୍ତି, ସମୃଦ୍ଧି ଜୀବନରେ ସମସ୍ତେ ଚାହାଁନ୍ତି । ଗୋଟେ ଶୁଦ୍ଧ ଚେତନା ଭରା ହୃଦୟ ନିଶ୍ଚୟ ଏକ ସୁନ୍ଦର ଜୀବନ ଗଢିବାରେ ସହାୟକ ହୋଇ ଥାଏ । ଯେ କୌଣସି ପରିସ୍ଥିତି ହେଉନା କାହିଁକି ଏକ ଶୁଦ୍ଧ ଚେତନା ଧାରୀ ହୃଦୟର ମଣିଷ ହିଁ ସରଳ ସୁନ୍ଦର ସମାଧାନ ର ରାସ୍ତା ପାଇଥାଏ ।

ଆମ ଉଚ୍ଚକୋଟିର ଭାଷା ସାହିତ୍ୟ ହିଁ ଆମକୁ ଜୀବନ ଜୀଇଁବାର ଶୈଳୀ ବତାଇ ଥାଏ । ଆମର ବେଦ, ଉପନିଷଦ, ପୁରାଣ, ମହାକାବ୍ୟ ରାମାୟଣ, ମହାଭାରତର ମହା ଗାଥା ଆମକୁ ରାସ୍ତା ଦେଖାଏ । ସତ ମାର୍ଗରେ ଯିବା ପାଇଁ ମାନସିକ ଭାବେ ପ୍ରସ୍ତୁତ କରାଏ । କୁକର୍ମ ପାଇଁ କୁଫଳ ସୁକର୍ମ ପାଇଁ ସୁଫଳ ନିଶ୍ଚୟ ପ୍ରାପ୍ତି ହେବ ବୋଲି ସାହିତ୍ୟ ମାଧ୍ୟମରେ ଦର୍ଶାଇଥାଏ କ୍ଷ କିଏ କ୍ଷଣ ଟିଏ ପାଇଁ କରୁ କିମ୍ବା ବର୍ଷ ବର୍ଷ ଧରି କରୁ, ସୁକାର୍ଯ୍ୟ କରୁ କି କୁକର୍ମ ତାର ଫଳ ତାକୁ ନିଶ୍ଚୟ ପ୍ରାପ୍ତି ହେବ । ନିଜ ଜୀବନ ନିଜର ମୂଲ୍ୟାଙ୍କନ କରିଥାଏ । ତେଣୁ ପ୍ରତ୍ୟେକ ସମୟରେ ଏକ ସୁସ୍ଥ ସୁନ୍ଦର ଜୀବନ ପାଇଁ ପ୍ରତ୍ୟେକ ଭାରତୀୟ ତାଙ୍କ ଭାଷା ସାହିତ୍ୟ ଉପରେ ନିର୍ଭର କରିବାକୁ ବାଧ ହୁଅନ୍ତି । ଆମ ଜୀବନର ପ୍ରତ୍ୟେକ ଦିନ ର ଘଟଣା ଦୁର୍ଘଟଣାକୁ ଆମେ ଆମ ସଂସ୍କୃତି ଓ ପରମ୍ପରା ସହିତ ଯୋଡ଼ି ଦେଖି ଥାଉ । ତେଣୁ ଆମେ ପାରମ୍ପରିକ ରୀତି ରେ ଜୀବନ ଜିଇଁବାକୁ ପସନ୍ଦ କରୁ । ଜିବନକୁ ଅମୃତ ମୟ କରିବାକୁ ଚେଷ୍ଟା କରୁ । ପ୍ରକୃତି କୁ ପୂଜା କରୁ । ପ୍ରତ୍ୟେକ ପ୍ରାକୃତିକ ବସ୍ତୁ ବା ଜିନିଷ ଜୀବନ ପାଇଁ ଫଳପ୍ରଦ । ଇଶ୍ୱରଙ୍କ ପ୍ରତ୍ୟେକ ସୃଷ୍ଟି ଜୀବନ ଧାରଣ ପାଇଁ ଲୋଡା, ସଂସାର ପାଇଁ ଉପଯୋଗୀ । ସେଥିରେ ଥାଏ ଐଶ୍ୱରିକ ଅଂଶ ଯାହା ଆମ ଚେତନା କୁ ସୁଦୃଢ଼ କରିଥାଏ । ପ୍ରକୃତି ଆମକୁ ସୁରକ୍ଷା ଦେଇଛି, ଆମେ ତାକୁ ସୁରକ୍ଷିତ ରଖିବା ବିଧେୟ ।

କିନ୍ତୁ ବର୍ତ୍ତମାନ ର ଯୁବ ପିଢି ଙ୍କୁ ଲାଗିଛି ଅର୍ଥର ନିଶା । ସେମାନେ ଏ ପର୍ଯ୍ୟନ୍ତ ବୁଝି ପାରୁ ନାହାନ୍ତି ସେମାନଙ୍କର ବହୁମୂଲ୍ୟ ଜୀବନର ସବୁଠାରୁ ପ୍ରମୁଖ ସମୟର ବିନିମୟରେ ସେମାନେ ଯେଉଁ ଅର୍ଥ ପାଉଛନ୍ତି, ତାକୁ ସଠିକ୍ ଭାବେ ଉପଭୋଗ କରି ପାରୁଛନ୍ତି କି ? ବର୍ତ୍ତମାନର ଶିକ୍ଷା କେବଳ କ୍ରୟ ବିକ୍ରୟ ର ପରିଧି ଭିତରେ ଘୂରି ବୁଲୁଛି । ସେମାନଙ୍କ ପାଖରେ ବଦଳି ଯାଉଛି ଜୀବନର, ସୁଖର, ଅନନ୍ତ ଆନନ୍ଦର ପରିଭାଷା । ଯୁବ ପିଢି ଅତ୍ୟନ୍ତ ସ୍ୱାର୍ଥ ସର୍ବସ୍ୱ ଓ ଆତ୍ମ କୈନ୍ଦ୍ରିକ ହୋଇ ଯାଉଛନ୍ତି । ନୈତିକ ଶିକ୍ଷା ର ଅଭାବ ସେମାନଙ୍କୁ ପଥଭ୍ରଷ୍ଟ କରାଉଛି । ସେମାନେ କେବଳ କ୍ଷିପ୍ର ଗତିରେ ଧାଉଁଛନ୍ତି ଲକ୍ଷ୍ୟ ହୀନ ପରି ତାଙ୍କ ଅଲକ୍ଷ୍ୟରେ । ଯେ ପର୍ଯ୍ୟନ୍ତ ସେମାନେ ନିଜେ ନିଜକୁ ଜାଗ୍ରତ ନ କରିଛନ୍ତି, ସେମାନେ ଏକ ପଙ୍କିଳ କଳୁଷିତ ଜିବନକୁ ଆହ୍ୱାନ କରି ଚାଲିବେ ଏବଂ ସେ ପରି ଜୀବନ ଜିଇଁବାକୁ ବାଧ ହେବେ ।

ଆମ ଭାରତୀୟ ଶିକ୍ଷା ସଂସ୍କୃତି ଅତ୍ୟନ୍ତ ପ୍ରାଚୀନ ଏବଂ ସୁଦୃଢ । ଯାହାକୁ ଆଗ୍ରହ ର ସହ ଗ୍ରହଣ କରିବା ଉଚିତ । ଜୀବନରେ ଉପଯୋଗ କରିବା ଅତ୍ୟନ୍ତ ଜରୁରୀ । ନଚେତ୍ ଆମ ଶିକ୍ଷା ସଭ୍ୟତା ଓ ସଂସ୍କୃତି କେବଳ ପୋଥିଗତ ହୋଇ ରହିଯିବ । ଜୀବନର ଚରମ ସୁଖ ରୁ ଆମେ ବଞ୍ଚିତ ହେବାକୁ ବାଧ ହେବା । ସମୟ ଥାଉ ଥାଉ ନୈତିକ ମୂଲ୍ୟବୋଧକୁ ଆମେ ବୁଝିବା ଓ ଆପଣାଇ ନେବା ଉଚିତ । ଏକ ସମ୍ପୂର୍ଣ୍ଣ ସଂପନ୍ନ ଜୀବନ ପାଇଁ ।

ନିଳାଦ୍ରୀବିହାର,ଭୁବନେଶ୍ୱର

# ଦୃଷ୍ଟିଭଙ୍ଗୀର ପ୍ରତିଫଳନ



## ସୁନନ୍ଦା ମହାନ୍ତି



ଅତୀତର ରଣଭୂମିର ଯୋଦ୍ଧା ମାନଙ୍କୁ ଆମେ ଜାଣିଛେ । ରାମାୟଣ ମହାଭାରତର ଯୋଦ୍ଧାଙ୍କ କଥା ପଢ଼ିଛେ । ଦ୍ରୋଣାଚାର୍ଯ୍ୟ କୌରବ ଓ ପାଣ୍ଡବ ଭାଇମାନଙ୍କ ମଧ୍ୟରୁ ଜେଷ୍ଠ ଦୁର୍ଯୋଧନ ଓ ଯୁଧିଷ୍ଠିର ଦୁଇ ଯୋଦ୍ଧାଙ୍କୁ ଡ଼ାକି ଗୋଟେ କାମ ଦେଇଥିଲେ, ପୃଥିବୀ ପୃଷ୍ଟରେ କେତେ ଭଲ ଲୋକ ଓ କେତେ ମନ୍ଦ ଲୋକ ଅଛନ୍ତି ବୁଝି ଆସିବାକୁ ନିର୍ଦ୍ଦେଶ ଦେଇଥିଲେ । ଦୁଇ ଯୋଦ୍ଧା ଏଇ ସାମାନ୍ୟ କାମରେ ଗୁରୁଙ୍କ କଥା ମାନି, ମାଆ ଦୁର୍ଗାଙ୍କ ନବଦିନ ବ୍ୟାପି ପୂଜା ବେଳେ ମର୍ତ୍ତ୍ୟରେ ପହଞ୍ଚି ଛଦ୍ମ ବେଶରେ ପୂଜା ମଣ୍ଡପ ବୁଲି ଦେଖିବା ସହ ଲୋକମାନଙ୍କୁ ଅନୁଶୀଳନ କରୁଥିଲେ । ଦୁର୍ୟୋଧନଙ୍କୁ ସବୁ ନିଷ୍ଫଳ ଲାଗୁଥିଲା ବେଳେ ଯୁଧିଷ୍ଠିରଙ୍କୁ ସବୁଆଡ଼େ ଯୋଦ୍ଧା ଥିବାର ଅନୁମେୟ ହୋଇଥିଲା ଓ ମଣିଷ ଭିତରେ ମାନବିକତା ଦୃଷ୍ଟି ଗୋଚର ହୋଇଥିଲା ।

ଦୁହେଁ ଫେରି ଯାଇ ଗୁରୁ ଦ୍ରୋଣଙ୍କୁ ଯିଏ ଯାହା ଅନୁଭୂତିରୁ ଆହରଣ କରିଥିବା ଜ୍ଞାନ ଅନୁଯାୟୀ ଦୁର୍ଯୋଧନ ଜଣେ ହେଲେ ଭଲ ମଣିଷ ନଦେଖିଥିବା କହିବା ବେଳେ ଯୁଧିଷ୍ଠିର ଜଣେ ହେଲେ ଖରାପ ମଣିଷ ଦେଖିବାକୁ ପାଇନଥିବାର କହିଥିଲେ । ଗୁରୁ ଦ୍ରୋଣ, କେମିତି ଜାଣିଲ କାରଣ ପଚାରିଥିଲେ ତ ଦୁର୍ୟୋଧନ କହିଥିଲେ ମାଆଙ୍କ ଷୋଡଶ ପୂଜା ଠିକ୍ ସେ ଜଣେ ବି ମଣିଷ କରୁନାହିଁ । ମାଆଙ୍କ ମୃଣ୍ମୟ ମୂର୍ତ୍ତି ଗଠନ ଶୈଳୀ ମଧ୍ଯ ବଡ ବିଚିତ୍ର ଲାଗିଲା । ଯୁଧିଷ୍ଠିର କହୁଥିଲେ ,ପୂଜା ପଦ୍ଧତିର ଧାରା ଓ ପ୍ରୟୋଗ ଧରାରେ ଯାହା ବି ହେଉନା କାହିଁକି, ଏକତା, ଭାଇଚାରା, ଭକ୍ତି ସମସ୍ତଙ୍କ ଭିତରେ ଦେଖିବାକୁ ପାଇଲି ଗୁରୁଦେବ । ସେ ଦୁହିଁଙ୍କ କଥା ଶୁଣି ଗୁରୁ କେବଳ ପରାମର୍ଶ ଦେଇଥିଲେ ଦର୍ପଣ ଦେଖିବାକୁ ।

ଦୁଇ ଯୋଦ୍ଧା କିଛି ବୁଝିନପାରି ତଥାପି ଗୁରୁଆଜ୍ଞା ଅବମାନନା ନକରି ରାତିରେ ନିଜକୁ ଦର୍ପଣ ଆଗରେ ଉପସ୍ଥିତ କରାଇଥିଲେ ତ ଦୁହିଁଙ୍କୁ ଗୋଟାଏ ଦୃଶ୍ୟ ଦେଖାଯାଉଥିଲା । ଧରା ପୃଷ୍ଠରେ ଗୋଟିଏ ଜାଗାରେ ଦୁହେଁ ଏକତ୍ରିତ ହୋଇ ଦେଖିଥିଲେ, ଘରର ସ୍ତ୍ରୀ ଲୋକଟିଏ, ଘରର ବଳକା ଖାଦ୍ୟତକ, ବାହାରେ ଫିଙ୍ଗି ନଦେଇ ଗୋଟିଏ ଯାଗାରେ ଢାଳି ଦେବା ଦ୍ୱାରା, ତିନି ଚାରୋଟି କୁକୁର ପରସ୍ପର ଯୁଦ୍ଧ ଲାଗି ଯିଏ ଯୁଦ୍ଧରେ ଜିତିଲା ସେହିଁ ଯୋଦ୍ଧା ବୋଲାଇ ଖାଦ୍ୟ ଗ୍ରହଣ କରିବାକୁ ଯାଇ ଖାଇପାରୁନଥିଲା କାରଣ ତା ପାଟିରୁ ରକ୍ତସ୍ରାବ ହୋଇ ସେ ଖାଦ୍ୟ ଗ୍ରହଣ ଅବସ୍ଥାରେ ନଥିଲା । ସେ ଦୃଶ୍ୟ ଯୁଧିଷ୍ଠିରଙ୍କୁ ମର୍ମାହତ କଲାବେଳେ ସେ ସ୍ତ୍ରୀ ଲୋକଟିକୁ ଉପଦେଶ ଦେଇଥିଲେ, ଠା କୁ ଠା ଖାଦ୍ୟ ବାଣ୍ଟି ଥୋଇଥିଲେ, ସବୁ କୁକୁର ଖାଦ୍ୟ ଗ୍ରହଣ କରିପାରିଥାଆନ୍ତେ । ସ୍ତ୍ରୀ ଲୋକଟି ଗୁଣୁଗୁଣୁ ହୋଇ ବିରକ୍ତି ପ୍ରକାଶ କରୁଥିଲା ତ ଦୁର୍ଯୋଧନ ସେହି ସ୍ତ୍ରୀ ଲୋକଟିକୁ ପ୍ରଶଂସା କରି କହିଥିଲେ, ତୁମେ ଠିକ୍ କରିଛ । ପ୍ରକୃତ ଯୋଦ୍ଧା ଜିଏ, ସେ ହିଁ ଖାଦ୍ୟ ଗ୍ରହଣ କରିବା ଉଚିତ୍ ।

ତା ପରଦିନ ଗୁରୁ ପଚାରୁଥିଲେ ଦୁଇ ଯୋଦ୍ଧାଙ୍କୁ ଦର୍ପଣ ରେ କେଉଁ ଦୃଶ୍ୟ ପ୍ରତୀୟମାନ ହେଲା ଉତ୍ତରରେ ଦୁହେଁ ସେହି ଏକାକଥା ଓ ଦୁହିଁଙ୍କ ଚିନ୍ତାଧାରା ପ୍ରକାଶ କଲାବେଳେ, ଗୁରୁ ଦୁର୍ଯୋଧନଙ୍କୁ ପଚାରିଥିଲେ ତେବେ ସେ ସ୍ତ୍ରୀ ଲୋକଟି ତୁମ ପାଇଁ ଭଲ ଥିଲା ? ତ ଦୁର୍ୟୋଧନ ଉତ୍ତର ଦେଇଥିଲେ ନା ଆଜ୍ଞା, ତାର ଭୁଲ ସେ ଖାଦ୍ୟ ସଞ୍ଚୟ କରି ଗୋଟିଏ ଜାଗାରେ ଗଦେଇ ନରଖି ତଳେ ବିଛି ଦେଇଥିଲେ ପ୍ରତ୍ୟେକ କୁକୁରଙ୍କୁ ଏକୁଟିଆ ପାଇ ଓ ହରାଇ, ଯୋଦ୍ଧା କେବଳ ଖାଦ୍ୟ ଖାଇବାକୁ ସମର୍ଥ ହୋଇଥାନ୍ତା । ଯୁଧିଷ୍ଠିରଙ୍କ ଉତ୍ତର କିନ୍ତୁ ଭିନ୍ନ ଥିଲା, ସେ ସ୍ତ୍ରୀ ଲୋକ ଭିତରେ ଜୀବଦୟା ଭିତରେ, ତାର ମଣିଷ ପଣିଆ ଦୃଷ୍ଟି ଗୋଚର ହୋଇଥିଲା ବୋଲି କହିଥିଲେ । ଗୁରୁ ଦ୍ରୋଣଙ୍କୁ ବୁଝିବାକୁ ବାକି ନଥିଲା ଯେ, ଦର୍ପଣ ନିଜ ଚିନ୍ତାଧାରାର ପ୍ରତିଫଳନ ମାତ୍ର ।

ସାକ୍ଷୀଗୋପାଳ, ପୁରୀ
(ମୋ )୭୦୦୮୯୪୨୨୧୫

# ଆଜିର୍ କବିତା

## ହଳଦୀ ବସନ୍ତ....



### ଡଃ ମାଙ୍ଗଳିକା ମହାପାତ୍ର

ଆମ ଆମ୍ବ ତୋଟାର
ହଳଦୀ ବସନ୍ତ ..
ତା ଗୀତର ନଥାଏ
କେବେ ବି ଅନ୍ତ ..
ଏ ଡାଳରୁ ସେ ଡାଳକୁ
ଡେଇଁ ବୁଲେ ..
ମନ ମତାଣିଆ ଗୀତ
ଗାଇ ଚାଲେ ..
ଜାଣେନା ସେଥିରେ
କଣ ସେ କୁହେ ..!!
ସେ ଗାଉଥିବା ଗୀତ
ମୋ ଲାଗି ଅବୋଧ ହୁଏ
ତା ସ୍ୱରର ଝଙ୍କାରେ
ତରଙ୍ଗ ଉଠେ ମନରେ
କି କଥା କୁହେ ସେ
ତା ମଧୁର ଗୀତରେ
ଉଲ୍ଲସିତ ଭାବ
ସଂଚରେ ପ୍ରାଣରେ
ସ୍ରଷ୍ଟା ତାଙ୍କ ରୂପ ଓ ରଙ୍ଗରେ
ଦେଇଛନ୍ତି ତାକୁ ରଙ୍ଗେଇ
ଚଞ୍ଚୁ ରେ ତାର ଦେଇଛନ୍ତି
ଅଧରର ନାଲି ରଙ୍ଗ ଲଗେଇ
ଛୋଟ ବେଳେ ସ୍କୁଲ ଗଲାବେଳେ
ଖୁସି ହେଉଥିଲୁ ତତେ ଦେଖିଦେଲେ
ଆଜି ଶୁଭେନାହିଁ ତୋ ଶୁଭ କାକଳି
ଆମ୍ବ ତୋଟା ଖୋଜେ ହୋଇ ବିକଳି ।

+ରେଭେନସା ବିଶ୍ୱବିଦ୍ୟାଳୟ

## ଅନୁରାଗ...



### ରତ୍ନକାନ୍ତି ମିଶ୍ର

ତୁମ ଗାଆଁ ସଞ୍ଜବତୀ
ଆମ ଗାଁ କଅଁଳ ଖରା
ଝଟକନ୍ତି ତାରା ହୋଇ, ଅବା
ଜହ୍ନଟିଏ ହୋଇ ପରା ।

ତୁମ ଗାଆଁ ଭରା ନାଳ
ଆମ ଗାଁ ପୋଖରୀ ଜଳ
ବର୍ଷା ବିନ୍ଦୁ ହୋଇ ଝରନ୍ତି ଆକାଶୁ
ଯୋଗାନ୍ତି ଶସ୍ୟ ଓ ଫଳ ।

ତୁମ ଗାଆଁ ଧୀର ପବନ
ଛଟକରେ ଆସେ ବହି
ଏ ଗାଆଁ ର କାନେ କାନେ
ମନ କଥା ଯାଏ କହି ।

ତୁମ ଗାଆଁ ସକାଳର
ପକ୍ଷୀ କାକଳିର ଭାଷା
ଆମ ଗାଁ ହୃଦୟ ଛୁଏଁ
ମନରେ ଜଗାଏ ଆଶା ।

ତୁମ ଗାଆଁ ଛୁଇଁ ଛୁଇଁ
ଭାସଇ ଯେଉଁ ବାଦଲ
ଆମ ଗାଆଁକୁ ବି ଛୁଏଁ
ଫୁଟାଏ ଖୁସିର ଫୁଲ ।

ତୁମ ଗାଆଁ ଅବୁଝା ମନ
ଆମ ଗାଁ ବୁଝେ ବୋଲି
ପ୍ରୀତି ବାଣ୍ଟେ ଅନୁରାଗେ
ମାନ ଅଭିମାନ ଭୁଲି ।

+ଆଳି ,କେନ୍ଦ୍ରାପଡା

## ନିଛକ ସତ୍ୟ...

### ଆଦ୍ୟାଶା ମହାପାତ୍ର



ବେଳ ଅବେଳରେ
ଏକଲା ପଣରେ ଅବା
ଅନାହୂତ ଉଦବିଗ୍ନତାରେ
ତା' କଥା ମନେ ପଡିଗଲେ
ପାଣି ଟିକେ ହେଲେ ବି
ତା ତଣ୍ଟିରେ ଲାଖିବ
ସେ ବିଳପି ଉଠିବ..
ତୋ ଶୁଭ ମନାସି
ଇଶ୍ୱରଙ୍କୁ ନୈବେଦ୍ୟ ବାଢୁଥିବ
ଅଶ୍ରୁରେ...!

ପିଲାଦିନୁ ତୋତେ ସମ୍ଭାଳିଥିବା ପଣତ
ଏବେ ବି ବ୍ୟାକୁଳ
ତୋ ଦୁଃଖ ବୁଝିବାକୁ
ତୋ ଅସନା ଝାଳୁଆ ଦେହକୁ
ମହମହ କରିଦେବାକୁ
ତା' ସ୍ନିଗ୍ଧ ପରଶରେ...!

ତୁ ବିଶ୍ୱାସ କର !
ମମତାର ଫଲଗୁରେ ଭିଜେଇବାକୁ
ଏବେବି...
ତୋ ଫେରିବା ବାଟକୁ ଚାହିଁ ବସିଥିବ
ନିର୍ନିମେଷ ଦୁଇ ଆଖି
ତୋ ବୋଉର...!!!

+ନୂଆପଡା, କଟକ

## କାକର ଟୋପା ମୁଁ

### ସସ୍ମିତା ଚୌଧୁରୀ

ଦିନ ଆଲୋକରେ
ଝଲସୁଥିବା ମୁଁ
ପାଣି ଟୋପାକର ଦେହ,
ପାହାନ୍ତି ପହର
କାକର ଟୋପା ମୁଁ
ପତର ଆଖିର ଲୁହ ।

କାହାଠୁ କିଞ୍ଚିତେ
କରିନି ଯାଚନା
ଜୀବନ ଜୀଏଁ ମୁଁ କ୍ଷଣେ,
ଆକାଶୁ ପ୍ରସରୀ
ଆଲିଙ୍ଗନ ଫାଶେ
ବାନ୍ଧେ ଲତା,ବିଲ,ବଣେ ।

ବର୍ଷା ନୁହେଁ ମୁଁ
ମୋତି ମୁକ୍ତା ହାର
ମାପେ ସବୁଜିମା କୋହ,
ପାହାନ୍ତି ପହର
କାକର ଟୋପା ମୁଁ
ପତର ଆଖିର ଲୁହ ।


ମୃତ୍ୟୁ ଦୁଆରେ
ଅବିଚଳିତ ମୁଁ
ଉତ୍ତାପରେ ନିଃଶେଷିତ
ମୋ' ଶୀତଳ ସ୍ପର୍ଶ
ଦେବାକୁ ଅପରେ
ହୋଇନି ତିଳେ କୁଣ୍ଠିତ ।

ମୂର୍ଚ୍ଛି ପାରେନା
ମାଟି ମା' ଚରଣ-
ନିଉଛାଳିବାର ମୋହ,
ପାହାନ୍ତି ପହର
କାକର ଟୋପା ମୁଁ
ପତର ଆଖିର ଲୁହ ।

ଭୁବନେଶ୍ୱର
ମୋ-୭୯୭୮୩୮୦୩୨୧



## ବୋଉ...



### ଝରଣା ବାରିକ

ପ୍ରସବ ଯନ୍ତ୍ରଣାକୁ ହସି ହସି
ସହି ସନ୍ତାନଟିକୁ ଯିଏ
ଦୁନିଆଁକୁ ଆଣେ
ସିଏ ବୋଉ ।

ଚିରା ପଣତ କାନିକୁ ଢାଙ୍କି
ଯିଏ ସବୁ ବିପଦକୁ
ନିଜ ଉପରକୁ ନେଇଯାଏ
ସିଏ ବୋଉ ।

ଦୁଃଖ ବୋଲି ଗୋଟିଏ ଜିନିଷ
ଅଛି ଯାହା କେବେବି
ନିଜ ସନ୍ତାକୁ ଜାଣିବାକୁ
ଦିଏ ନାହିଁ
ସିଏ ବୋଉ ।

ଅଭାବ ଅସୁବିଧାରେ ଥାଇ
ଯିଏ ସନ୍ତାନର
ସବୁ ଅଳିକୁ ପୁରଣ କରେ
ସିଏ ବୋଉ ।

ଯାହା କୋଳରେ ମୁଣ୍ଡ ରଖି
ଶୋଇ ପଡିଲେ
ଦୁନିଆଁର ସବୁ ସୁଖ ଶାନ୍ତି
ମିଳିଯାଏ
ସିଏ ବୋଉ ।

ଯାଆ ହାତର ଶାଗ ପଖାଳ
ଆଳୁ ଚକଟାରେ
ଅମୃତ ଭରି ରହିଥାଏ
ସିଏ ବୋଉ ।

ରୋଷେଇ କରି ସମସ୍ତଙ୍କୁ
ବାଢି ଦେଇ ଯିଏ
ଶେଷରେ ବଳକା ଖାଇବାକୁ ଖାଇ
ଆତ୍ମ ତୃପ୍ତି ପାଏ
ସିଏ ବୋଉ ।

କାହା ଉପରେ ଅଭିମାନ
ନ କରି
ନିଜ କାମକୁ ଠିକ୍
ଭାବରେ ତୁଲେଇ ବା ଯେମିତି
ତାର ଜନ୍ମ ଗତ ଅଭ୍ୟାସ
ସିଏ ବୋଉ ।

ପରିବାରକୁ ଏକାଠି ଗୋଟିଏ
ସୁତାରେ ବାନ୍ଧି
ସମସ୍ତଙ୍କୁ ମମତା
ବାଣ୍ଟି ବାରେ
ଯିଏ ସିଦ୍ଧ ହସ୍ତ
ସିଏ ବୋଉ ।

+ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

# ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ତ୍ୟାଗ ଓ ସଙ୍ଘର୍ଷ ଭାରତବର୍ଷରେ ଅବିସ୍ମରଣୀୟ

ଭୁବନେଶ୍ୱର ,୧୯/୧୦ (ନି.ପ୍ର):ବିଶିଷ୍ଟ କୃଷି ବୈଜ୍ଞାନିକ, ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନର ଅଗ୍ରଣୀ ସାରଥୀ, କୃଷକ ନେତା, ପୂର୍ବତନ ବିଧାୟକ,ସାଂସଦ, ଗଡ଼ଜାତଗାନ୍ଧୀ ଭାବେ ପରିଚିତ ସାରଙ୍ଗଧର ଦାସଙ୍କ ତ୍ୟାଗ, ସଙ୍ଘର୍ଷ ଓ ସମର୍ପଣ ଭାବ ସମଗ୍ର ଭାରତବର୍ଷରେ ଅବିସ୍ମରଣୀୟ ହୋଇ ରହିଛି । ରାଜ୍ୟ ପାଇଁ ଅତୁଳନୀୟ ତ୍ୟାଗ କରିଥିବା ସ୍ୱାଧୀନତା ସଂଗ୍ରାମୀ, ବରପୁତ୍ରମାନଙ୍କ ସ୍ମୃତିରକ୍ଷା କରିବା, ସେମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସ୍ୱତନ୍ତ୍ର ଲଫାପା ପ୍ରକାଶନ ସହ ଜୀବନୀ ପୁସ୍ତକ ପ୍ରକାଶନ କରାଯିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ରାଜ୍ୟ ପର୍ଯ୍ୟଟନ,ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି ।

ସାରଙ୍ଗଧର ଦାସଙ୍କ ୧୩୬ତମ ଜନ୍ମଦିନଉପଲକ୍ଷେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଆନୁକୂଲ୍ୟରେ ଡାକ ବିଭାଗ ଦ୍ୱାରା ପ୍ରକାଶିତ ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ଏହା ପ୍ରକାଶ କରିଛନ୍ତି । ଲୋକସେବା ଭବନ ସ୍ଥିତ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଆହୁରି ମଧ କହିଛନ୍ତି ଯେ, ରାଜ୍ୟର ବରପୁତ୍ରମାନଙ୍କ ଜନ୍ମଦିନ ଓ ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସେମାନଙ୍କ ସ୍ମୃତିକୁ ସମ୍ମାନ ଦେବାପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଓ ସଂକଳ୍ପ ଗ୍ରହଣ କରିଛନ୍ତି ବିଭାଗ ପକ୍ଷରୁ ତାହା କାର୍ଯ୍ୟକାରୀ କରାଯିବ । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ ରାଜ୍ୟର କଳା ଓ ସଂସ୍କୃତିର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ ସହ, ପୂଜ୍ୟପୂଜା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପଦକ୍ଷେପ, ଦେଶ ଓ ଜାତି ପାଇଁ କାର୍ଯ୍ୟକରିଥିବା ସମସ୍ତଙ୍କ ସ୍ମୃତିକୁ ଜନମାନସରେ ପ୍ରତିଫଳିତ କରିବ ବୋଲି ପ୍ରକାଶ କରିଥିଲେ । ବିଭାଗର ନିର୍ଦ୍ଦେଶକ ରଂଜନ କୁମାର ଦାସ ଆଜାଦୀ କା ଅମୃତ ମହୋତ୍ସବ ତଥା ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ପରିପ୍ରେକ୍ଷୀରେ ସାରଙ୍ଗଧର ଦାସଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଡାକ ଲଫାପା ଉନ୍ମୋଚନ ,ଏହି ମହାନ ସଂଗ୍ରାମୀଙ୍କ ଜୀବନ ଦର୍ଶନର ପ୍ରଚାର ପ୍ରସାରରରେସହାୟକ ହୋଇଛି ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ଦେଇକହିଲେ ଯେ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ନାମରେ ଆଜି ସ୍ୱତନ୍ତ୍ର ଲଫାପା ପ୍ରକାଶିତ ହୋଇଥିବା ବେଳେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଉପରେ ସ୍ୱତନ୍ତ୍ର ଡାକଲଫାପାପାଇଁ ପ୍ରସ୍ତୁତି ଜାରି ରହିଛି ଓ ଖୁବ୍ ଶୀଘ୍ର ଏହା ପ୍ରକାଶ ପାଇବ । ସେହିଭଳି ଆଗାମୀ ଦିନରେ ଧରଣୀଧର ଭୂୟାଁ, ପବିତ୍ର ମୋହନ ପ୍ରଧାନ,ରେଣ୍ଡୋ ମାଝୀ,ସମରେନ୍ଦ୍ର କୁଣ୍ଡୁ,ରବି ରାୟଙ୍କ ପରି ଦେଶପାଇଁ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ବରପୁତ୍ରମାନଙ୍କର ସ୍ମୃତିରକ୍ଷା ପାଇଁ ପଦକ୍ଷେପ ନିଆଯିବାକୁ ସେ ଅନୁରୋଧ କରିଥିଲେ ।

# ୧୦ ଗରିବ ରାଜ୍ୟରେ ଏବେବି ଓଡ଼ିଶା: ବିହାର ଓ ଝାଡ଼ଖଣ୍ଡଠୁ ବି ପଛରେ

ଭୁବନେଶ୍ୱର ,୧୯/୧୦ (ନି.ପ୍ର): :ଗତ ଏକ ଦଶନ୍ଧି ଧରି ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଜାତୀୟ ହାର ତୁଳନାରେ ଅଧିକ, ଦ୍ରୁତ ଗରିବ ହ୍ରାସ କରିବାରେ ଓଡ଼ିଶା ସବୁଠୁ ଆଗରେ ଆଦିର ବାହାସ୍ଫୋଟ ମାରି ବିକାଶର ଗୋଲାପୀ ଚିତ୍ର ଦେଉଥିବା ବିଜେଡି ସରକାରର ଅସଲ ମୁଖା ଖୋଲିଯାଇଛି । ଦୀର୍ଘ ୨୨ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ସ୍ଥିର ସରକାର ଥିଲେ ମଧ ଓଡ଼ିଶା ଏବେବି ଦେଶର ପ୍ରମୁଖ ୧୦ଟି ଗରିବ ରାଜ୍ୟ ମଧ୍ୟରେ ରହିଛି । ଝାଡ଼ଖଣ୍ଡ ଓ ବିହାର ଭଳି ରାଜ୍ୟରେ ଗରିବ ସଂଖ୍ୟା ହ୍ରାସ ଓଡ଼ିଶା ତୁଳନାରେ ବେଶ୍ ଭଲ ଥିବାବେଳେ ଗୋଆ, ଜାମ୍ମୁ କାଶ୍ମୀର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ତୁଳନାରେ ବି ଓଡ଼ିଶା ଦାରିଦ୍ର୍ୟ ହ୍ରାସ ମାମଲାରେ ପଛରେ ରହିଛି। ଜାତିସଂଘର ୟୁଏନଡିପି ଓ ଅକ୍ସଫୋର୍ଡର ଓପିଏଚଆଇ ଦ୍ୱାରା ଜାରି ଗ୍ଲୋବାଲ ମଲଟିଡିମେନିସିଆଲ ପଭର୍ଟି ଇଣ୍ଡେକ୍ସ (ଏମପିଆଇ)-୨୦୨୨ ରିପୋର୍ଟରୁ ଏହା ଜଣାପଡ଼ିଛି । ଆଉ ଓଡ଼ିଶାରେ ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ବଳ, ଦକ୍ଷ ମାନବ ସମ୍ବଳ, ପ୍ରଗତିଶୀଳ ନୀତି ଓ ସ୍ଥିର ସରକାରର ଆଳ ଦେଖାଇ ନିବେଶକଙ୍କୁ ଆକୃଷ୍ଟ ପାଇଁ ଉଦ୍ୟମ କରୁଥିବା ରାଜ୍ୟ ସରକାରଙ୍କର ରାଜ୍ୟରୁ ଗରିବ ହ୍ରାସ କରିବାରେ ପାରିବାପଣିଆ ବି ପଦାରେ ପଡ଼ିଛି । ଜାତିସଂଘ ପକ୍ଷରୁ ଗତକାଲି ଜାରି ଏମପିଆଇ-୨୦୨୨ ରିପୋର୍ଟ ଅନୁସାରେ, ୨୦୧୫-୧୬ରୁ ୨୦୧୯-୨୧ ମଧ୍ୟରେ ସମଗ୍ର ଦେଶରେ ଦ୍ରୁତ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଗୋଆ ଆଗରେ ରହିଛି । ତା'ପଛକୁ ଜାମ୍ମୁ କଶ୍ମୀର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ଭଳି ରାଜ୍ୟ ରହିଛନ୍ତି । ମାତ୍ର ସେହି ତୁଳନାରେ ୧୦ଟି ଗରିବ ରାଜ୍ୟ ଏଭଳି ଗରିବ ହ୍ରାସ କରିବାରେ ସକ୍ଷମ ହୋଇପାରିନାହାନ୍ତି । ଏମପିଆଇର ରିପୋର୍ଟ ଅନୁସାରେ ୨୦୧୫-୧୬ରେ ଯେଉଁ ୧୦ଟି ରାଜ୍ୟ ଗରିବ ଥିଲେ ସେହି ତାଲିକାରୁ ୨୦୧୯-୨୧ରେ କେବଳ ପଶ୍ଚିମବଙ୍ଗ ବାଦ୍ ପଡ଼ିଛି । ଅନ୍ୟ ରାଜ୍ୟଗୁଡ଼ିକ ସେପରି ଦେଶର ୧୦ଟି ସର୍ବାଧିକ ଗରିବ ରାଜ୍ୟ ତାଲିକାରେ ରହିଛନ୍ତି । ସେମାନେ ହେଲେ ବିହାର, ଝାଡ଼ଖଣ୍ଡ, ମେଘାଳୟ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଆସାମ, ଓଡ଼ିଶା, ଛତିଶଗଡ଼ ଓ ରାଜସ୍ଥାନ ରହିଛି । ତେବେ ଏମପିଆଇ-୨୦୨୨ ରିପୋର୍ଟ ଅନୁସାରେ ବିହାର ଦାରିଦ୍ର୍ୟ ହ୍ରାସରେ ଉଲ୍ଲେଖନୀୟ ସଫଳତା ପାଇଛି । ବିହାରରେ ଦାରିଦ୍ର?ୟ ହ୍ରାସ ପରିମାଣ ୨୦୦୫-୦୬ରେ ୭୭.୪୦% ଥିବାବେଳେ ଏହା ୨୦୧୫-୧୬ରେ ୨୫ ପ୍ରତିଶତ ହ୍ରାସ ପାଇ ୫୨.୪୦% ରହିଥିଲା । ମାତ୍ର ୨୦୧୯-୨୧ରେ ଏହା ଆଉ ୧୭.୭୦% ହ୍ରାସ ପାଇ ୩୪.୭୦ ପ୍ରତିଶତରେ ରହିଛି ।

ସେହିଭଳି ଝାଡ଼ଖଣ୍ଡରେ ଦାରିଦ୍ର?ୟ ହାର ୨୦୦୫-୦୬ରେ ୭୪.୯୦ ପ୍ରତିଶତ ଥିବାବେଳେ ୨୦୧୫-୧୬ରେ ଏହା ୩୨.୪୦ ପ୍ରତିଶତ ହ୍ରାସ ପାଇ ୪୬.୫୦% ରେ ରହିଥିଲା । ମାତ୍ର ଦଶନ୍ଧି ମଧ୍ୟରେ ସମଗ୍ର ଦେଶରେ ସର୍ବାଧିକ ପରିମାଣର ଗରିବ ହ୍ରାସ ହୋଇଥିବା ନେଇ ବାହାସ୍ଫୋଟ ମାରୁଥିବା ଓଡ଼ିଶା ସରକାର ୨୦୦୪-୦୫ରେ ଦାରିଦ୍ର୍ୟ ହାର ୫୭.୨% ଥିବାବେଳେ ସେଥିରେ ୨୪.୬% ହ୍ରାସ ପାଇ ୨୦୧୧-୧୨ରେ ୩୨.୫୯%ରେ ରହିଥିଲା। ଆଉ ଗତ ଦଶନ୍ଧି ମଧ୍ୟରେ ପ୍ରାୟ ୮୦ଲକ୍ଷ ଲୋକ ଗରିବ ସୀମାରେଖା ତଳୁ ଉପରକୁ ଉଠିଛନ୍ତି ବୋଲି ଓଡ଼ିଶା ସରକାର ଦାବି କରୁଛନ୍ତି । ଗତ ଦୁଇଦିନ ତଳେ ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ ମାଧ୍ୟମରେ କହିଥିଲେ ଯେ ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଗରିବ ରାଜ୍ୟରୁ ସର୍ବାଧିକ ଦାରିଦ୍ର୍ୟ ହ୍ରାସ କରିପାରିଛି । ପ୍ରାୟ ୨୫% ଦାରିଦ୍ର୍ୟ ହ୍ରାସ ଓଡ଼ିଶା କରିଛି । ବିକାଶ ସମସ୍ତଙ୍କ ପାଖରେ ପହଂଚାଇବାକୁ ସାମଗ୍ରିକ ପଦକ୍ଷେପଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ସଂକଳ୍ପବଦ୍ଧ ବୋଲି କହିଥିଲେ । ତେବେ ପ୍ରଶ୍ନ ଉଠୁଛି, ଜାତିସଂଘର ରିପୋର୍ଟ ଅନୁସାରେ ବିହାର ଗତ ୧୫ ବର୍ଷ ମଧ୍ୟରେ ୪୨.୭୦% ଓ ଝାଡ଼ଖଣ୍ଡ ୩୨.୪୦% ପ୍ରତିଶତ ଦାରିଦ୍ର୍ୟ ହ୍ରାସ କରିଥିବାବେଳେ ଓଡ଼ିଶା ମାତ୍ର ୨୫% ଦାରିଦ୍ର୍ୟ ହ୍ରାସ କରିପାରିଛି। ଯଦି ଓଡ଼ିଶାରେ ଆର୍ଥିକ ଅଭିବୃଦ୍ଧି ଜାତୀୟ ହାରଠୁ ଅଧିକ ଓ ଦ୍ରୁତ ବିକାଶ ହେଉଛି ତା'ହେଲେ ପଶ୍ଚିମବଙ୍ଗ ଭଳି ଓଡ଼ିଶା କାହିଁକି ଦେଶର ଅତ୍ୟଧିକ ଗରିବ ରାଜ୍ୟ ତାଲିକାରୁ ବାଦ୍ ପଡ଼ିଲା ନାହିଁ। ଓଡ଼ିଶାରେ ଦ୍ରୁତ ଦାରିଦ୍ର?ୟ ହ୍ରାସ ନେଇ ଜାତିସଂଘ ରିପୋର୍ଟରେ କାହିଁକି କିଛି ଉଲ୍ଲେଖ ହେଲାନି ଓ ସର୍ବାଧିକ ଦାରିଦ୍ର୍ୟ ହ୍ରାସ(୨୫%)କୁ ନେଇ ସରକାର ଆଉ କେତେ ଦିନ ବାହାସ୍ଫୋଟ ମାରିବେ ? ଏମପିଆଇ-୨୦୨୨ ରିପୋର୍ଟ ଅନୁସାରେ, ଅବଶ୍ୟ ୨୦୧୫-୧୬ରୁ ୨୦୧୯-୨୧ ମଧ୍ୟରେ ଦାରିଦ୍ର୍ୟ ହ୍ରାସ ହାର ଭାରତରେ ଅପେକ୍ଷାକୃତ ଦ୍ରୁତ ଓ ଅଧିକ ରହିଛି ।

# ଅର୍ଚ୍ଚନା ନାଗ ମାମଲାର ନିରପେକ୍ଷ ତଦନ୍ତ ଦାବିରେ ଡିଜିପିଙ୍କୁ ଯୁବ କଂଗ୍ରେସର ଦାବିପତ୍ର

ଭୁବନେଶ୍ୱର ,୧୯/୧୦ (ନି.ପ୍ର): ଅର୍ଚ୍ଚନା ନାଗ ସମ୍ପର୍କରେ ରହିଥିବା ରାଜ୍ୟ ସରକାରଙ୍କ ନେତା, ମନ୍ତ୍ରୀ ଓ ବିଧାୟକଙ୍କ ସମେତ ପ୍ରଭାବଶାଳୀ ଅଧିକାରୀମାନଙ୍କ ପର୍ଦ୍ଦାଫାସ, ଅର୍ଚ୍ଚନାଙ୍କୁ ମିଳିଥିବା ସରକାରୀ ଆନୁଗତ୍ୟ ଓ ତାଙ୍କ ପଛରେ ଖର୍ଚ୍ଚ କରାଯାଇଥିବା ବିପୁଳ କଳାଧନର ତଥ୍ୟ ଉନ୍ମୋଚିତ ହେବା ଆବଶ୍ୟକ। ପୋଲିସ ଏସବୁ ଦିଗକୁ ନିରପେକ୍ଷ ଭାବେ ତଦନ୍ତ କରିବା ଦାବିରେ ମଙ୍ଗଳବାର ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦ୍ୱୈତ ନଗରୀ ପୋଲିସ କମିଶନରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛି। ଏହା ବ୍ୟତୀତ ଯୁବ କଂଗ୍ରେସ କର୍ମୀମାନେ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ପ୍ଲାକାର୍ଡ ଧରି ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା କହିଛନ୍ତି ଯେ, ଅର୍ଚ୍ଚନା ନାଗ ମାମଲା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ବହୁ ନେତା, ମନ୍ତ୍ରୀ, ବିଧାୟକ, ସରକାରୀ ଅଫିସର, ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଅର୍ଚ୍ଚନାଙ୍କ ସମ୍ପର୍କ ରହିଥିବା ସୂଚନା ମିଳୁଛି। ଏପରିକି ଥାର୍ଡ ଫ୍ଲୋରକୁ ମଧ ଅର୍ଚ୍ଚନାଙ୍କ ଅବାଧ ପ୍ରବେଶ ଅନୁମତି ରହିଥିବା ଅଭିଯୋଗ ହେଉଛି। ଅର୍ଚ୍ଚନାଙ୍କ ପଛରେ ସରକାରୀ କଳର ଅପବ୍ୟବହାର କରାଯିବା ସହ ବହୁ କଳାଧନ ବିନିଯୋଗ କରାଯାଇଛି। ତେଣୁ ଘଟଣାର ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବାର ଆଶଙ୍କା ରହିଛି। ପୋଲିସ କୌଣସି ପ୍ରକାର ଚାପର ବସବର୍ତ୍ତୀ ନ ହୋଇ ଏହାର ଉପଯୁକ୍ତ ତଦନ୍ତ କରି ପ୍ରକୃତ ସତ୍ୟ ଉନ୍ମୋଚନ କରିବା ସହ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ ଦାବି କରିଛନ୍ତି।

# ସ୍ଥାୟୀ ନିଯୁକ୍ତିରେ ସରକାର ସଂରକ୍ଷଣ ଆଇନକୁ ଅନୁକରଣ କରନ୍ତୁ : କଂଗ୍ରେସ

ଭୁବନେଶ୍ୱର ,୧୯/୧୦ (ନି.ପ୍ର): ନିକଟରେ ଓଡ଼ିଶା ସରକାର ବହୁତ ଦିନ ପୂର୍ବରୁ ଠିକା ଭାବରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ନିୟମିତ କର୍ମଚାରୀ କରିବା ପାଇଁ ଘୋଷଣା କରିଛନ୍ତି । ସେହି ଅନୁସାରେ ୫୭ହଜାର କର୍ମଚାରୀଙ୍କ ମଧ୍ୟରୁ ୨୨ ହଜାରରୁ ଉର୍ଦ୍ଧ୍ୱ ଦଳିତ ଆଦିବାସୀ ବର୍ଗର ଲୋକେ ସ୍ଥାୟୀ ନିଯୁକ୍ତି ପଦ ପାଇବା ପାଇଁ ହକ୍‌ଦାର କିନ୍ତୁ ସରକାର ଠିକା ନିଯୁକ୍ତି ସମୟରେ ସଂରକ୍ଷଣ ନିୟମକୁ ପାଳନ କରିନଥିବାରୁ ଏବେ ସେମାନଙ୍କ ମଧ୍ୟରୁ ୨୨ହଜାରରୁ ଉର୍ଦ୍ଧ୍ୱ ପଦବୀ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ ପଦ ପାଇବାପାଇଁ ହକ୍‌ରୁ ବଂଚିତ ହେବେ। ଯଦି ଆବଶ୍ୟକୀୟ ପଦ ପାଇଁ ପ୍ରାର୍ଥୀ ଅଭାବ ଥାଏ ତେବେ ସ୍ୱତନ୍ତ୍ର ବ୍ୟବସ୍ଥା ଅନୁଯାୟୀ ସରକାର ତାହା ପୂରଣ କରନ୍ତୁ ବୋଲି ଆଜି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁସୂଚିତ ଜନଜାତି ବିଭାଗର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ଓ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା ଦାବୀ କରିଛନ୍ତି । ଯଦି ସରକାର ସଂରକ୍ଷଣ ଆଇନ୍‌କୁ ଠିକ୍ ଭାବରେ କାର୍ଯ୍ୟକାରୀ ନକରି ମନଇଚ୍ଛା ସ୍ଥାୟୀ ନିଯୁକ୍ତି କରନ୍ତି ତେବେ କଂଗେସ୍ର ଅନସୂଚିତ ଜାତି ଓ ଜନଜାତି ରାଜରାସ୍ତାକୁ ଓହ୍ଲେଇବାକୁ ବାଧ ହେବେ ଓ ଆବଶ୍ୟକସ୍ଥଳେ ଆଇନ୍‌ର ଆଶ୍ରୟ ନେବ ବୋଲି ସରକାରଙ୍କୁ କଡ଼ା ଚେତାବନୀ ଦିଆଯାଇଛି।

# ସ୍ପେନ ଓ ଗ୍ୱାଟେମାଲାରେ ନିଯୁକ୍ତ ରାଷ୍ଟ୍ରଦୂତଙ୍କ ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ

ଭୁବନେଶ୍ୱର ,୧୯/୧୦ (ନି.ପ୍ର): ସ୍ପେନ ଦେଶ ପାଇଁ ନିଯୁକ୍ତ ଭାରତୀୟ ରାଷ୍ଟ୍ରଦୂତ ଦିନେଶ କୁମାର ପଟ୍ଟନାୟକ ଏବଂ ଗ୍ୱାଟେମାଲା ପାଇଁ ନିଯୁକ୍ତ ଭାରତୀୟ ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର ମଙ୍ଗଳବାର ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ କରିଛନ୍ତି । ଏହି ଅବସରରେ ଶ୍ରୀ ପଟ୍ଟନାୟକ ୱାର୍ଲ୍ଡ ସ୍କିଲ ସେଂଟରକୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ଓଡିଶା ସ୍କିଲର ହବ୍ ଅଟେ । କୌଣସି ଆଧୁନିକ ଅର୍ଥନୀତିର ବିକାଶରେ ଦକ୍ଷତା ବିକାଶ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଏବଂ ଦେଶରେ ପ୍ରତିଭା ବିକାଶର ଏକ ହବ୍ ଭାବରେ ଓଡିଶାରେ ୱାର୍ଲ୍ଡ ସ୍କିଲ ସେଂଟର ବିକଶିତ ହେବା ଆଶ୍ଚର୍ଯ୍ୟଜନକ ଅଟେ । ସେହିଭଳି ଶ୍ରୀ ମହାପାତ୍ର ୱାର୍ଲ୍ଡ ସ୍କିଲ ସେଂଟରର ଅତ୍ୟାଧୁନିକ ବୈଷୟିକ ତାଲିମ କେନ୍ଦ୍ର ଦେଖି ଖୁସି ବ୍ୟକ୍ତ କରିବା ସହ ପ୍ରକାଶ କରିଛନ୍ତି ଯେ ସିଙ୍ଗାପୁର ସରକାରଙ୍କ ସହଭାଗିତାରେ ଓଡ଼ିଶା ସରକାର ୱାର୍ଲ୍ଡ ସ୍କିଲ ସେଂଟରର ବିକାଶ କରିଛନ୍ତି, ଯାହା ଦକ୍ଷତା ବିକାଶ ନିମନ୍ତେ ରାଜ୍ୟ ପାଇଁ ପ୍ରକୃତରେ ଆବଶ୍ୟକ ଥିଲା । ରାଷ୍ଟ୍ରଦୂତ ୱାର୍ଲ୍ଡ ସ୍କିଲ ସେଂଟରରେ ତାଲିମ ନିମନ୍ତେ ଚୟନ ପ୍ରକ୍ରିୟା ବିଷୟରେ ପଚାରି ବୁଝିଥିଲେ। ଚଳିତ ବର୍ଷ ଆରମ୍ଭ ହୋଇଥିବା ବିୟୁଟି ୱେଲ୍‌ନେସ୍ ସ୍ପା ଓ ହେୟାର ଫେସନ ଡିଜାଇନିଂ ପାଠ୍ୟକ୍ରମ ବିଷୟରେ ଅବଗତ ହୋଇ ସେମାନେ ଖୁସି ବ୍ୟକ୍ତ କରିଥିଲେ ଏବଂ କହିଥିଲେ ଯେ ଏହି ଦୁଇଟି ପାଠ୍ୟକ୍ରମରେ ତାଲିମ ନେବା ଫଳରେ ଅଧିକ ନିଯୁକ୍ତି ଏବଂ ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ।

ୱାର୍ଲ୍ଡ ସ୍କିଲ ସେଂଟରର ସିଇଓ ରେଘୁ ଜି କହିଛନ୍ତି ଯେ ୧୩୪୨.୨ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଓଡିଶାର ସ୍କିଲ ଇକୋ ସିଷ୍ଟମ ପାଇଁ ଏକ ପ୍ରାଥମିକ ତାଲିମ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରୁଛି । ଏହା ଆଇଟିଆଇ ଓ ପଲିଟେକନିକ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅନୁଷ୍ଠାନ ଭାବେ ଭୂମିକା ଗ୍ରହଣ କରିବ । ଅନ୍ୟମାନଙ୍କ ମଧ୍ୟରେ ପ୍ରିନ୍ସିପାଲ, ସଙ୍ଗରନ ଗୋପାଲ, ଇଞ୍ଜିନିୟରିଂ ବିଭାଗର ନିର୍ଦ୍ଦେଶକ, ଚିୟକ ଏଙ୍ଗ ଚୁନ୍, ଏକାଡେମୀ ନିର୍ଦ୍ଦେଶକ, ସୁପିହା ନାଗମଲ, ନିର୍ଦ୍ଦେଶକ, କେରୱିନ୍ ହିଙ୍ଗ ଓ ଜିଏମ୍, ସଞ୍ଜୟ ପାଢୀ ଉପସ୍ଥିତ ଥିଲେ ।

# ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଭାଷା ବଦଳିବ: ଏଣିକି ଡେ କେୟାର ପିଏଚ୍‌ସି ଓ ୨୪ ଘଣ୍ଟିଆ ପିଏଚ୍‌ସି

ଭୁବନେଶ୍ୱର ,୧୯/୧୦ (ନି.ପ୍ର): ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍ ?ସି)ର ପରିଭାଷା ଓ ଚେହେରା ବଦଳିବ। ଏହା ଦୁଇ ଭାଗରେ ବିଭକ୍ତ ହେବା ସହିତ ଲୋକଙ୍କୁ ୨୪ଘଣ୍ଟା ସୁବିଧା ମିଳିବ। ଏହାସହ ଜନସଂଖ୍ୟା ଆଧାରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଉପଖଣ୍ଡ ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ। ଭାରତୀୟ ଜନସ୍ୱାସ୍ଥ୍ୟ ମାନଦଣ୍ଡ ବା ଆଇପିଏଚ୍‌ଏସ୍ ଆଧାରରେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ଗୁଣବତ୍ତା ବୃଦ୍ଧି କରିବାକୁ ବାଧ୍ୟତାମୂଳକ କରିଛନ୍ତି। ତେଣୁ ରାଜ୍ୟରେ ମଧ ଆଇପିଏଚ୍‌ଏସ୍ ଆଧାରରେ ହସ୍ପିଟାଲଗୁଡ଼ିକରେ ସୁଧାର ଆଣିବା ଲାଗି ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଆଇପିଏଚ୍‌ଏସ୍ ଅନୁସାରେ ୨୦୨୪ ଆର୍ଥିକ ବର୍ଷ ସୁଦ୍ଧା ଅତିକମ୍‌ରେ ୩୦ ପ୍ରତିଶତ ଓ ୨୦୨୫ ସୁଦ୍ଧା ୫୦ ପ୍ରତିଶତ ସ୍ୱାସ୍ଥ୍ୟାନୁଷ୍ଠାନର ଅପଗ୍ରେଡ୍ କରାଯିବା ଜରୁରୀ। ୧ହଜାର ଜନସଂଖ୍ୟାରେ ଗୋଟିଏ ଶଯ୍ୟା ଓ ଅନ୍ୟ ବର୍ଗ ପାଇଁ ମଧ ଏହି ମାନଦଣ୍ଡ ଧାର୍ଯ୍ୟ କରାଯାଇଛି। ପିଏଚ୍ ?ସିକୁ ଏବେ ଦୁଇ ଭାଗରେ ବିଭକ୍ତ କରାଯିବ। ଡେ କେୟାର ପିଏଚ୍‌ସି ଓ ଅନ୍ୟଟି ୨୪ଘଣ୍ଟିଆ ପିଏଚ୍‌ସି। ୨୪ଘଣ୍ଟିଆ ପିଏଚ୍‌ସିରେ ପ୍ରସବ ହେବା ଭଳି ସୁବିଧା କରାଯିବ। ଡେ କେୟାର ପିଏଚ୍‌ସିରେ ୨ଟି ଅବଜରଭେସନ ଶଯ୍ୟା ଓ ୨୪ଘଣ୍ଟିଆରେ ୬ଟି ଶଯ୍ୟା ରଖାଯିବ। ରାଜ୍ୟରେ ଥିବା ୪୯ଟି ଅନ୍ୟ ହସ୍ପିଟାଲ ମଧ୍ୟରୁ ୯ଟି ପିଏଚ୍‌ସିକୁ ଡେ କେୟାର ଓ ୪୦ଟିକୁ ୨୪ଘଣ୍ଟିଆ ପିଏଚ୍‌ସି ଭାବେ ସରକାର ନିଷ୍ପତ୍ତି ନେଇଛନ୍ତି। ମାତ୍ର ପ୍ରାଥମିକ ପର୍ଯ୍ୟାୟରେ କେଉଁ କେଉଁ ଜିଲ୍ଲାର କେତୋଟି ପିଏଚ୍‌ସିରେ ୨୪ଘଣ୍ଟିଆ ସେବା ଉପଲବ୍ଧ ହେବ ତାହା ଘୋଷଣା କରାଯାଇ ନାହିଁ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ସିଏଚ୍‌ସି ମଧ ସମାନ ଢଙ୍ଗରେ ପରିବର୍ତ୍ତନ ହେବ। ଫାଷ୍ଟ ରେଫରାଲ ୟୁନିଟ୍ ବା ଏଫ୍‌ଆରୟୁ ଓ ଅନ୍ୟଟି ଅଣ-ଏଫ୍‌ଆରୟୁ ସିଏଚ୍‌ସି। ଅଣ ଏଫ୍‌ଆରୟୁ ସିଏଚ୍‌ସିରେ ୩୦ ଶଯ୍ୟା ରହିବ। ଯେଉଁ ଅଣ ଏଫ୍‌ଆରୟୁ ସିଏଚ୍‌ସିରେ ୩୫ଟି ଶଯ୍ୟା ରହିଛି ତାହାକୁ ଅପଗ୍ରେଡ୍ କରାଯାଇ ୫୦ ଶଯ୍ୟାକୁ ବୃଦ୍ଧି କରାଯିବ। ଏଥିରେ ପ୍ରଜନନ, ମାତୃ, ନବଜାତକ, ଶିଶୁ, ବାଳକ/ବାଳିକା ସ୍ୱାସ୍ଥ୍ୟ ସହିତ ନ୍ୟୁଟ୍ରିସନ୍ ବା ଆରଏମ୍‌ଏନ୍‌ସିଏଏଚ୍+ଏନ୍ ସେବା ଉପଲବ୍ଧ ହେବ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଜନସଂଖ୍ୟା ଅନୁଯାୟୀ ଶଯ୍ୟା ବୃଦ୍ଧି କରାଯିବ। ୩୦ଲକ୍ଷରୁ ଅଧିକ ଜନସଂଖ୍ୟାରେ ୭ଶହ, ୨୦-୩୦ଲକ୍ଷରେ ୫ଶହ, ୧୦-୨୦ଲକ୍ଷ ଜନସଂଖ୍ୟାରେ ୪ଶହ, ୫-୧୦ଲକ୍ଷ ଜନସଂଖ୍ୟାରେ ୩ଶହ, ୨-୫ଲକ୍ଷ ଜନସଂଖ୍ୟାରେ ୨ଶହ ଓ ୨ଲକ୍ଷରୁ କମ୍ ଜନସଂଖ୍ୟାରେ ୧୦୦ଟି ଶଯ୍ୟା ରହିବ। ରାଜ୍ୟରେ ଥିବା କେତେକ ହସ୍ପିଟାଲରେ ପରିବର୍ତ୍ତନ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ନୟାଗଡ଼ରେ ଥିବା ବସନ୍ତ ମଞ୍ଜରୀ ଜେନେରୋଲ ହସ୍ପିଟାଲକୁ ଅପଗ୍ରେଡ୍ କରାଯାଇ ଉପଖଣ୍ଡ ହସ୍ପିଟାଲରେ ପରିଣତ କରାଯିବ। ଭଦ୍ରକ, କେନ୍ଦ୍ରାପଡ଼ା ଓ ମାଲକାନଗିରିରେ ଥିବା ୨ଟି ହସ୍ପିଟାଲରେ ୬ରୁ ଅଧିକ ଶଯ୍ୟା ଥିବା ବେଳେ ଏହାକୁ ୨୪ଘଣ୍ଟିଆ ପିଏଚ୍‌ସିରେ ପରିଣତ କରିବା ଲାଗି ରାଜ୍ୟ ସରକାର ଘୋଷଣା କରିଛନ୍ତି।

# ପିସିସି ଗଣମାଧ୍ୟମ ଆବାହକ ପଦରୁ ସତ୍ୟପ୍ରକାଶଙ୍କ ଇସ୍ତଫା

ଭୁବନେଶ୍ୱର ,୧୯/୧୦ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ସେଲ୍ ଆବାହକ ଓ ସାଧାରଣ ସଂପାଦକ ପଦରୁ ଇସ୍ତଫା ଦେଇଛନ୍ତି ସତ୍ୟପ୍ରକାଶ ନାୟକ। ନିଜର ଇସ୍ତଫାପତ୍ର ସେ ସଭାପତି ଶରତ ପଟ୍ଟନାୟକ ଓ ପ୍ରଭାରୀ ଏ.ଚେଲାକୁମାରଙ୍କ ନିକଟକୁ ପଠାଇ ଦେଇଥିବା କହିଛନ୍ତି। ଅଖିଳ ଭାରତ କଂଗ୍ରେସ ସଭାପତି ପଦ ପାଇଁ ହୋଇଥିବା ନିର୍ବାଚନ ପାଇଁ ପ୍ରସ୍ତୁତ ତାଲିକାରେ ନାଁ ନ ଥିବା ଓ ଭୋଟ୍ ନ ଦେଇପାରିବା କାରଣରୁ ସେ ପଦରୁ ଇସ୍ତଫା ଦେଇଥିବା ସ୍ପଷ୍ଟ କରିଛନ୍ତି। ଶ୍ରୀ ନାୟକ ଗଣମାଧ୍ୟମକୁ କହିଛନ୍ତି ଯେ ଗତକାଲି ଅଖିଳ ଭାରତ କଂଗ୍ରେସ ସଭାପତି ପଦ ପାଇଁ ନିର୍ବାଚନ ହୋଇଥିଲା। ଏଥିପାଇଁ ଓଡ଼ିଶାର ୪୨୭ଜଣ ସଦସ୍ୟଙ୍କ ସଂଶୋଧିତ ତାଲିକା ପ୍ରସ୍ତୁତ ହୋଇଥିଲା। ତେବେ ସେ ଗଣମାଧ୍ୟମ ସେଲ୍‌ର ଆବାହକ ସହିତ ପୁରୀ ନିର୍ବାଚନ ମଣ୍ଡଳୀରୁ ସାଂସଦଭାବେ ପ୍ରତିଦ୍ୱନ୍ଦିତା କରିଥିବା ସତ୍ତ୍ୱେ ବି ତାଲିକାରେ ନାଁ ରଖା ଗଲାନାହିଁ। ତେବେ ଆବାହକ/ସାଧାରଣ ସଂପାଦକ ପଦରୁ ଇସ୍ତଫା ଦେଇଥିଲେ ବି କଂଗ୍ରେସ ଦଳରେ ରହିଥିବା ସେ କହିଛନ୍ତି।

ଏହି ଘଟଣାରେ ପ୍ରତିକିୟା ରଖି ବିଧାୟକ ସୁରେଶ ରାଉତରାୟ କହିଛନ୍ତି ଯେ ସତ୍ୟଙ୍କ ପ୍ରତି ଅନ୍ୟାୟ କରାଯାଇଛି। ସେ ଜଣେ ଦଳର ଗର୍ବ। ହେଲେ ପିସିସି ସଦସ୍ୟ ତାଲିକାରେ ତାଙ୍କୁ ରଖା ନ ଯିବା ବ୍ୟଥିତ କରିଛି। ତେବେ ତାଙ୍କୁ ଧର୍ଯ୍ୟ ରଖିବା ଲାଗି ପରାମର୍ଶ ଦେଇଛି। ପିସିସି ସଦସ୍ୟ ନ ହେଲେ ବି ଏଆଇସିସି ସଦସ୍ୟ ହେବା ଲାଗି ସୋନିଆ ଗାନ୍ଧୀଙ୍କୁ ଅନୁରୋଧ କରିବି ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଉଲ୍ଲେଖ ଯେ ଏଆଇସିସି ସଭାପତି ପାଇଁ ରାଜ୍ୟର ୪୨୭ଜଣ ସଦସ୍ୟଙ୍କ ମଧ୍ୟରୁ ୪୧୨ଜଣ ଭୋଟ୍ ଦେଇଥିଲେ। ଆସନ୍ତାକାଲି ଫଳାଫଳ ପ୍ରକାଶ ପାଇବ।

# ରାସ୍ତା ମରାମତି ସ୍ଥାନରେ ମରିଛନ୍ତି ୫୦୦: ୧୦ ବର୍ଷରେ ସଡ଼କ ଦୁର୍ଘଟଣାରେ ୪୫ହଜାର ପ୍ରାଣ ହରାଇଛନ୍ତି

ଭୁବନେଶ୍ୱର ,୧୯/୧୦ (ନି.ପ୍ର): ରାଜ୍ୟରେ ୧୦ବର୍ଷରେ ୪୫ହଜାର ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏଥିରୁ ୭୦% ଅର୍ଥାତ୍ ପ୍ରାୟ ୩୧,୫୦୦ (୭୦%)ଜଣ ଯୁବ ବର୍ଗର। ଏମାନେ ସେମାନଙ୍କ ପରିବାରର ରୋଜଗାରକ୍ଷମ ସଦସ୍ୟ ଥିଲେ। ରାଜ୍ୟରେ କୋଭିଡ୍ ଆଦି କାରଣରୁ ମୃତ୍ୟୁକୁ ନେଇ ହଇଚଇ ହେଉଥିବା ବେଳେ ସଡ଼କ ଦୁର୍ଘଟଣା ଜନିତ ଏହି ପରିସଂଖ୍ୟାନ ହୃଦୟ ଥରାଇ ଦେବାଭଳି। ଆହୁରି ବଡ଼ କଥା ହେଉଛି, କେବଳ ୨୦୨୧ ମସିହାରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ୫୦୦ ଲୋକ ଜୀବନ ହରାଇଛନ୍ତି।

ଏସବୁ ପରିସଂଖ୍ୟାନ କୌଣସି ଘରୋଇ ସଂସ୍ଥାର ନୁହେଁ। ବରଂ ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ପରିବହନ ବିଭାଗ ଓ ପୁଲିସ ସରକାରଙ୍କୁ ଏହି ତଥ୍ୟ ପ୍ରଦାନ କରିଛନ୍ତି। ଉଦ୍‌ବେଗର ବିଷୟ ହେଉଛି, ସବୁବର୍ଷ ସମସ୍ତେ ଦୁର୍ଘଟଣାକୁ ନେଇ ଏମିତି ଚିନ୍ତାପ୍ରକଟ କରୁଛନ୍ତି। ଯେସା କରିଦେବୁ; ତେସା କରିଦିଆଯିବ ଏମିତି ସବୁ ଆଲୋଚନା ହେଉଛି, ଯାହାର ପୁନରାବୃତ୍ତି ଏବର୍ଷ ବି ଘଟିଲା। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଦୁର୍ଘଟଣାର ଅନେକ କାରଣ ମଧ୍ୟରୁ ପ୍ରମୁଖ କାରଣଗୁଡ଼ିକୁ ନେଇ ନିକଟ ଅତୀତରେ ସେଭଳି କୌଣସି ବିଶେଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନାହାନ୍ତି। ଦ୍ରୁତ ଗାଡ଼ିଚାଳନା ପୂରା ବନ୍ଦ ହୋଇପାରିନାହିଁ, ବା ସେ ଦିଗରେ ସରକାରଙ୍କ କଠୋରତା ଦେଖିବାକୁ ମିଳିନାହିଁ। ରାଜ୍ୟ ସରକାର ନିଶା କାରବାରକୁ ପୂରା ନିଷିଦ୍ଧ କରିନାହାନ୍ତି। ମାସ ମାସ ଧରି ଜାତୀୟ ରାଜପଥରେ ଭଙ୍ଗା ଗଡ଼ା ଚାଲିଥିବା ବେଳେ ଏହାକୁ କିଭଳି ସମୟସୀମା ମଧ୍ୟରେ ଶେଷ କରାଯିବ, ସେ ସମୟରେ ବିକଳ୍ପ ରାସ୍ତା ପାଇଁ କି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ ସେସବୁ ସଂପର୍କରେ ପରିବହନ ବିଭାଗ କିମ୍ବା ପୁଲିସ କେହି କିଛି କହିନାହାନ୍ତି। ରାସ୍ତା କଡ଼ରେ ଅଧିକକୁ ଅଧିକ ଟ୍ରମା କେୟାର ଖୋଲିବା ଲାଗି ଉଦ୍ୟମ ହୋଇନାହିଁ। ସରକାରଙ୍କ ପରିସଂଖ୍ୟାନ କହୁଛି, ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ପୁଲିସ ଓ ପରିବହନ ବିଭାଗ କେବଳ ଜରିମାନା ଆଦାୟରେ ମାତିଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିନ୍ତୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି। ଏପରିକି ଗତ ବର୍ଷ ଜାନୁଆରିରୁ ଜୁନ୍ ତୁଳନାରେ ଚଳିତବର୍ଷ ଏହି ସମୟରେ ୧୧% ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି। ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଖରାପ ରାସ୍ତା ଡିଜାଇନିଂ, ଖାଲଖମା ଭର୍ତ୍ତି ରାସ୍ତା, ରାସ୍ତାକଡ଼ରେ ଜବରଦଖଲ, ସଡ଼କ ସୁରକ୍ଷା ନେଇ ସଚେତନତା ଅଭାବ, ଜରୁରୀକାଳୀନ ଚିକିତ୍ସା ଅଭାବ, ସର୍ବୋପରି ନିଶା ସେବନ କରି ଗାଡ଼ିଚାଳନା। ମିଳିଥିବା ସୂଚନା ଅନୁସାରେ, ଏହି ବୈଠକରେ ନିଜେ ପୁଲିସ ଡିଜି ସୁନିଲ ବଂଶଲ ଉଦ୍‌ବେଗର ସହ କହିଥିଲେ ଯେ ୨୦୨୧ରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ପ୍ରାୟ ୫୦୦ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏହାର ପ୍ରମୁଖ କାରଣ ହେଉଛି ରାସ୍ତା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କି ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ନେଇନାହାନ୍ତି। ତେଣୁ ଏଣିକି ଅଧିକାରୀ ଓ ସଂସ୍ଥାଙ୍କ ଅବହେଳାକୁ ଗ୍ରହଣ କରାଯିବନାହିଁ। ଯଦି ରାସ୍ତା ମରାମତି, ନିର୍ମାଣ ହେଉଥିବା ସ୍ଥାନରେ କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ହୁଏ ତେବେ ମୋଟର ଯାନ ଆଇନ ଅନୁସାରେ ଇଞ୍ଜିନିୟର, ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲେ ନିର୍ଦ୍ଦିଷ୍ଟ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କିଏ ପଦକ୍ଷେପ ନେବେ, ସେ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି ହୋଇନାହିଁ। ଏହାସହ ପୁଲିସ ଡିଜି ଏକଥା ବି କହିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ ପୁଲିସ ପ୍ରଥମେ ଆହତଙ୍କ ପାଖରେ ପହଞ୍ଚିଥାଏ। ତେଣୁ ପୁଲିସକୁ ନିୟମିତ ପ୍ରଶିକ୍ଷଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଉପକରଣ ଯୋଗାଇବା ଦରକାର। ଏହା ମିଳିଲେ ହିଁ ଆମେ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିୟମିତ ଜାରି ହେଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାମ କରିପାରିବୁ। ବୈଠକରୁ ମିଳିଥିବା ତଥ୍ୟ ଆହୁରି କହୁଛି ଯେ, ବହୁ ଅଣପ୍ରାପ୍ତ ବୟସ୍କ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି। ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏକଥା ଏଥର କେବଳ ନୁହେଁ, ସବୁ ବୈଠକରେ ଚର୍ଚ୍ଚା ହେଉଛି। ଅନେକ ଥର ସରକାର ନିର୍ଦ୍ଦେଶ ଦେଇଛନ୍ତି- ଧରପଗଡ କର। ହେଲେ ଅନୁପାଳନ ହେଉନାହିଁ।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ପଢ଼ାଯିବ ସାଇବର ପାଠ

ଭୁବନେଶ୍ୱର ,୧୯/୧୦ (ନି.ପ୍ର): ଉଚ୍ଚ ଶିକ୍ଷାନୁଷ୍ଠାନରେ ସାଇବର ସୁରକ୍ଷା ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯିବ। ସ୍ନାତକ(ୟୁଜି) ଓ ସ୍ନାତକୋତ୍ତର(ପିଜି) ପାଠ୍ୟକ୍ରମ ସମ୍ପର୍କିତ ସିଲାବସ୍‌କୁ ସାଇବର ଜାଗ୍ରତ ଦିବସ ଅବସରରେ ଗତ ୬ ତାରିଖରେ ଉନ୍ମୋଚନ କରାଯାଇଛି, ଯାହାକି ୟୁଜିସି ୱେବସାଇଟ୍ www.ugc.ac.in ରେ ଉପଲବ୍ଧ ହୋଇଛି। ଏହା ମାଧ୍ୟମରେ ସାଇବର ସୁରକ୍ଷା ନେଇ ସାଧାରଣ ଲୋକଙ୍କୁ ସଚେତନ କରାଯାଇପାରିବ। ତେଣୁ ଏହି ସିଲାବସକୁ ପାଠ୍ୟକ୍ରମରେ ସାମିଲ କରିବା ଆବଶ୍ୟକୀୟ ପଦକ୍ଷେପ ନେବାକୁ ୟୁଜସି ପକ୍ଷରୁ ଦେଶର ସମସ୍ତ କୁଳପତି ଓ ଯୁକ୍ତି ତିନି କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି।

## ଆଡ଼ଭୋକେଟ୍ ବିଚିତ୍ର କୁମାର ବଡ଼ଜେନାଙ୍କ ତିରୋଧାନରେ ଶୋକସଭା

ଖୋର୍ଦ୍ଧା, ୧୯/୧୦(ନି.ପ୍ର): ଓଡ଼ିଶାର ଜନଶୁଣା ଆଡ଼ଭୋକେଟ୍ ବିଚିତ୍ର କୁମାର ବଡ଼ଜେନା, ଅପରାହ୍ନ ୫ଘଟିକାରେ ତିରୋଧାନ ହୋଇଯାଇଛି । ସେ ଉତ୍କଳ ସମ୍ମିଳନୀର ରାଜ୍ୟ ସମ୍ପାଦକ ରୂପେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ପ୍ରସାର ପାଇ ଅନେକ କାର୍ଯ୍ୟ କରିଥିଲେ । ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧାର ଉପଦେଷ୍ଟା ଥିଲେ ମଞ୍ଚର କର୍ମକର୍ତ୍ତା ସଭାପତି ସତ୍ୟବାଦୀ ବଳିଆରସିଂହ ଓ ସମ୍ପାଦକ ରାମଶଙ୍କରଙ୍କ ସହିତ ବୈକୁଣ୍ଠନାଥ ରାଜଗୁରୁ, ଭୀମସେନ ପ୍ରଧାନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବୈକୁଣ୍ଠ ମହାପାତ୍ର, ବସନ୍ତ କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ମହାରଣା, କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ସାଧନ କେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଭଦ୍ରକ,୧୯/୧୦(ନି.ପ୍ର): ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ଭଦ୍ରକ ବ୍ଲକସ୍ଥ ବନ୍ଧଗାଁ ନୋଡାଲ ହାଇସ୍କୁଲ ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ମୁଖ୍ୟ ଅତିଥି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ କୁମାର ରାଉତ ମୁଖ୍ୟବକ୍ତା, ବନ୍ଧଗାଁ ସରପଞ୍ଚ ନିରୋଦ କୁମାର ରାଉତ, ଆମ୍ବରୋଳି ସେବା ସମବାୟ ସମିତିର ସଭାପତି ଚିତ୍ତରଞ୍ଜନ ରାଉତ, ପୂର୍ବତନ ସମିତି ସଭ୍ୟ ଚନ୍ଦ୍ରକାନ୍ତ ରାଉତ, ବନ୍ଧଗାଁ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ କମଳାକାନ୍ତ ବାରିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିହର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ଚିହ୍ନଟ କରି ତାର ବିକାଶ ହେଲେ ଦେଶର ଉନ୍ନତି ସମ୍ଭବ ହେବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ସାଧନ କେନ୍ଦ୍ର ସଂଯୋଜକ ଦେବଦତ୍ତ ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ବାଣିତିଆ ହାଇସ୍କୁଲର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସେନାପତି ସ୍ୱାଗତ ଭାଷଣ ଓ ବନ୍ଧଗାଁ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟର ୧୧୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦାମୋଦର ମହାକୁଡ, ପିତାମ୍ବର ମିଶ୍ର, ଧନେଶ୍ୱର ଖୁଣ୍ଟିଆ, ନନ୍ଦିନୀ ସମାର୍ଥା, ଅଶୋକ ମହାପାତ୍ର, ବିଜୟ ମହାଲି ପରିଚାଳନା କରିଥିଲେ । ଶିକ୍ଷକ ଗୋବିନ୍ଦ ଦାସ, ଶରତ ଚନ୍ଦ୍ର ବେହେରା, ଚକ୍ରଧର ଦାସ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଗଣଦୁଷ୍କର୍ମ ମାମଲା : ୪ ଆସାମୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ଗଞ୍ଜାମ,୧୯/୧୦(ନି.ପ୍ର): ଗଣଦୁଷ୍କର୍ମ ମାମଲାରେ ୪ ଆସାମୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି ବ୍ରହ୍ମପୁର ସ୍ୱତନ୍ତ୍ର ପୋକସୋ କୋର୍ଟ । ୨୦୧୮ ରେ ଗଞ୍ଜାମ ଜିଲ୍ଲା ତାରାସିଂ ଥାନା ଅଂଚଳରେ ସମ୍ପୃକ୍ତ ନାବାଳିକା ଜଣକ ଗଣଦୁଷ୍କର୍ମର ଶିକାର ହୋଇଥିଲେ । ମାମଲାର ବିଚାର କରି ଆଜି କୋର୍ଟ ତାଙ୍କ ରାୟରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ଡ୍ରାମା ଅନୁଷ୍ଠିତ



ବାରିପଦା,୧୯/୧୦(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ସ୍ତରୀୟ ଡ୍ରାମା ବାରିପଦାସ୍ଥିତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ଚିନ୍ତାଧାରାର ପରିପ୍ରକାଶ ନିମିତ୍ତ ବିଜ୍ଞାନ ଡ୍ରାମା ଏକ ଶିକ୍ଷଣୀୟ କାର୍ଯ୍ୟକ୍ରମ ବୋଲି ମତବ୍ୟକ୍ତ କରିଥିଲେ । କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୟ କୁମାର କଳିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଟୀକାର କାହାଣୀ, ସମାଜିକ ଓ ବୈଜ୍ଞାନିକ ଦୃଷ୍ଟି କୋଣରୁ ସଂକ୍ରାମକ ରୋଗ ଜୀବନର ମାନ ନିର୍ଦ୍ଧାରଣରେ ବୈଷୟିକ ଜ୍ଞାନ କୌଶଳ, ଧାରଣୀୟ ବିକାଶର ମୌଳିକ ବିଜ୍ଞାନ ପ୍ରଭୃତି ଉପ ବିଷୟବସ୍ତୁ ଉପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ଅଭିନୟ କରିଥିଲେ । ବିଚାରକ ଭାବେ ନାଟ୍ୟକାର ଆଶିଷ କୁମାର ବସା ଓ ଅଧ୍ୟାପକ ରାଜେଶ କୁମାର ଦାଶ ଯୋଗ ଦେଇଥିଲେ । ଶ୍ରେଷ୍ଠ ବିବେଚିତ ବେତନଟୀ ବ୍ଲକ ଅଧିନସ୍ଥ ରଘୁନାଥ ହାଇସ୍କୁଲ, ରାଇକମାନଙ୍କ ପ୍ରଦର୍ଶିତ "ଯାଦୁଗର" ଡ୍ରାମା ଜୋନାଲ ସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ । ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ । ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ବସନ୍ତ କୁମାର ଦତ୍ତ, ତପନ କୁମାର ବାରିକ, ମନୋଜ କୁମାର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ହନିଟ୍ରାପରେ ସଂପୃକ୍ତ ରାଜନେତାମାନେ ଇସ୍ତଫା ଦିଅନ୍ତୁ : ସିପିଏମ୍




ଜଳେଶ୍ୱର ୧୯/୧୦(ନି.ପ୍ର): ରାଜ୍ୟ ରାଜନିତୀରେ ହଇଚଇ ସୃଷ୍ଟି କରିଥିବା ଅର୍ଚ୍ଚନା ନାଗଙ୍କ ହନିଟ୍ରାପ ମାମଲାରେ ସଂପୃକ୍ତ ରାଜନେତାମାନେ ନୈତିକତା ସୃଷ୍ଟିରୁ ପଦପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଆଜି ସିପିଏମ୍ ପକ୍ଷରୁ ଆୟୋଜିତ ସଭାରେ କୁହାଯାଇଛି । ରାଜ୍ୟ ଓ କେନ୍ଦ୍ରରର ଶାସନକ ଦଳର କେତେକ ରାଜନେତା ଓ କର୍ମଚାରୀ, ପ୍ରଶାସକ, ଅଫିସର, ପୋଲିସ୍ ସହିତ ଅନୈତିକ ସଂପର୍କ ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଆଜି ଅପରାହ୍ନ ୫ଟାରେ ସିପିଏମ୍‌ର ଜଳେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ବସ୍‌ଷ୍ଟାଣ୍ଡ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ଓ ଦେଶର ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଥିବା ବେଳେ ନେତାଙ୍କ ଚେହେରା ପ୍ରକଟିତ ହୋଇଛି । ହନିଟ୍ରାପ ଭଳି ଅନୈତିକ କାର୍ଯ୍ୟରେ ଯେଉଁମାନେ ସଂପୃକ୍ତଙ୍କ ବିରୋଧରେ ହାଇକୋଟର ମାନ୍ୟବର ବିଚାରପତିଙ୍କ ତଦାରଖରେ ଏସ୍‌ଆଇଟି ଗଠନ କରି ସେମାନଙ୍କୁ ଦଣ୍ଡ ଦେବାକୁ ଦାବି କରାଯାଇଛି । ଆୟୋଜିତ ସଭାରେ ଦିଲ୍ଲିପ କୁମାର ଗିରି ସଭାପତିତ୍ୱ କରିଥିବା ବେଳେ ଶିଶିର ହୁଇ, ସିତାଂଶୁ ସେଦାପତି, ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ ପରିଡା, ଜିତାଂଶୁ ନନ୍ଦି, ପଲ୍ଟୁ ଦାସ, ରାଜିବ ପଣ୍ଡା, ରବିନ୍ଦ୍ର ବାରିକ, ସେକ୍ ଅବଦୁଲ ସାଦ୍ଦିକ, ଗଣେଶ ପାତ୍ର, ପ୍ରକାଶ ଦେ, ମଦନ ମାହାଲି, ଗଣେଶ ଭୂୟାଁ, ଗଣେଶ ଜେନା ଓ ଭାଗବତ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ରାଜଧାନୀରେ ୫ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୧୯/୧୦(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ବୁଧବାର ମୋଟ ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୧୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୬ ହଜାର ୯୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୬୪ ହଜାର ୪୨୪ ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୧୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୪୫୦ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୬ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## +୨ ନାମ ଲେଖା ପାଇଁ ଆବେଦନ କରି ପାରି ନ ଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଆଉ ଥରେ ଅନଲାଇନ ଆବେଦନ ଫର୍ମ ଗ୍ରହଣ କରିବାକୁ ଦାବି

ବାରିପଦା,୧୯/୧୦(ନି.ପ୍ର): ମୟୂରଭଞ୍ଜ ଓଡ଼ିଶାର ସବୁଠାରୁ ବଡ ଆଦିବାସୀ ବହୁଳ ଜିଲ୍ଲା । ଜିଲ୍ଲାର ଅନେକ ସ୍ଥାନକୁ ମୋବାଇଲ ଏବଂ ଇଣ୍ଟରନେଟ ଅପହଞ୍ଚ । ତେଣୁ ମେଟ୍ରିକ ପାସ କରିଥିବା ଅନେକ ଛାତ୍ରଛାତ୍ରୀ +୨ ପଢିବାକୁ ଇଚ୍ଛୁକ ଥିଲେ ମଧ ଅନଲାଇନ ଆବେଦନ କରିପାରି ନାହାନ୍ତି । ତା. ୧୮.୧୦.୨୦୨୨ ତାରିଖରେ ସ୍ପଟ ଆଡମିସନ ବାହାରିବାର ଥିଲା । ତେଣୁ ଛାତ୍ରଛାତ୍ରୀମାନେ ଆବେଦନ କରିବେ ବୋଲି ଆଶା ବାନ୍ଧି ଥିଲେ । କିନ୍ତୁ ରାଜ୍ୟ ସରକାର ୧୮ ତାରିଖ ଦିନ ଯେଉଁ ସ୍ପଟ ଆଡମିସନ ପାଇଁ ସୁଯୋଗ ଦେଇଛନ୍ତି ତାହା କେବଳ ଆଗରୁ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦିଷ୍ଟ । ତେଣୁ ରାଜ୍ୟ ସରକାର ସପ୍ଲିମେଣ୍ଟାରୀରେ ପାସ କରିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଆଉଥରେ ଅନଲାଇନ ଆବେଦନ ସୁଯୋଗ ଦେବା ନିମନ୍ତେ ପୂର୍ବତନ ସାଂସଦ ତଥା ରାଜ୍ୟ ସରକାରଙ୍କର ଆଦିବାସୀ ବିଭାଗ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ ନାୟକ ଓ ପୂର୍ବତନ ସିନେଟ ସଦସ୍ୟ ସଂଘମିତ୍ରା ରାଉତ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତେଣୁ ଆଦିବାସୀ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ନଜର ରଖି ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶକ ପୁଣି ଥରେ ଅନଲାଇନ ଆବେଦନ ନିମନ୍ତେ ସୁଯୋଗ ଦେବାକୁ ଦାବୀ ହେଉଛି ।

## କାଦମ୍ବରୀ-ବ୍ରଜମୋହନ ମେଧା ସମ୍ମାନ ବିତରଣ ଉତ୍ସବ



ବସ୍ତା,୧୯।୧୦(ନିପ୍ର): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ପକ୍ଷରୁ ବୁଧବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ କାଦମ୍ବରୀ-ବ୍ରଜମୋହନ ମେଧା ସମ୍ମାନ ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଉମେଶ ଚନ୍ଦ୍ର ପ୍ରଧାନ ପୌରୋହିତ୍ୟ କରିବା ସହିତ ମେଧା ସମ୍ମାନର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ । ଅତିଥି ଭାବରେ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପିକା ଲିପିକା ଜାନା, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପକ ଦିବ୍ୟ ଇନ୍ଦୁ ଗିରି, ମେଧା ସମ୍ମାନର ପୃଷ୍ଠ ପୋଷାକ ସଞ୍ଜୟ କୁମାର ଦେ, ତାଙ୍କ ଧର୍ମ ପତ୍ନୀ ନିବେଦିତା ଦେ ପ୍ରମୁଖ ଯୋଗ ଦେଇ ସମ୍ମାନର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଗଣିତ ବିଭାଗ ମୁଖ୍ୟ ବରିଷ୍ଠ ଅଧ୍ୟାପକ ସୁକାନ୍ତ ଗିରି ଅତିଥି ପରିଚୟ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିଲେ ।ଯୁକ୍ତ ଦୁଇ କଳା ଓ ବିଜ୍ଞାନର ଦୁଇଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇ ଥିଲା । ସେହିପରି ଯୁକ୍ତ ତିନି କଳା ଓ ବିଜ୍ଞାନ ବିଭାଗରେ ଭିନ୍ନ ଭିନ୍ନ ଅନର୍ସ(ସମ୍ମାନ)ରେ ସର୍ବାଧିକ ନମ୍ବର ରଖି ଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ - ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ଆଶୁତୋଷ ଯତି, ଗୌତମ ସେନ ହାଁସଦା, ଅଜିତ ଭୂୟାଁ, ନଗେନ୍ଦ୍ର ପାତ୍ର, ତାପସ ତନୟ ନନ୍ଦୀ, ବଂଶୀଧର ନାୟକ, ଦେବେନ୍ଦ୍ର ସେଠୀ, ପରମାନନ୍ଦ ମହାନ୍ତି, ଦେବାଶିଷ ଷଡ଼ଙ୍ଗୀ, ସଂଗ୍ରାମ ନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ଡକ୍ଟର ଶିବ ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ବିଶ୍ୱ ଧଳାବାଡି ଦିବସ ପାଳିତ

ଜଳେଶ୍ୱର, ୧୯/୧୦(ନି.ପ୍ର): ଜଳେଶ୍ୱରସ୍ଥିତ ନନ୍ଦିକା ନିକଟରେ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ଓଡିଶା ଅକ୍ଷମ କଲ୍ୟାଣ ସମିତି ପକ୍ଷରୁ ଆନ୍ତର୍ଜାତୀୟ ଧଳାବାଡି ଦିବସ ପାଳିତ ହୋଇ ଯାଇଛି । ଏଥିରେ ବିଷ୍ଣୁପଦ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ପଣାସସ୍ଥିତ ନିଳାଚଳ ସେବା ପ୍ରତିଷ୍ଠାନର ଅଧ୍ୟାପକ ସହଦେବ ଦାସ ଯୋଗ ଦେଇ ଧଳବାଡି ସପ୍ତାହର ତାତ୍ପର୍ଯ୍ୟ ଓ ଦୃଷ୍ଟିବାଧିତ ମାନଙ୍କ ପାଇଁ ଧଳବାଡିର ଉପାଦେୟତା ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଂପାଦକ କପିଳେଶ୍ୱର ମହାନ୍ତି, କମଳ ଚକ୍ରବର୍ତ୍ତୀ, ଡ. ଈଶ୍ୱରଚନ୍ଦ୍ର ଜେନା, ଡ. ରମାକାନ୍ତ ଭଂଜ, ସୁନିଲ କୁମାର ନାୟକ, ଦିଲ୍ଲିପ ଗିରି, ଅଶୋକ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଧରିତ୍ରୀରାଣୀ ଦେ, ସୁଚିସ୍ମିତା ସେନାପତି, ଲୋପାମୁଦ୍ର ପରିଡା, ଆଲୋକ କୁମାର ପ୍ରଧାନ, ଗୀତାଞ୍ଜଳି ପଟ୍ଟନାୟକ, ଅଜୟ ମହାପାତ୍ର, ଗୌରୀଶଂକୀ ପ୍ରଧାନ, ଯଦୁନାଥ ନାୟକ, ଚିନାରାଣୀ ଦେ, ମାମୁନୀ ଦେ ପ୍ରମୁଖ ସହଯୋଗ କରିଥିଲେ । ଦୃଷ୍ଟି ବାଧିକ ବ୍ୟକ୍ତି ବିଶେଷଙ୍କୁ ଧଳାବାଡି ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଇଜାକ୍ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଓଆରଏଚଡିସି ଦୁର୍ନୀତି ମାମଲା....

ନିର୍ଦ୍ଦେଶକ ଥିବା ସମୟରେ ସ୍ୱସ୍ତି ରଞ୍ଜନ ମହାପାତ୍ର ଓଆରଏଚଡିସର କମ୍ପାନୀ ସେକ୍ରେଟେରୀ ଭାବେ କାର୍ଯ୍ୟ କରୁଥିଲେ । ୨୦୦୦ ଜୁନ୍ ୨୪ ତାରିଖରେ ମୋକିମଙ୍କ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍ ଓଆରଏଚଡିସିରେ ୧୫୦ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲା । ୧୫୦ ଲକ୍ଷର ଋଣକୁ ବିନୋଦ କୁମାର ଅନୁମୋଦନ କରିଥିଲେ ଏବଂ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ତିନିଟି କିସ୍ତିରେ ୨୦୦୦ ଜୁଲାଇ ୬ ତାରିଖରୁ ୨୦୦୦ ଅଗଷ୍ଟ ୨୮ ତାରିଖ ମଧ୍ୟରେ ଋଣ ଅର୍ଥ ପ୍ରଦାନ କରାଯାଇଥିଲା । ଲୋନ୍ ଏଗ୍ରିମେଂଟରେ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ନିର୍ଦ୍ଦେଶକ ପୀୟୂଷ ମହାନ୍ତି ଦସ୍ତଖତ କରିଥିଲେ । ତେବେ ଋଣ ନ ସୁଝିବା ଯୋଗୁ ୩୧ ଜୁଲାଇ ୨୦୦୭ ସୁଦ୍ଧା ମେଟ୍ରୋ ବିଲ୍ଡର ଉପରେ ୬କୋଟିରୁ ଅଧିକ ଟଙ୍କା ପେଣ୍ଡିଂ ରହିଥିଲା । ଫଳରେ ସରକାରଙ୍କ ଆର୍ଥିକ କ୍ଷତି ହୋଇଥିଲା । ଏହି ଓଆରଏଚଡିସି ଦୁର୍ନୀତି ମାମଲାରେ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ ମହମ୍ମଦ ମୋକିମ ଏବଂ ଅନ୍ୟ ତିନି ଜଣଙ୍କୁ ଆଇପିସି ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ କରିବା ସହ ତିନି ବର୍ଷ ଜେଲ ଦଣ୍ଡାଦେଶ ଏବଂ ୫୦ ହଜାର ଟଙ୍କାର ଜରିମାନାରେ ଦଣ୍ଡିତ କରିଥିଲେ । ଏହି ଦଣ୍ଡାଦେଶକୁ ବିରୋଧ କରି କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ୧୦ ତାରିଖରେ ମାମଲାର ପ୍ରାରମ୍ଭିକ ଶୁଣାଣି କରି ମୋକିମଙ୍କ ଆବେଦକୁ ଗ୍ରହଣ କରିବା ସହ ଜରିମାନା ଆଦାୟ ଉପରେ ରହିତାଦେଶ ଜାରି କରିଥିଲେ ହାଇକୋର୍ଟ । ଏହା ଛଡ଼ା ଏକ ଲକ୍ଷ ଟଙ୍କାର ଦୁଇ ଜଣ ଜାମିନଦାରଙ୍କ ବଦଳରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ ।

## ଶ୍ରୀକ୍ଷେତ୍ରରେ ମହାପ୍ରସାଦ....

୨୦୧୮ରେ ସୁପ୍ରିମକୋର୍ଟ ଶ୍ରୀମନ୍ଦିର ସଂସ୍କାର ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଥିଲେ । ଯେଉଁଥିରେ ଆନନ୍ଦବଜାର ଶୃଙ୍ଖଳା ପ୍ରମୁଖ ପ୍ରସଙ୍ଗ ରହିଥିଲା । ଏହାକୁ ୫ ବର୍ଷ ବିତିଗଲା, କିନ୍ତୁ ଆନନ୍ଦବଜାରରେ ଆଜି ପର୍ଯ୍ୟନ୍ତ ଦର ତାଲିକା ଲାଗି ପାରିଲାନି । ଯାହାର ଫାଇଦା ନେଇ ଦଲାଲମାନେ ପଶି ଭକ୍ତଙ୍କୁ ଶୋଷଣ କରିବା ଆରମ୍ଭ କରିଥିବା ଅଭିଯୋଗ ରହିଛି ।

## ଆଗାମୀ ୨୪ ଘଣ୍ଟାରେ ଲଘୁଚାପ....

ରୂପ ନେବା ଆଶଙ୍କା ରହିଛି । ଲଘୁଚାପ ପରେ ସମୁଦ୍ର ଆଶାନ୍ତ ହେବା ଆଶଙ୍କା ଥିବାରୁ ୨୨ ତାରିଖରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ବାରଣ କରାଯାଇଛି । ଏଥିପାଇଁ ସମୁଦ୍ର ମଧ୍ୟରୁ ଫେରି ଆସିବାକୁ କୁହାଯାଇଛି । ୨୩ ତାରିଖରୁ ଓଡ଼ିଶା ଉପକୂଳ ସମୁଦ୍ରର ଆଖପାଖ ଅଂଚଳକୁ ନଯିବା ପାଇଁ କୁହାଯାଇଛି । ଷ୍ଟିୟରିଂ କରେଣ୍ଟ, ପଶ୍ଚିମା ଝଡ଼ ସକ୍ରିୟ ରହିଛି । ଏହା ହିଁ ବାତ୍ୟାର ଗତିପଥ, ତୀବ୍ରତା ନିର୍ଦ୍ଧାରଣ କରିଥାଏ । ଏପରିକି ବାତ୍ୟାର ମୋଡ଼ ବଦଳିବା ସମ୍ଭାବନା ମଧ୍ୟ ବଢ଼ିଥାଏ । ତେଣୁ ସମ୍ଭାବ୍ୟ ବାତ୍ୟା ରି-କର୍ଭ କରିବା ଆଶଙ୍କା ରହିଛି । ୨୩ ତାରିଖରୁ ଉପକୂଳ ଜିଲ୍ଲାଗୁଡ଼ିକରେ ବର୍ଷା ହେବା ଆଶଙ୍କା ରହିଛି । ତେବେ ଲଘୁଚାପ ହେବା ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି କହିଛି ପାଣିପାଗ ବିଭାଗ । ଏପଟେ ସମ୍ଭାବ୍ୟା ବାତ୍ୟାକୁ ଦୃଷ୍ଟିରେ ରଖି ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଏହି ୭ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିସନର ।

# ମୁମ୍ବାଇ ଓଡିଶା ଭବନ ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ମୁମ୍ବାଇ/ଭୁବନେଶ୍ୱର, ୧୯/୧୦(ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ମୁମ୍ବାଇସ୍ଥିତ ଓଡିଶା ଭବନର ସଂପ୍ରସାରଣ ନିମନ୍ତେ ଭିତି ପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଭବନରେ ୨୮ ଗୋଟି ଏସି ରୁମ ଓ ୪ ଟି ଏସି ଡର୍ମିଟୋରୀ ରହିଛି । ଏହି ସବୁ ରୁମ ମଧ୍ୟରୁ ୧୬ ଗୋଟି ୨ ଶଯ୍ୟା ବିଶିଷ୍ଟ ଏସି ରୁମ ଓ ୨ ଟି ଏସି ଡର୍ମିଟୋରୀ ମୁମ୍ବାଇରେ କ୍ୟାନ୍ସର ଭଳି ଦୂରାରୋଗ୍ୟ ବ୍ୟାଧିର ଚିକିତ୍ସା ନିମନ୍ତେ ଆସୁଥିବା ଓଡିଆ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ସରକାରଙ୍କ ତରଫରୁ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଥିବା ଏହି ରହଣି ସୁବିଧା ଦ୍ୱାରା ଓଡିଶାର ଆର୍ଥିକ ଦୁର୍ବଳ ଶ୍ରେଣୀର ରୋଗୀମାନେ ବିଶେଷଭାବେ ଉପକୃତ ହୋଇ ଆସୁଛନ୍ତି । ତେବେ ମୁମ୍ବାଇ ଓଡିଶା ଭବନରେ ରୋଗୀମାନଙ୍କ ପାଇଁ ଅଧିକ ରୁମର ବ୍ୟବସ୍ଥା କରିବାକୁ ଓଡିଶାର ଜନସାଧାରଣ ତଥା ମୁମ୍ବାଇସ୍ଥିତ ବିଭିନ୍ନ ଓଡିଆ ସଂଗଠନ ତରଫରୁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା । ସେମାନଙ୍କର ଦାବୀକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଆଜି ଏହି ଭିତି ପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ -ଟି) ଭି. କେ. ପାଣ୍ଡିଆନ, ନିର୍ମାଣ ବିଭାଗ ଓ ଇଡ୍‌କୋର ଅଧିକାରୀ ବୃନ୍ଦ ତଥା ମୁମ୍ବାଇସ୍ଥିତ ବିଭିନ୍ନ ଓଡିଆ ସଂଗଠନର କର୍ମକର୍ତା ଉପସ୍ଥିତ ଥିଲେ । ଓଡିଶା ଭବନ, ମୁମ୍ବାଇର ଏହି ସଂପ୍ରସାରଣ ପୂର୍ଣ୍ଣ ହେଲେ ମୁମ୍ବାଇ ଭଳି ବ୍ୟୟବହୁଳ ସହରରେ ଅଧିକ କ୍ୟାନ୍ସର ପୀଡିତଙ୍କୁ ସ୍ୱଳ୍ପ ମୂଲ୍ୟରେ ରହଣି ଯୋଗାଇଦିଆଯାଇ ପାରିବ । ଏଥି ନିମନ୍ତେ ଓଡିଶାର ଜନସାଧାରଣ ତଥା ମୁମ୍ବାଇସ୍ଥିତ ବିଭିନ୍ନ ଓଡିଆ ସଂଗଠନ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶିବମୁନିଙ୍କର ୧୩୯ତମ ଶୁଭ ଜନ୍ମଦିନ ପାଳିତ



ରୂପସା ,୧୯/୧୦(ନି.ପ୍ର): ମଙ୍ଗଳବାର ଦିବା ୧୦ ଘଟିକା ସମୟରେ, ହାତିଆଡିହା ଶିବମୁନି ଯୋଗଶିକ୍ଷା ଦେଇ ରଥେ ,ଆଦିମୁନିଶ୍ୱର ଯୋଗେଶ୍ୱର ସଦଗୁରୁଦେବ ଶିବମୁନି ମହାରାଜଙ୍କର୧୩୯ ତମ ଜନ୍ମ ଜୟନ୍ତୀ, ପ୍ରଚାର ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ଆଶ୍ରମର ଉପାଧ୍ୟକ୍ଷା ସତ୍ୟନିଷ୍ଠା ଆତ୍ମଦର୍ଶିନୀ ମୁନିରାଜ୍ଞୀ କନକଲତା ଙ୍କ କରକମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇଥିଲା ।ମୁଖ୍ୟ ଅତିଥି ହିସାବରେ, ଆଶ୍ରମର ଉପଦେଷ୍ଟା,ସହଦେବ ଖୁଣ୍ଟା ଯୋଗାଶ୍ରମର ଯୋଗଶିକ୍ଷକ, ମୁନି ରନ୍ ବିଦ୍ୱାନ ଯୋଗୀ ତ୍ରିଲୋଚନ ମୁନି ଯୋଗଦାନ କରିଥିଲେ ।ମୁଖ୍ୟ ବକ୍ତା ହିସାବରେ, ପ୍ରାପ୍ତିର ପ୍ରଚାର ସଙ୍ଗଠନ ମନ୍ତ୍ରୀ, ମୁନିସମାଜରଜୋତି, ଜିଲ୍ଲା ସମ୍ପାଦକ,ଯୋଗୀ ଅନନ୍ତ ମୁନି ଯୋଗଦାନ କରିଥିଲେ ।ମୁନି ସଙ୍ଗୀତ ଗାନ କରିଥିଲେ, ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା । ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ, କଣ୍ଠଶିଳ୍ପୀ ଯୋଗ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ।ଆଶ୍ରମର କୋଷାଧକ୍ଷ ଯୋଗୀ ଭିକାରି ଚରଣ ମୁନି ଅତି ଶୃଙ୍ଖଳାର ସହିତ ମଞ୍ଚକୁ ଏବଂ ଜ୍ଞାନ ଯଜ୍ଞକୁ ସୁପରିଚାଳନା କରିଥିଲେ ।ପ୍ରଥମେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି,ଶିବମୁନିଜୀଙ୍କର ଦର୍ଶନ ଓ ସିଦ୍ଧାନ୍ତ ଉପରେ ଆଲୋକପାତ କରିବା ସହିତ ନିଜର ଉନ୍ନତି ସହିତ ଆଶ୍ରମର ଉନ୍ନତି ଉପରେ ଉପସ୍ଥିତ ସମସ୍ତଙ୍କ ନିକଟରେ କେତେକ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ଶିବମୁନିଙ୍କ ଜୀବନୀ ଉପରେ ରେଖାପାତ କରିଥିଲେ । ମୁନି ରାଜ ଅମୂଲ୍ୟ ମୁନି,ଶିବମୁନିଙ୍କ ଜୀବାଦ୍ୱୈତ୍ୟବାଦ ଉପରେ,ଆଲୋଚନା କରିଥିଲେ । ଜ୍ଞାନ ଯଜ୍ଞର ଆରମ୍ଭରେ ସମୂହ ପ୍ରଣବ କରାଯାଇଥିଲା । ଶାନ୍ତି ପାଠ କରିଥିଲେ ଯୋଗୀ ଭିକାରି ମୁନି ।ତା ପରେ ଶିବ ବଚନାମୃତ ପାଠ କରିଥିଲେ, ଆଶ୍ରମର ଯୋଗ ଶିକ୍ଷୟତ୍ରୀ ଆତ୍ମଦର୍ଶୀ କଳ୍ପନା ମିସ୍ତ୍ରୀ ମହୋଦୟା ।ଜଣେ ମୁନି ସମାଜର ଚକ୍ରଭେଦନ କ୍ରିୟା ନିୟମିତ କରି ଚାଲିଲେ ଏବଂ ତା ସହିତ ଯମ ନିୟମ ପାଳି ଚାଲିଲେ ସେ ଜୀବନ ତମାମ ସୁଖ-ଶାନ୍ତି-ଆନନ୍ଦରେ ରହିବ । ଉପସ୍ଥିତ ଥିଲେ- ମୁନିରାଜ୍ଞୀ ବିମଳା ଲେଙ୍କା,ବାସନ୍ତୀ ମହାଳିକ, ସୁସ୍ତୀ ଦଳାଇ, ମୁନି ମତୀ ଜାହ୍ନବୀ ଗିରି, ରମଣୀ ପାତ୍ର, ଯମୁନା ପାତ୍ର, ପୂର୍ଣ୍ଣମା ବର,ଯମୁନା ବର,ପ୍ରଭାସିନୀ ବର, ଫୁଲମଣୀ ବେହେରା,ବାସନ୍ତୀ ଗିରି, ଅପୂର୍ବ ବେହେରା, ସୀତାମଣୀ ଜେନା, କୈକେୟୀ ଜେନା ପ୍ରମୁଖ ଏବଂ ଶତାଧିକ ମୁନି ମୁନିମତୀ ମୁନିକୁମାର ମୁନି କୁମାରୀମାନେ । ଶେଷରେ ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ନୀଳଗିରି ମେଡିକାଲର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା : ଚଟାଣରେ ରୋଗୀ ନୂତନ ନିର୍ମିତ ଓପିଡି ୱାର୍ଡ କାର୍ଯ୍ୟକ୍ଷମ କେବେ ?

ନୀଳଗିରି,୧୯/୧୦(ନି.ପ୍ର): ନୀଳଗିରି ମେଡିକାଲ ଏକମାତ୍ର ଉପଖଣ୍ଡ ଡାକ୍ତରଖାନା ଯେଉଁଠାରେ ଅଧିକାଂଶ ରୋଗୀ ଆଦିବାସୀ ସଂପ୍ରାଦାୟର ହୋଇଥାଆନ୍ତି । ଦୈନନ୍ଦିନ ଶହ ଶହ ରୋଗୀ ବହୁ ଦୂରଦୂରାନ୍ତରୁ ଆସି ଏହି ମେଡିକାଲରେ ଚିକିତ୍ସିତ ହୋଇଥାଆନ୍ତି । ଆର୍ଥିକ ଅନାଟନରେ ରୋଗୀହନ୍ତସନ୍ତ ହୋଇ ଧାଇଁ ଆସିଥାଆନ୍ତି ଏହି ମେଡିକାଲକୁ । ମାତ୍ର ଦୁଃଖ ଓ ପରିତାପର ବିଷୟ ସରକାରଏହି ଚିକିତ୍ସାଳୟରେ ନୂତନ ଭାବେ ୫୦ଶଯ୍ୟାବିଶିଷ୍ଟ ଅର୍ନ୍ତବିଭାଗ ଏବଂ ବର୍ହିବିଭାଗର କାର୍ଯ୍ୟ ଦୀର୍ଘ ୬ମାସ ପୂର୍ବରୁ ସଂପୂର୍ଣ୍ଣ ହୋଇ ସାରିଥିଲେ ମଧ ଏଯାଏଁ କାର୍ଯ୍ୟକ୍ଷମ ହୋଇ ପାରି ନାହିଁ । ଫଳରେ ରୋଗୀ ସେବା ଏଭଳି ବିପର୍ଯ୍ୟସ୍ତ ହୋଇ ପଡ଼ିଛି ଯେ ଏଠାକୁଚିକିତ୍ସା ହେବାକୁ ଆସୁଥିବା ବହୁରୋଗୀ ଏବେ ବେଡ୍ ନ ପାଇ ଚଟାଣରେ ପଡ଼ି ରହିଛନ୍ତି । ଯାହା ଫଳରେ ରୋଗୀ ଏବଂ ରୋଗୀଙ୍କ ସହାୟକଙ୍କ ପାଇଁ ଏବେ ମରଣଯନ୍ତା ପାଲଟିଛି । ଏହି ଉପଖଣ୍ଡ ଚିକିତ୍ସାଳୟରେ ଏବେ ମୋଟ ୭୦ ଶଯ୍ୟା ବିଶିଷ୍ଟ ଶଯ୍ୟା ଥିବା ବେଳେ ଶଯ୍ୟା ତୁଳନାରେ ରୋଗୀ ସଂଖ୍ୟା ଏତେ ଅଧିକ ଯେ ରୋଗୀମାନେ ଚଟାଣରେ ପଡ଼ି ଡହଳବିକଳ ହେଉଛନ୍ତି । ଯେଉଁଠି ଫ୍ୟାନର ମଧ ସୁବିଧା ନାହିଁ । ମେଡିକାଲର ଡାକ୍ତର ଏବଂ ସ୍ୱାସ୍ଥ୍ୟ ସେବିକାଙ୍କ ଅଭାବରୁ ରୋଗୀ ଡାକ୍ତରଙ୍କୁ ଚାହିଁ ଚାହିଁ ଦିନରେ ତାରା ଗଣୁଛନ୍ତି । କିଛି ଦିନ ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳ ମେଡିକାଲ ପରିଦର୍ଶନରେ ଆସି ଖୁବ୍ ଶୀଘ୍ର ନୂତନ ବର୍ହିବିଭାଗ ଏବଂ ଅର୍ନ୍ତବିଭାଗ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶୃତି ଦେଇଥିଲେ । ମାତ୍ର ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନ ହେବା ଫଳରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି । ଯଦି ଜିଲ୍ଲାପାଳ ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ନୂତନ ବିଲ୍ଡିଂ କାର୍ଯ୍ୟକ୍ଷମ ହେଲେ ରୋଗୀ ସେବା ସଫଳ ହେବବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।ଏ ନେଇ ବିଜେଡି ନେତା ସନ୍ତୋଷ ଖଟୁଆ, ବାଲେଶ୍ୱର ସି.ଡି.ଏମ.ଓ.ଙ୍କ ସହିତ ଆଲୋଚନା କଲା ପରେ ଆଗାମୀ ୭ଦିନ ମଧ୍ୟରେ ନୂତନ ବିଲ୍ଡିଂ କାର୍ଯ୍ୟକ୍ଷମ ହେବା ସହ ନୂଆ ଡି.ଜି. ର ବ୍ୟବସ୍ଥା କରାଯିବ ।

ଗୁରୁବାର, ଅକ୍ଟୋବର ୨୦, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଲକ୍ଷ୍ମଣ ମଲ୍ଲିକ ଥିଲେ ଜଣେ ଦରଦୀ ଜନନେତା

ଭୁବନେଶ୍ୱର,୧୯/୧୦(ନି.ପ୍ର): ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ କହିଲେ ଯେ, ଲକ୍ଷ୍ମଣବାବୁ ପ୍ରକୃତରେ ଥିଲେ ଜଣେ ଦରଦୀ ଜନନେତା। ପ୍ରତ୍ୟେକ ବ୍ୟକ୍ତିର ଅସୁବିଧା ସମୟରେ ସେ ତାଙ୍କ ପାଖରେ ଠିଆ ହେବାର ବହୁ ଉଦାହରଣ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଠାରୁ ଆରମ୍ଭ କରି ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କର ସେ ଥିଲେ ଅସମୟର ବନ୍ଧୁ। ଲକ୍ଷ୍ମଣ ମଲ୍ଲିକ ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠାନର ସ୍ଥାୟୀ ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ୮ମ ଶ୍ରାଦ୍ଧ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବତନ ମନ୍ତ୍ରୀ ଶ୍ରୀ କାନୁନଗୋ ଉଦ୍‌ଘାଟନ କରିବା ସହ ସ୍ୱର୍ଗତ ମଲ୍ଲିକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସ୍ୱର୍ଗତ ମଲ୍ଲିକଙ୍କୁ ଜଣେ ନିରହଙ୍କାରୀ ବିବାଦଶୂନ୍ୟ ବ୍ୟକ୍ତିତ୍ୱ ବୋଲି କହିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ କହିଲେ ଯେ, ସମାଜରେ ଏହିଭଳି ମଣିଷମାନେ ଥିଲେ ବୋଲି ଆମର ଉତରପୀଢି ମନେ ରଖିବେ କି ନାହିଁ ଆଜି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଳେ ପଡ଼ିଥିବା ପ୍ରତ୍ୟେକଟି ମଣିଷର ଉତ୍‌ଥାନ ପାଇଁ ତାଙ୍କର ଚେଷ୍ଟାକୁ ଏ ଜାତି ଭୁଲିପାରିବ ନାହିଁ। ଜଗତସିଂହପୁରକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଜିଲ୍ଲା କରିବାରେ ତାଙ୍କର ପ୍ରଚ୍ଛନ୍ନ ହାତ ଥିଲା, କିନ୍ତୁ ଆମେ ତାର ମୂଲ୍ୟାୟନ କରିପାରୁ ନାହୁଁ। ପୂର୍ବତନ ଡିନ୍ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ଶ୍ରୀ ଜ୍ଞାନଦେବ ବେଉରା, ପୁଷ୍ପରାଜ ପ୍ରଧାନ, ପ୍ରଦ୍ୟୁମ୍ନ ଶତପଥୀ କହିଲେ ଯେ, ସ୍ୱର୍ଗତ ମଲ୍ଲିକ ଜଣେ ସଂସ୍କାରୀ ମଣିଷ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମାକର ଗୁରୁ, ପ୍ରଶାନ୍ତ ଶତପଥୀ, ଅମିୟ ପାଣ୍ଡବ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନୁଷ୍ଠାନର ସମ୍ପାଦକ ସୀତାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଓ ହୀତେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ନିଖିଳେଶ ମଲ୍ଲିକ, ବରୁଣ ରାଜ ପରିଚାଳନା କରିଥିଲେ।

## ଆନ୍ତର୍ଜାତୀୟ ସ୍ତରରେ ଇସ୍ପାତନଗରୀକୁ ବଡ଼ ସଫଳତା




ରାଉରକେଲା,୧୯/୧୦(ନି.ପ୍ର): ସ୍ମାର୍ଟସିଟି ରାଉରକେଲାକୁ ମିଳିଲା ଆନ୍ତର୍ଜାତୀୟ ପୁରସ୍କାର । ଅର୍ଥନୈତିକ ଓ ସାମାଜିକ ସମାନତନା ବର୍ଗରେ ଇ-କୁଲ୍ ମଣ୍ଡି ପାଇଁ ରାଉରକେଲାକୁ ମିଳିଲା ମିଲାନ୍ ପ୍ୟାକ୍ଟ ଆୱାର୍ଡ଼ ୨୦୨୨ । ବ୍ରାଜିଲ୍ ସ୍ଥିତ ରିଓ ଡି ଜେନିରିଓରେ ଅକ୍ଟୋବର ୧୭ ରୁ ୧୯ ତାରିଖ ମଧ୍ୟରେ ଅନୁଷ୍ଠିତ ମିଲାନ୍ ଅର୍ବାନ୍ ଫୁଡ୍ ପଲିସି ପ୍ୟାକ୍ଟ (ଏମ୍ୟୁଏଫ୍‌ପିପି)ର ୮ମ ଗ୍ଲୋବାଲ୍ ଫୋରମ୍‌ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ରାଉରକେଲା ମହାନଗର ନିଗମର ଖାଦ୍ୟ ସୁରଧା ଅଧିକାରୀଣୀ ସ୍ୱାଗତିକା ବେହେରା ସୋମବାର ଦିସ ରିଓ ଡିଜେନେରିଓରେ ଏହି ପୁରସ୍କାର ଗ୍ରହଣ କରିଥିଲେ । ଚଳିତ ବର୍ଷର ମିଲନ୍ ପ୍ୟାକ୍ଟ ପୁରସ୍କାର ପାଇଁ ମୋଟ ୧୩୩ଟି ସହରର ୨୫୧ଟି ପ୍ରକଳ୍ପକୁ ସାମିଲ କରାଯାଇଥିଲା। ଚଳିତ ବର୍ଷର ଏହି ପ୍ରତିଯୋଗିତାରେ ସର୍ବାଧିକ ସଂଖ୍ୟକ ପ୍ରକଳ୍ପକୁ ବିଚାରକୁ ନିଆଯାଇଥିଲା । ଏହା ସହିତ ପୁରସ୍କାର ବିଜେତା ସହରର ପ୍ରତିନିଧି ଅନ୍ୟ ପ୍ରତିଯୋଗିତାରେ ସାମିଲ ହୋଇଥିବା ଅନ୍ୟ ସହରର ପ୍ରତିନିଧିଙ୍କୁ ପ୍ରକଳ୍ପର ଉପଲବ୍ଧି ଏବଂ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ସାମ୍ନା କରିଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ଅବଗତ କରାଇଥିଲେ। ସୂଚନାଯୋଗ୍ୟ ଯେ, ପରିବା ବିକ୍ରେତା ମହିଳାଙ୍କ ନିୟମିତ ଆୟକୁ ସୁନିଶ୍ଚିତ କରିବା ଲାଗି ରାଉରକେଲା ମହାନଗର ନିଗମ ପକ୍ଷରୁ ଏହି ଇ- କୁଲ୍ ମଣ୍ଡି ପ୍ରକଳ୍ପକୁ ଆରମ୍ଭ କରାଯାଇଥିଲା । ଏହା ଦ୍ୱାରା ପ୍ରାୟ ୭୦୦ ବୁଲ୍ ବିକାଳୀ ଉପକୃତ ହେଉଛନ୍ତି । ଏଭଳି ପ୍ରକଳ୍ପ ଦ୍ୱାରା ପନିପରିବା ଅଭାବୀ ବିକ୍ରିକୁ ରୋକିବା ସହ ଏହା କିପରି ପଚିସଢ଼ି ନଯାଇ ସୁରକ୍ଷିତ ରହିବ ତାର ବ୍ୟବସ୍ଥା କରାଯାଇପାରୁଛି ।

## ଜଳେଶ୍ୱରର ଝିଅ ଓଡିଶା ପାଇଁ ଆଣିଲେ ଗୌରବ

### ୨୦୨୧ ବ୍ୟାଚ୍‌ର ଆଇ.ଏ.ଏସ୍ ଫଳ ପ୍ରକାଶିତ : ୩୫ ର୍ୟାଙ୍କରେ ରଶ୍ମି ପ୍ରଧାନ



ଜଳେଶ୍ୱର, ୧୯/୧୦(ରବି ପାତ୍ର): ଜଳେଶ୍ୱର ମାଟିର ଝିଅ ସମଗ୍ର ଓଡିଶା ପାଇଁ ଗୌରବ ଆଣିଛନ୍ତି । ନିକଟରେ ପ୍ରକାଶ ପାଇଛି ୟୁପିଏସ୍‌ସି-୨୦୨୧ ର ପରୀକ୍ଷା ଫଳ । ସେଥିରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଝାଡପିମ୍ପଳ ଗାଁର ଝିଅ ରଶ୍ମି ପ୍ରଧାନ ସର୍ବଭାରତୀୟ ସ୍ତରରେ ୩୫ ର୍ୟାଙ୍କରେ ଥିବାରୁ ଜଳେଶ୍ୱରରେ ଆନନ୍ଦର ଲହରି ଖେଳି ଯାଇଛି । ବାଲେଶ୍ୱର ଜିଲାର ଜଳେଶ୍ୱର ସ୍ଥିତ ସୁବର୍ଣ୍ଣରେଖା ନଦୀକୂଳ ଝାଡପିମ୍ପଳ ଗାଁର ବୈଜ୍ଞାନୀକ ରାଧାଶ୍ୟାମ ପ୍ରଧାନ ଓ ଶିୟଯତ୍ରୀ ମିନାକୁମାର ପ୍ରଧାନଙ୍କ କୂଳମଣ୍ଡନ କରି କନ୍ୟା ରଶ୍ମି ୨୬-୧୧-୧୯୯୭ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଶ୍ରୀ ପ୍ରଧାନ ଭୂବନେଶ୍ୱରର ଭୂତଳ ଜଳ ଉନ୍ନୟନ ବିଭାଗର ବରିଷ୍ଠ ଜଳ ତତ୍ୱବିତ୍ ଥିବା ବେଳେ ମା ଭୂବନେଶ୍ୱରର ଏକ ବିଦ୍ୟାଳୟରେ ଶିକ୍ଷକତା କରି ଆସୁଛନ୍ତି । ପିଲାଦିନରୁ ରଶ୍ମି ମେଧାବୀ ଛାତ୍ରୀ ଥିଲେ । ଭୁବନେଶ୍ୱର ଡିଏଭି ପବ୍ଲିକ ସ୍କୁଲରେ ଶିକ୍ଷାଲାଭ କରି ୨୦୧୩ ମସିହାରେ ମ୍ୟାଟ୍ରିକ, ୨୦୧୫ ମସିହାରେ +୨ ବିଜ୍ଞାନ ଓ ୨୦୧୯ ମସିହାରେ ଓୟୁଏଟି ବିଶ୍ୱ ବିଦ୍ୟାଳୟରୁ ସ୍ନାତକରେ କୃତିତ୍ୱର ସହ ଉର୍ତ୍ତିର୍ଣ୍ଣ ହୋଇଥିଲେ। ୨୦୨୦ ମସିହାରେ ଓଏଏସ୍‌ରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ସେ ଯୋଗ ଦେଇନଥିଲେ । ୨୦୨୧ରେ ସେ ୟୁପିଏସ୍‌ସି ପରୀକ୍ଷା ଦେଇ ଥିଲେ। ଗତ କିଛିଦିନ ତଳେ ୨ୟ ପର୍ଯ୍ୟାୟ ପରୀକ୍ଷା ଫଳ ପ୍ରକାଶ ପାଇଛି । ୬୩ଜଣ ର୍ୟାଙ୍କ ପାଇଥିବା ବେଳେ ରଶ୍ମି ପ୍ରଧାନଙ୍କ ନାମ ୩୫ରେ ରହିଛି ବୋଲି ଜଣାଯାଇଛି । ସେ ଏକମାତ୍ର ଓଡିଆଭାବେ କୃତିତ୍ୱ ହାସଲ କରିଥିବାରୁ ଜଳେଶ୍ୱରରେ ଖୁସିର ଲହରି ଖେଳି ଯାଇଛି । ତାଙ୍କର ଏପରି ସଫଳତା ପଛରେ ବାପା, ମା ଓ ପରିବାରବର୍ଗଙ୍କ ସହଯୋଗ ଥିବା ସେ କହିଛନ୍ତି । ପିଲାଦିନରୁ ଆଇଏଏସ୍ ହେବାର ସ୍ୱପ୍ନ ଏବେ ସାକାର ହେବାକୁ ଯାଉଥିବା ବେଳେ ସେ ଦେଶ, ରାଜ୍ୟ ଓ କୃଷକମାନଙ୍କ ଲାଗି କାର୍ଯ୍ୟକରିବା ପାଇଁ ସେ ପ୍ରତିଜ୍ଞାବଦ୍ଧ ବୋଲି କହିଛନ୍ତି ।


## ଧାମନଗର ଉପନିର୍ବାଚନ : ଜିଲ୍ଲାପାଳଙ୍କ ଦ୍ୱାରା ବୁଥ୍‌ସ୍ତରୀୟ କ୍ଷେତ୍ର ପରିଦର୍ଶନ

ଭଦ୍ରକ,୧୯/୧୦(ନି.ପ୍ର): ୪୬-ଧାମନଗର (ଏସ୍.ସି.) ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ତିହିଡ଼ି ବ୍ଲକ୍‌ର ସଂପୃକ୍ତ ଅଞ୍ଚଳକୁ ଗସ୍ତ କରି ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବୁଥ୍‌ସ୍ତରୀୟ ସର୍ବନିମ୍ନ ସୁବିଧା ଉପଲବ୍ଧ ନେଇ ସ୍ଥିତି ପରଖି ଥିଲେ। ସୂଚନା ଯୋଗ୍ୟକି ଧାମନଗର ଉପନିର୍ବାଚନରେ ଆଗାମୀ ନଭେମ୍ବର ୩ ତାରିଖରେ ସମୁଦାୟ ୨୫୨ଟି ବୁଥ୍‌ରେ ମତଦାନ ସଂଗ୍ରହ କରାଯିବ । ମତଦାତା ଓ ମତଦାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ପୋଲିଂ ଦଳଙ୍କ ଅବସ୍ଥାନ ପାଇଁ ସର୍ବନିମ୍ନ ସୁବିଧା ବ୍ୟବସ୍ଥା କରାଯାଇଛି । ବିଦ୍ୟୁତ୍ ସରବରାହ, ଶୌଚାଳୟ, ରାମ୍ପ, ମତଦାନ କକ୍ଷର ଝରକା କବାଟର ସ୍ଥିତାବସ୍ଥା, ପ୍ରବେଶଦ୍ୱାର, ବୁଥକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଆଦି ଦୃଷ୍ଟିକୁ ନିଆଯାଇ ମତଦାନ କେନ୍ଦ୍ର ତାଲିକାଭୁକ୍ତ କରାଯାଇଛି । ଜିଲ୍ଲାପାଳ କ୍ଷେତ୍ର ପରିଦର୍ଶନ କରି ଆଜି କେତେକ ବୁଥ୍‌ରେ ଏହି ସବୁ ସୁବିଧା ଓ ସମସ୍ୟା ନେଇ ତଦାରଖ କରିଥିଲେ ଓ ଆବଶ୍ୟକ ମତେ ସମାଧାନ ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

## ଶକୁନ୍ତଳା ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,୧୯/୧୦(ନି.ପ୍ର): ଶକୁନ୍ତଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୦୦ ଜଣ ଛାତ୍ରୀଙ୍କର ବ୍ଲଡ୍ ହିମୋଗ୍ଲୋବିନ୍, ବ୍ଲଡ୍ ଗ୍ରୁପିଂ, ଚକ୍ଷୁ ଏବଂ ଦାନ୍ତ ପରୀକ୍ଷା କରାଯାଇଥିଲା। ରୋଟାରୀ କ୍ଲବ ସହଯୋଗରେ ଆୟୋଜିତ ଶିବିର ପରିଚାଳନାରେ ସୌରଭ ବେହେରା, ସୁବ୍ରତ କର, କ୍ଷେତ୍ରମୋହନ ମହାପାତ୍ର, ମାତୃଦତ୍ତ ଦାସ, ପ୍ରଦୀପ୍ତ ପଣ୍ଡା, ଯଶୋଦା ନନ୍ଦନ ଆଶ୍, ବିଷ୍ଣୁଦାସ କୁଣ୍ଡୁ, ସନ୍ତୋଷ ନାହାକ, କାର୍ତ୍ତିକ ବେରା, ଲକ୍ଷ୍ମୀପ୍ରିୟା ଜେନା ତଥା ପୁରାତନ ଛାତ୍ର ପରିଷଦର ଅନସୂୟା ନାୟକ, ବିଷ୍ଣୁ ମହାନ୍ତି, ମଧୁସୂଦନ ବେହେରା, ଗୋପାଳ ଜେନା, ସତ୍ୟ ନାରାୟଣ ବାରିକ, ରମାକାନ୍ତ ମହାନ୍ତ, ନିଖିଲ ଆଶ, ଶୋଭାକର ସାହୁ, ପାର୍ଥ ସାରଥୀ ଆଶ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ରୋଟାରୀ କ୍ଲବ୍‌ର ସ୍ୱାସ୍ଥ୍ୟ କର୍ମଚାରୀ ଏଥିରେ ସମସ୍ତ ପରୀକ୍ଷା କରି ଛାତ୍ରୀମାନଙ୍କୁ ପରୀକ୍ଷା ରିପୋର୍ଟ ପ୍ରଦାନ କରିଥିଲେ। ତ୍ରୁଟି ଥିବା ଛାତ୍ରୀଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଥିଲା। ଆଗାମୀ ଦିନରେ ସହରର ଅନ୍ୟ ଶିକ୍ଷାନୁଷ୍ଠାନରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରି ପିଲାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ନିମନ୍ତେ ପ୍ରୟାସ ଜାରି ରଖିବାକୁ ସିଦ୍ଧାନ୍ତ କରାଯାଇଥିଲା।

## ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ସୌଜନ୍ୟ ସାକ୍ଷାତ କଲେ ପୂର୍ବତନ ମୁଖ୍ୟ ସଚେତକ ଓ ୨ ବିଧାୟକ



ଅମର୍ଦ୍ଦାରୋଡ,୧୯/୧୦(ନି.ପ୍ର): ପୂର୍ବତନ ମୁଖ୍ୟ ସଚେତକ ରବି ପାଣି, ଦଶପଲ୍ଲା ପୂର୍ବତନ ବିଧାୟକ କାଶୀନାଥ ମଲ୍ଲିକ ଓ ପୂର୍ବତନ ଖଣ୍ଡପଡ଼ା ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ରାଜ୍ୟର ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ସହ ଏକ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ବୁଧୁବାର ପୂର୍ବତନ ମୁଖ୍ୟ ସଚେତକ ଓ ପୂର୍ବତନ ଦୁଇ ବିଧାୟକ ଜଳେଶ୍ୱର ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଅମର୍ଦାରୋଡ଼ ନଟାକଟା ପଞ୍ଚାୟତ ସ୍ଥିତ ଶ୍ରୀ ମହାନ୍ତିଙ୍କ ବାସଭବନକୁ ଯାଇ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଖାଣ୍ଡପଡା ଇତିହାସ ଓ ସଂସ୍କୃତି ବିଷୟରେ ଲିଖିତ ଏକ ପୁସ୍ତକ ପ୍ରଦାନ କରିଥିଲେ।

## ଅର୍ଚ୍ଚନା ନାଗ ମାମଲା: ଇସ୍ତଫା ଦିଅନ୍ତୁ ମୁଖ୍ୟମନ୍ତ୍ରୀ : ଭକ୍ତ ଦାସ

ଭୁବନେଶ୍ୱର,୧୯/୧୦(ନି.ପ୍ର): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମାମଲାରେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ଦାବି କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସ। ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇ ପୁଣିଥରେ ନିର୍ବାଚନର ସାମ୍ନା କରିବାକୁ ଆହ୍ୱାନ ଦେଇଛନ୍ତି ଶ୍ରୀ ଦାସ। ବୁଧବାର ଦିନ ସେ କହିଛନ୍ତି ଯେ ଅର୍ଚ୍ଚନା ସହ୨୩ ବିଜେଡି ବିଧାୟକ, ୪ ମନ୍ତ୍ରୀ ସଂପୃକ୍ତ ଥିବା ଚର୍ଚ୍ଚା ହେଉଛି । କିନ୍ତୁ ସବୁ ଚୁପ୍ । ଅନ୍ୟ ରାଜ୍ୟରେ ଏଭଳି ହୋଇଥିଲେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇସାରନ୍ତେଣି । କିନ୍ତୁ ଆମ ରାଜ୍ୟରେ ସେମିତି କିଛି ଦେଖିବାକୁ ମିଳୁନି । ସଂପୃକ୍ତ ମନ୍ତ୍ରୀ, ବିଧାୟକଙ୍କୁ କାହିଁକି ବିଦା କରୁନାହାନ୍ତି ମୁଖ୍ୟମନ୍ତ୍ରୀ ? ଯଦି ସତ୍‌ସାହସ ଅଛି ଅଭିଯୁକ୍ତଙ୍କୁ ବାନ୍ଧି, ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ । ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇ ଆଉଥରେ ନିର୍ବାଚନର ସାମ୍ନା କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ଶ୍ରୀ ଦାସ । ସେ ଆହୁରି କହିଛନ୍ତି ବିରୋଧୀ ଠିକ୍ କାମ କରନ୍ତୁ । ଯେତେବେଳେ ବିରୋଧୀ ଠିକ୍ କାମ କରିବେ ସେତେବେଳେ ସରକାର ନିଶ୍ଚୟ ଭାଙ୍ଗିଯିବ ।

## ଆଇଏଫଏସ୍ ଅଭୟ ପାଠକଙ୍କ ଆର୍ଥିକ କାରବାର ମାମଲା : ଇଡିରେ ହାଜର ହୋଇଛନ୍ତି ସୁଜାତା ପାଣିଗ୍ରାହୀ

ଭୁବନେଶ୍ୱର, ୧୯/୧୦(ନି.ପ୍ର): ପୂର୍ବତନ ଆଇଏଫଏସ୍ ଅଭୟ ପାଠକଙ୍କ ଆର୍ଥିକ କାରବାର ମାମଲାରେ ବୁଧବାର ଇଡିରେ ହାଜର ହୋଇଛନ୍ତି ସୁଜାତା ପାଣିଗ୍ରାହୀ । ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ପତ୍ନୀ ହେଉଛନ୍ତି ସୁଜାତା ପାଣିଗ୍ରାହୀ । ଗତକାଲି ପ୍ରଦୀପ ପାଣିଗ୍ରାହୀଙ୍କ ଝିଅ ଶ୍ରୁତି ପାଣିଗ୍ରାହୀଙ୍କୁ ପ୍ରାୟ ୭ ଘଂଟା ଜେରା କରିଥିଲା ଇଡି । ଟାଟା କମ୍ପାନୀରେ ଚାକିରି କରାଇ ଦେବାକୁ କହି ଅଭୟ ପାଠକଙ୍କ ପୁଅ ଆକାଶ ପାଠକ କୋଟି କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା ।

## ସାମାଜିକ ଗଣମାଧ୍ୟମର ଉପଯୋଗ କର୍ମଶାଳା ଅନୁଷ୍ଠିତ




ଉଦଳା,୧୯/୧୦(ନି.ପ୍ର): ନୂଆସାହି ସ୍ଥିତ କପ୍ତିପଦା ମହାବିଦ୍ୟାଳୟର +୨ ସ୍ତରରେ ଥିବା ଜାତୀୟ ସେବା ଯୋଜନାର ଚାଲିଥିବା ସ୍ୱତନ୍ତ୍ର ଶିବିରର ଚତୁର୍ଥ ଦିବସ ଆଜି ଅକ୍ଟୋବର ୧୯ ତାରିଖ ବୁଧବାର ଦିନ ସାମାଜିକ ଗଣମାଧ୍ୟମର ଉପଯୋଗ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । କର୍ମଶାଳାର ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ବିଗତ କରୋନା କାଳରେ ସାମାଜିକ ଗଣମାଧ୍ୟମର ଆବଶ୍ରକତା କେତେ ଅଧିକ ଥିଲା ତାହା ଆମେ ଅନୁଭବ କରୁ ବୋଲି ଜଣାଇଥିଲେ । ଏହାପରେ ଭୁବନେଶ୍ୱରରୁ ଆସିଥିବା ମହିଳା ଶ୍ରମଜୀବି ମଞ୍ଚ, ଓଡ଼ିଶାର ରାଜ୍ୟ ପରିଚାଳକ ପ୍ରସନ୍ନ କୁମାର ପ୍ରଧାନ, କମ୍ୟୁନିକେସନ ଅଫିସର ନବକିଶୋର ପୁଜାରୀ ଓ ହାସ୍‌ଟାକଓରିୟର ମ୍ୟାନେଜର ନିତ୍ୟାନନ୍ଦ ଥାନପତି ସାମାଜିକ ଗଣମାଧ୍ୟମର ଉପଯୋଗ ସମ୍ପର୍କରେ ଆମେ ନଜାଣିଲେ ପଛୁଆ ହୋଇ ରହିଯିବା ବୋଲି କହିବା ସହିତ ମୋବାଇଲରେ ସମସ୍ତେ ଟୁଇଟର ଆକାଉଣ୍ଟ ଖୋଲିବା ଓ ଏହାର ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଆଶିଷ ମଲ୍ଲିକ , ଜନଜାଗୃତି ମଞ୍ଚର ଟିମ ଲିଡ଼ର ଗଦାଧର ଦାଶ, ଅଧ୍ୟାପକ ଡ଼କ୍ଟର ଶ୍ରୀହରି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅମ୍ବିକାପ୍ରସାଦ ପୁଥାଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ସିନେମା ନିର୍ମାଣ ନିମନ୍ତେ କର୍ମଶାଳା ଅନୁଷ୍ଠିତ




ବାରିପଦା,୧୯/୧୦(ନି.ପ୍ର): ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ୩ ଦିନିଆ ସାନ୍ତାଳୀ ସିନେମା ନିର୍ମାଣ ବିଷୟରେ କର୍ମଶାଳା ଆୟୋଜନ ହୋଇଯାଇଛି । ଏହି କର୍ମଶାଳାରେ ଝାଡଖଣ୍ଡ, ବିହାର, ୱେଷ୍ଟ ବେଙ୍ଗଲ ଓ ଓଡ଼ିଶାରୁ ସର୍ବମୋଟ ୪୫ଜ ଛାତ୍ର ସାନ୍ତାଳୀ ସିନେମା ନିର୍ମାଣ ବିଷୟରେ ଟ୍ରେନିଂ ନେଇଥିଲେ । ବମ୍ବେରୁ ଆସିଥିବା ଟେକନିକାଲ ଫିଲ୍ମ ପ୍ରୋଡକସନ ଆର.କେ. ସରେନ ଓ ସେରାଲ ମୁର୍ମୁ ଏହି କର୍ମଶାଳାରେ ଶିକ୍ଷାଦାନ କରିଥିଲେ। ଭାରତରେ ପ୍ରଥମଥର ସାନ୍ତାଳୀ ସିନେମା ନିର୍ମାଣ କର୍ମଶାଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର କିଶୋର କୁମାର ବସାଙ୍କ ଦ୍ୱାରା ଆୟୋଜନ କରାଯାଇଥିବାରୁ ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ଏବଂ ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଫାଉଣ୍ଡେସନର ପେଟ୍ରୋନ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଏହି କର୍ମଶାଳାରେ ଯୋଗ ଦେଇ କୁଳପତି ପ୍ରଫେସର ବସାଙ୍କୁ ପ୍ରଶଂସା କରିବା ସହିତ ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଫାଉଣ୍ଡେସନ ତରଫରୁ ସମ୍ମାନିତ ମଧ କରିଥିଲେ । ଏହି କାର୍ଯ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସ ବିଭାଗର ପଫେସର ଏମ. ହେମବିନ୍ଦୁ, ମ୍ୟୁଜିକ ଡାଇରେକ୍ଟର ଚନ୍ଦନ ବାସ୍କେ, ହିସି ମୁର୍ମୁ, ନିର୍ମାତା ଶ୍ୟାମ ସୁନ୍ଦର ମାଝୀ, ପୂର୍ଣ୍ଣଚନ୍ଦ୍ର ଆଇ.ଟି.ଆଇର ଅଧକ୍ଷ କାନ୍ଦନ ମାଝୀ, ସମାଜସେବୀ ଦିଗି ମୁର୍ମୁ, ଟାଟା ଷ୍ଟିଲ ଫାଉଣ୍ଡେସନରୁ ନିତିଶ କୁମାର, ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଫାଉଣ୍ଡେସନର ଚେୟାରମେନ ଦୀପକ କୁମାର ବେଶ୍ରା, ଭାଇସ - ଚେୟାରମେନ ଆଲୋକ ବାସ୍କେ, ଉତ୍କଳ ବିଶ୍ୱବିଦ୍ୟାଳୟ ସାନ୍ତାଳୀ ଭାଷା ବିଭାଗର ଅଧ୍ୟାପକ ଡକ୍ଟର ଜ୍ୟୋର୍ତି ବେଶ୍ରା, ଉପଦେଷ୍ଟା ଅଙ୍କିତ ବାଗଚି, ଇଭେଣ୍ଟ ମ୍ୟାନେଜର ଗୋପାଲ ଚନ୍ଦ୍ର ଦାସ ଓ ଆଶିଷ ମାର୍ଣ୍ଡି ଓ ଆଶିଷ ମାର୍ଣ୍ଡି ଓ ଅନ୍ୟମାନେ କର୍ମାଶାଳରେ ସକ୍ରିୟ ଅଂଶ ଗ୍ରହଣ କରି କର୍ମଶାଳାକୁ ସଫଳ କରାଇଥିବାରୁ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଆମ ମାତୃଭାଷା ପରିଷଦର 'ସଂକ୍ରାନ୍ତି ଆସର'



ଭଦ୍ରକ,୧୯/୧୦(ନି.ପ୍ର): ଓଡିଆ ସାହିତ୍ୟର ଅସ୍ମିତା "ଶ୍ରୀଜଗନ୍ନାଥ ପରମ୍ପରା" ବୋଲି ଆମ ମାତୃଭାଷା ପରିଷଦ ଆନୁକୂଲ୍ୟରେ ଭଦ୍ରକ କଲ୍ୟାଣୀ ନଗର ଗୁରୁକୃପା ଭବନରେ ଆୟୋଜିତ "ସଂକ୍ରାନ୍ତି ଆସର"ରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆୟୋଜିତ ଆସରରେ "ଆମ ସାହିତ୍ୟରେ ଶ୍ରୀଜଗନ୍ନାଥ" ଶୀର୍ଷକ ଆଲୋଚନା ଚକ୍ରରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡଃ ରାମଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଆଲୋଚନା ଚକ୍ରକୁ ମୁଖ୍ୟଅତିଥି ନାଟ୍ୟକାର ବିଜୟ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଜଗନ୍ନାଥ ସେବକ ଶରତ କୁମାର ସାହୁ, ବିଶେଷ ଅତିଥି ତ୍ୟାଗଭୂମୀ ସଂପାଦକ ତଥା ସମାଜସେବୀ ଅଜୟ ନାୟକ, କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ନୀହାର ରଂଜନ କର, ଓଡିଶା ସାହିତ୍ୟ ଆକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳି, ଓଡିଶା ନାଟ୍ୟ ଆକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟଶ୍ରୀ ନିର୍ମଳ ରାଉତ, ଅବସରପ୍ରାପ୍ତ ଅଧ୍ୟାପକ କମଳାକାନ୍ତ ସ୍ୱାଇଁ, ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ କୃପାସିନ୍ଧୁ ନାୟକ, ପ୍ରାଧ୍ୟାପକ ହରେକୃଷ୍ଣ ପଣ୍ଡା, ପ୍ରାଧ୍ୟାପକ ଅଟଳ ବିହାରୀ ନାୟକ ଓ ଡ. ସୁଦର୍ଶନ ବାରିକ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଷଦର ସଂପାଦକ ଡାକ୍ତର ଅନିଲ୍ କୁମାର ଦାଶ, ସମ୍ପାଦକୀୟ ପାଠ ସହ ଅନୁଷ୍ଠାନ ଅନେକ ସେବାକାର୍ଯ୍ୟ ହାତକୁ ନେଇ କର୍ମକରୁଛି ବୋଲି କହିଥିଲେ। ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ଓ ମଞ୍ଚକଳାକାର କାଳନ୍ଦି ମଲ୍ଲିକ ବେଦପାଠ କରିଥିଲେ। କବି ବିପ୍ଳବ ହୋତା ଓ ମଞ୍ଚକଳାକର, କବି ଗୌରାଙ୍ଗ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶିକ୍ଷାବିତ୍ ବାବୁଲାଲ ଦାସ, ପୂର୍ବତନ ଅଧକ୍ଷ ଗୋଲକ ବିହାରୀ ସାହୁ, ଡ. ଅବନୀ ପ୍ରଧାନ, ହରିଶ୍ ଚନ୍ଦ୍ର ଦାସ, ସନ୍ତୋଷ କୁମାର ସାହୁ, ଅମୀୟ କୁମାର ମହାପାତ୍ର, ଦମୟନ୍ତୀ ନାଥ, ମୀନତି ବାରିକ, ଆଇନ୍‌ଜୀବୀ ମନୋରଞ୍ଜନ ଦାସ, ମୋନାଲିସା ସାହୁ, ପ୍ରଭାତ କୁମାର ଜେନା, ଅଧ୍ୟାପକ ରମାକାନ୍ତ ନାୟକ, ରମାକାନ୍ତ ପାଳ, ରଜତ୍ କୁମାର ସାହୁ, ଅଂଶୁମାନ ସ୍ୱାଇଁ, ସରୋଜିନୀ ନାୟକ, ଉମାକାନ୍ତ ମହାଳିକ, ସତ୍ୟ ସେଠୀ, ବିଚିତ୍ରାନନ୍ଦ ଜେନା, ଉର୍ଦ୍ଧୁକବି ମୁସ୍ତାକ୍ ଗହ୍ୱର, ଅବଦୁଲ ଦୟାନ୍, ଅଧ୍ୟାପକ ମାଧବଚନ୍ଦ୍ର ଜେନା ଓ ନାରାୟଣ ପାଢ଼ୀ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ଶୀକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ସତ୍ୟ ସାଇ ବାବାଙ୍କ ଦିବ୍ୟ ପାଦୁକାଯାତ୍ରା



ବସ୍ତା,୧୯/୧୦(ନି.ପ୍ର): ବସ୍ତା ଥାନା ଅଧିନସ୍ଥ ସଦରବ୍ଲକମହକୁମା ଶ୍ରୀରାମପୁର, ରସଲପୁର, ଦୁଧହଂସା, ମଥାନୀ, ବାସୁଚକୁରାଇ ପଞ୍ଚାୟତ ରେ ବୁଧବାର ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁପାଦୂକା ଯାତ୍ରା ଆନନ୍ଦ ଉଲ୍ଲାସ ଭାବ ଭକ୍ତି ରେ ଶ୍ରଦ୍ଧାଳୁ ମାନେ ପାଦୁକା ରଥ ପରିକ୍ରମାକରିଛନ୍ତି । ଜିଲ୍ଲାପରିଚାଳକ ନିହାର ରଞ୍ଜନ ବାବୁ ଙ୍କ ତତ୍ୱବଧାନରେ ମଥାନୀ ଭଜନ ମଣ୍ଡଳିର କନ୍ ଭେନର ନରେନ୍ଦ୍ର ଦଣ୍ଡପାଟ, ଗୋପାଳ ଚନ୍ଦ୍ର ଦାସ, ପରିଚାଳନାରେ ପ୍ରତ୍ୟେକ ଗାଁ ସାହି ରେ ପଦଯାତ୍ରା ବାହାରିଥିଲା । ଶ୍ରୀରାମପୁର, ପଣ୍ଡରୁଙ୍ଗି, ତିଗିରିଆ, ପୁଡାପୋଡା, ଧାନହଣ୍ଡା, ସାନଖୁଡି, ଶିବଗଡିଆ, ଲକ୍ଷ୍ମଣାପଡା ସମେତ ବାସୁଚକୁରୀ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ । ଏହିଯାତ୍ରାରେ ଶତାଧିକ ମହିଳା ପୁରୁଷ, ଯୁବକ ଯୁବତୀ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହେବାସହିତ ସଂକିର୍ତ୍ତନ ଘଣ୍ଟ ଘଣ୍ଟା ନାମ ସଂକିର୍ତ୍ତନ ରେ ପଦଯାତ୍ରା ହୋଇଥିଲା । ସାନଖୁଡି, ଦୁଧହଂସା, ଚକୁରି, ଭଜନ ମଣ୍ଡଳିର ସମସ୍ତ ସଦସ୍ୟ ଉପସ୍ଥିତଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo